

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର, ୧୨ ସେପ୍ଟେମ୍ବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 12 SEPTEMBER 2022
Vol.No. 35 ■ No. 240 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022






ପ୍ରକାଶକ : ସୁବର୍ଣ୍ଣଶ୍ରୀ ପ୍ରକାଶିନୀ ବାଲେଶ୍ୱର-୧

ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ପ୍ରାପ୍ତିସ୍ଥାନ

ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର

ନଲେଜ୍ କର୍ଣ୍ଣର, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା ବାଲେଶ୍ୱର-୧


## ସିଏନ୍‌ଜି ବସ୍ କିଣା ମାମଲାର ଯାଞ୍ଚ କରିବ ସିବିଆଇ



ନୂଆଦିଲ୍ଲୀ, ୧୧/୦୯ : ବଢ଼ିଲା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲଙ୍କ ଅଡୁଆ । ସିଏନଜି ବସ୍ କିଣା ମାମଲାର ତଦନ୍ତ ଏବେ ସିବିଆଇ କରିବ । ଏନେଇ ମଞ୍ଜୁରୀ ଦେଇଛନ୍ତି ଦିଲ୍ଲୀ ଏଲ୍‌ଜି ତଥା ଉପ-ରାଜ୍ୟପାଳ ଭିକେ ସାକ୍ସେନା । ଡିଟିସି ଦ୍ୱାରା ଏକ ହଜାର ଲୋ-ଫ୍ଲୋର୍ ବସ୍ କିଣିରେ ହୋଇଥିବା ଦୁର୍ନୀତିର ଯାଞ୍ଚ ସିବିଆଇକୁ ପଠାଇବାକୁ ସେ ମଞ୍ଜୁରୀ ଦେଇଛନ୍ତି । ଏଲ୍‌ଜି କାର୍ଯ୍ୟାଳୟରୁ ମିଳିଥିବା ସୂଚନା ମୁତାବକ, ଡିଟିସି ଦ୍ୱାରା ୧୦୦୦ ଲୋ-ଫ୍ଲୋର୍ ବସ କିଣାରେ ଘୋର ଦୁର୍ନୀତି ହୋଇଥିବା ନେଇ ଚଳିତ ବର୍ଷ ଜୁନ୍ ମାସରେ ଏଲ୍‌ଜି ସଚିବାଳୟଙ୍କ ନିକଟକୁ ଅଭିଯୋଗ ଆସିଥିଲା । ଅଭିଯୋଗରେ ଦାବି କରାଯାଇଥିଲା ଯେ, ଯୋଜନାବଦ୍ଧ ରୂପେ ଟେଣ୍ଡର ଏବଂ ବସ୍ କ୍ରୟ ପାଇଁ ଗଠିତ କମିଟିର ସଭାପତି ଭାବରେ ଦିଲ୍ଲୀ ପରିବହନ ନିଗମ (ଡିଟିସି) ପରିବହନ ମନ୍ତ୍ରୀଙ୍କୁ ନିଯୁକ୍ତି କରିଥିଲା । ଦୁର୍ନୀତି କରିବା ଉଦ୍ଦେଶ୍ୟରେ ବିଆଇଏମ୍ ପରିଚାଳନା ପରାମର୍ଶଦାତା ଭାବରେ ଡିଆଇଏମ୍‌ଟିଏସ୍‌ଙ୍କୁ ନିଯୁକ୍ତ କରାଗଲା ଏବଂ ଜୁଲାଇ ୨୦୧୯ରେ ୧୦୦୦ ସିଏନ୍‌ଜିର ବିସଏସ୍-୪ ଓ ବିଏସ୍-୬ ବସ୍ କିଣିବା ପାଇଁ ବିଡ୍ ଦିଆଯାଇଥିଲା । ମାର୍ଚ୍ଚ ୨୦୨୦ରେ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତିନାମା ପାଇଁ ହୋଇଥିବା ଟେଣ୍ଡର ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା । ତେବେ ଗତ ବର୍ଷ ଅଭିଯୋଗ ପରେ ବସ୍ କିଣା ପାଇଁ ହୋଇଥିବା ଟେଣ୍ଡରକୁ ବାତିଲ କରାଯାଇଥିଲା । କିନ୍ତୁ ଉପରାଜ୍ୟପାଳ ଏହି ଅଭିଯୋଗକୁ ଜୁଲାଇ ୨୨ରେ ମୁଖ୍ୟ ସଚିବଙ୍କ ନିକଟକୁ ପଠାଇଥିଲେ । ୧୯ ଅଗଷ୍ଟରେ ମୁଖ୍ୟ ଶାସନ ସଚିବ ତାଙ୍କ ରିପୋର୍ଟ ପଠାଇଥିଲେ । ଏଥିରେ ଟେଣ୍ଡର ପ୍ରକ୍ରିୟାରେ ଗୁରୁତର ଦୁର୍ନୀତି ହୋଇଥିବା ଦେଖିବାକୁ ମିଳିଥିଲା । ସିଭିସି ନିର୍ଦ୍ଦେଶାବଳୀ ଏବଂ ସାଧାରଣ ଆର୍ଥିକ ନିୟମର ଚରମ ଉଲ୍ଲଂଘନ ହୋଇଥିବା କୁହାଯାଇଥିଲା । ଡିଟିସିର ଡେପୁଟି କମିଶନରଙ୍କ ରିପୋର୍ଟରେ ମଧ୍ୟ ସମାନ ଦୁର୍ନୀତି କଥା ଉଲ୍ଲେଖ କରାଯାଇଥିଲା । ଏହା ପରେ ଏବେ ସାକ୍ସେନା ସିବିଆଇକୁ ଏହି ଅଭିଯୋଗ ପଠାଇଛନ୍ତି । ସେପଟେ ବସ୍ କିଣା ମାମଲାରେ ସିବିଆଇ ତଦନ୍ତ ଉପରେ ଦିଲ୍ଲୀ ସରକାରଙ୍କ ବୟାନ ସାମ୍ନାକୁ ଆସିଛି । ଟେଣ୍ଡର ବାତିଲ ହୋଯାଇଥିଲା । ବସ୍ କେବେ କିଣାଯାଇ ନାହିଁ । ଦିଲ୍ଲୀକୁ ଜଣେ ଅଧିକ ଶିକ୍ଷିତ ଉପରାଜ୍ୟପାଳ ଦରକାର । ବର୍ତ୍ତମାନର ଉପରାଜ୍ୟପାଳ ଜାଣି ନାହାଁନ୍ତି ଯେ ସେ କ'ଣ ଓ କାହା ଉପରେ ଦସ୍ତଖତ କରୁଛନ୍ତି ବୋଲି ଦିଲ୍ଲୀ ସରକାର କହିଛନ୍ତି । ଦିଲ୍ଲୀ ସରକାରଙ୍କ ବୟାନ ମୁତାବକ, ଖୋଦ୍ ଉପରାଜ୍ୟପାଳଙ୍କ ଉପରେ ଅନେକ ▶▶ପୃଷ୍ଠା ୭

## ପ୍ରବଳ ବର୍ଷା ସତ୍ତ୍ୱେ ରାଜଧାନୀରେ ଦାବିକୁ ନେଇ ରାସ୍ତାକୁ ଓହ୍ଲାଇଲେ ଚୁକ୍ତିଭିତ୍ତିକ କର୍ମଚାରୀ




ଭୁବନେଶ୍ୱର,୧୧/୦୯ (ନି.ପ୍ର): ବିଶ୍ୱାସ ଓ ଭରସାର ମୂଳଦୁଆ ଉପରେ ଅବସ୍ଥାପିତ ଏକ ଜନମଙ୍ଗଳକାରୀ ରାଷ୍ଟ୍ରରେ ରାଜ୍ୟ ସରକାର ତା'ର ମୁଖ୍ୟ ଅଙ୍ଗକୁ କୁତ୍ସିତ ବ୍ୟବସ୍ଥା ଦ୍ୱାରା କିଭଳି ପଙ୍ଗୁ କରିଦିଆଯାଏ ଓଡ଼ିଶାର ଚୁକ୍ତିଭିତ୍ତିକ ନିଯୁକ୍ତି ବ୍ୟବସ୍ଥା ତାହାର ଏକ ଉଦାହରଣ । ଏହି ବର୍ଜନୀୟ ବ୍ୟବସ୍ଥାକୁ ସରକାର ତୁରନ୍ତ ପ୍ରତ୍ୟାହାର ଦାବିରେ ହଜାର ହଜାର ସଂଖ୍ୟାରେ ସମସ୍ତ ଓଡ଼ିଶା ସରକାରୀ ଚୁକ୍ତିଭିତ୍ତିକ କର୍ମଚାରୀ ଏବଂ ମାଧ୍ୟମିକ ତଥା କନିଷ୍ଠ ଶିକ୍ଷକମାନେ ଆଜି ମହାତ୍ମା ଗାନ୍ଧୀ ମାର୍ଗଠାରେ ବିଶାଳ ଗଣ ବିକ୍ଷୋଭ କରିଛନ୍ତି । ରାଜ୍ୟର ନିଅଣ୍ଟିଆ ଆର୍ଥିକ ଦୂରାବସ୍ଥା ସମୟରେ ସରକାର ଏହି ବ୍ୟବସ୍ଥା ପ୍ରଚଳନ କରି ରାଜକୋଷକୁ ସମୃଦ୍ଧ କରିଥିଲେ । ସେତେବେଳେ ଓଡ଼ିଶାର ଉଚ୍ଚଶିକ୍ଷିତ ଯୁବବର୍ଗ ବିଭିନ୍ନ ନିର୍ଦ୍ଧାରିତ କଷ୍ଟସାଧ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସରକାରୀ ଚାକିରୀ ଖଣ୍ଡେ ପାଇବାର ଆଶା ରଖି ଏହି ଚୁକ୍ତିଭିତ୍ତିକ ବ୍ୟବସ୍ଥାକୁ ବାଧ୍ୟବାଧକତାରେ ଗ୍ରହଣ କରିନେଇଥିଲେ । ଆଶା କରିଥିଲେ ନିକଟରେ ରାଜ୍ୟର ଆର୍ଥିକ ପ୍ରଗତି ହେବ ଏବଂ ସରକାର ତାଙ୍କ କର୍ମଚାରୀଙ୍କ ପ୍ରତି ନିଷ୍ଚୟ ସଦୟ ହୋଇ ଏହି ଚୁକ୍ତିଭିତ୍ତିକ ନିୟମ ପ୍ରତ୍ୟାହାର କରିନେବେ ଓ ରାଜ୍ୟରେ ସ୍ଥାୟୀ କର୍ମଚାରୀଙ୍କ ଭଳି ବେତନ ତଥା ଅନ୍ୟାନ୍ୟ ସୁବିଧା ସୁଯୋଗ ପୁନଃ ପ୍ରଚଳନ କରିବେ, କିନ୍ତୁ ତାହା ହେଲାନାହିଁ । ଅଧିକନ୍ତୁ ସପ୍ତମ ବେତନ କମିଶନ ଲାଗୁ ହେଲାପରେ ଚୁକ୍ତିଭିତ୍ତିକ ବ୍ୟବସ୍ଥାରେ ▶▶ପୃଷ୍ଠା ୭

## ମୁଖ୍ୟମନ୍ତ୍ରୀଙ୍କ ମୁମ୍ବାଇ ଗସ୍ତ ୧୩ରେ : ଇନଭେଷ୍ଟର୍ସ ମିଟରେ ଯୋଗଦେବେ



ଭୁବନେଶ୍ୱର,୧୧/୦୯ (ନି.ପ୍ର): ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ୧୩ ତାରିଖରେ ତିନିଦିନିଆ ମୁମ୍ବାଇ ଗସ୍ତରେ ଯିବେ । ହୋଟେଲ ଟ୍ରାଇଡେଂଟରେ ହେବାକୁ ଥିବା ୧୪ ତାରିଖ ସନ୍ଧ୍ୟାରେ ଓଡ଼ିଶା ଇନଭେଷ୍ଟର୍ସ ମିଟ୍ରେ ଯୋଗ ଦେବେ ବୋଲି ଜଣା ପଡିଛି । ଏଥିରେ ମୁଖ୍ୟମନ୍ତ୍ରୀଙ୍କ ସମେତ ମୁଖ୍ୟ ଶାସନ ସଚିବ ସୁରେଶ କୁମାର ମହାପାତ୍ର, ଶିଳ୍ପ ସଚିବ ହେମନ୍ତ ଶର୍ମାଙ୍କ ସମେତ ରାଜ୍ୟର ବହୁ ବରିଷ୍ଠ ଅଧିକାରୀମାନେ ସାମିଲ ହେବେ । ବିଶିଷ୍ଟ ଶିଳ୍ପପତି ମୁକେଶ ଅମ୍ବାନି, ଗୌତମ ଅଦାନିଙ୍କ ସମେତ ବହୁ ଶିଳ୍ପପତି ମଧ୍ୟ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । କାର୍ଯ୍ୟକ୍ରମରେ ଆସନ୍ତା ନଭେମ୍ବର ୩୦ରୁ ଡିସେମ୍ବର ୪ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ହେବାକୁ ଥିବା 'ମେକ୍ ଇନ୍ ଓଡ଼ିଶା -୨୦୨୨' କନକ୍ଲେଭ ରେ ସାମିଲ ପାଇଁ ନିବେଶକଙ୍କୁ ଆମନ୍ତ୍ରଣ କରାଯିବ । ମୁଖ୍ୟମନ୍ତ୍ରୀ ୧୫ରେ ଫେରିବେ ବୋଲି ସୂତ୍ରଙ୍କ ଠାରୁ ପ୍ରକାଶ ପ୍ରକାଶ ।

## ରାଜ୍ୟ ବାହାରକୁ ଯିବ ଡ୍ରଗ କଂଟ୍ରୋଲର ଟିମ୍



ଭୁବନେଶ୍ୱର,୧୧/୦୯ (ନି.ପ୍ର): କଟକରେ ଜବତ ହୋଇଥିବା ଟେଲମା-୪୦ ଓ ଟେଲମା-ଏଏମ୍ ଔଷଧ ନକଲି ବୋଲି ସ୍ପଷ୍ଟ ହୋଇଛି । ଡ୍ରଗ୍ସ କଂଟ୍ରୋଲର ଅଫିସର ଅଧିକାରୀମାନେ ଏ ନେଇ ବଳିଷ୍ଠ ପ୍ରମାଣ ପାଇଛନ୍ତି । ଏହା ପରେ ଏହି କାରବାର କରୁଥିବା ଭିଆର ଏଜେନ୍ସିର ମାଲିକ ବର୍ଷାରାଣୀ କୌଲ ଓ ତାଙ୍କ ପୁଅ ଏବଂ ପୂଜା ଏଣ୍ଟରପ୍ରାଇଜେସ୍ର ମାଲିକ ସଂଜୟ ଜଲାନ ଓ ତାଙ୍କ ସ୍ତ୍ରୀଙ୍କ ନାଁରେ ଏତଲା ଦେଇଛି ଡ୍ରଗ୍ସ କଂଟ୍ରୋଲ ବିଭାଗ । ଏହି ଦୁଇ ଏଜେନ୍ସିର ଲାଇସେନ୍ସ ବାତିଲ କରାଯାଇଛି । ଆଗକୁ ଦୋଷୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ କରିବାକୁ କଟକ ମେଡିସିନ ବିକ୍ରେତା ସଂଘ ଦାବି କରିଛି । ଘଟଣା ପରେ ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ତନାଘନା ଆରମ୍ଭ ହୋଇଛି । ଦୁଇ ଔଷଧ ବିତରକ ସଂସ୍ଥାର ଅନ୍ୟ କିଛି କର୍ମଚାରୀଙ୍କୁ ପୁଲିସ ପଚରାଉଚରା କରୁଛି । ଆବଶ୍ୟକ ପଡିଲେ ଏହି ଦୁଇ ସଂସ୍ଥାର ଅଫିସ ସିଲ ବି କରାଯାଇପାରେ ବୋଲି କଟକ ଡିସିପି କହିଛନ୍ତି । ଡ୍ରଗ୍ସ କଂଟ୍ରୋଲ ଟିମ୍ ଯେଉଁ ସବୁ ଟ୍ରେଡିଂ ବିଲ୍ ଜବତ କରିଛି ସେସବୁକୁ ଯାଞ୍ଚ କରାଯିବ । ବର୍ତ୍ତମାନ ପ୍ରଶ୍ନ ଉଠୁଛି, ଏହି ନକଲି ଔଷଧ କାରବାରରେ ଆଉ କେଉଁମାନେ ସାମିଲ ଅଛନ୍ତି ଓ ତାଙ୍କ ବିରୋଧରେ ଆଗକୁ କି କାର୍ଯ୍ୟାନୁଷ୍ଠାନ ନିଆଯିବ ।

## ନନ୍ଦନକାନନ ଚିଡ଼ିଆଖାନା ପରିଦର୍ଶନ କଲେ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ଚୌବେ

ଭୁବନେଶ୍ୱର,୧୧/୦୯ (ନି.ପ୍ର): କେନ୍ଦ୍ର ଜଙ୍ଗଲ ଓ ପରିବେଶ ରାଷ୍ଟ୍ରମନ୍ତ୍ରୀ ଅଶ୍ୱିନୀ ଚୌବେ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ପରିଦର୍ଶନ କରିଛନ୍ତି । ସେ ନବଜାତ ବାଘ ଛୁଆ ଓ ସିଂହ ଛୁଆର ନାମକରଣ କଲେ । ମାର୍ଚ୍ଚରେ ଜନ୍ମଗ୍ରହଣ କରିଥିବା ବାଘ ଛୁଆର ନାମ ହିମାଂଶୀ ଓ ସିଂହ ଛୁଆର ନାମ କାମିନୀ ରଖିଛନ୍ତି । ସେହିଭଳି ଏହି ବାଘ ଛୁଆ ଓ ସିଂହ ଛୁଆକୁ ଜୁ କିପର ହେମନ୍ତ ଓ ପ୍ରଶାନ୍ତ ମା ଭଳି ପାଳନ କରିଥିବାରୁ ସେମାନଙ୍କୁ ପୁରସ୍କୃତ କରିବାକୁ ପ୍ରତିଶ୍ରୁତି ଦେଇଥିବା ଜଣା ପଡିଛି । ସେହିପରି ନନ୍ଦନକାନନ ପରିଦର୍ଶନ ପରେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଚିଡ଼ିଆଖାନାକୁ ଭୂୟସୀ ପ୍ରଶଂସା କରିଛନ୍ତି । ନନ୍ଦନକାନନ ପରିଦର୍ଶନ ବେଳେ ଚୌବେ ବର୍ଷକର ସିଂହ ଛୁଆ ବର୍ଷା ଓ ପାଙ୍ଗୋଲିନ ଟ୍ରେନିଂ ସେଂଟର ବୁଲି ଦେଖିଛନ୍ତି । ଏ ଅବସରରେ କେନ୍ଦ୍ରମନ୍ତ୍ରୀ ଚୌବେ ନନ୍ଦନକାନନକୁ ବିଶ୍ୱସ୍ତରୀୟ ଚିଡିଆଖାନା ଭାବେ ବିକାଶ ଲାଗି ଯାହା କିଛି ଆର୍ଥିକ ତଥା ମଞ୍ଜୁରିଗତ ସହାୟତା ଆବଶ୍ୟକ ଯୋଗାଇଦେବାକୁ ନନ୍ଦନକାନନ କର୍ତ୍ତୃପକ୍ଷଙ୍କୁ ପ୍ରତିଶ୍ରୁତି ଦେଇଥିବା ଜଣା ପଡିଛି ।

## ଶଙ୍କରାଚାର୍ଯ୍ୟ ସ୍ୱାମୀ ସ୍ୱରୂପାନନ୍ଦ ସରସ୍ୱତୀଙ୍କ ଦେହାନ୍ତ



ଭୁବନେଶ୍ୱର,୧୧/୦୯ (ନି.ପ୍ର): ଦ୍ୱାରକା ଏବଂ ଶାରଦା ପୀଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ସ୍ୱରୂପାନନ୍ଦ ସରସ୍ୱତୀଙ୍କର ରବିବାର ଦିନ ଦେହାନ୍ତ ହୋଇଛି । ୯୯ ବର୍ଷ ବୟସରେ ମଧ୍ୟପ୍ରଦେଶର ନରସିଂହପୁର ଠାରେ ଥିବା ଗଙ୍ଗା ଆଶ୍ରମରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିବା କଥା କୁହାଯାଇଛି । ସ୍ୱାମୀ ସ୍ୱରୂପାନନ୍ଦ ସରସ୍ୱତୀଙ୍କୁ ହିନ୍ଦୁ ଧର୍ମର ସବୁଠାରୁ ବଡ ଧର୍ମଗୁରୁ ବୋଲି କୁହାଯାଏ । ସେ ଦୀର୍ଘଦିନ ହେବ ଅସୁସ୍ଥ ଥିଲେ । ଶଙ୍କରାଚାର୍ଯ୍ୟ ରାମ ମନ୍ଦିର ନିର୍ମାଣ ପାଇଁ ଦୀର୍ଘଦିନ ଲଢେଇ କରିଥିଲେ । ଏହା ବ୍ୟତୀତ ସେ ଦେଶ ସ୍ୱାଧୀନତା ପାଇଁ ଲଢେଇ କରିଥିବା କଥା ମଧ୍ୟ କୁହାଯାଉଛି । ସ୍ୱାମୀ ସ୍ୱରୂପାନନ୍ଦ ସରସ୍ୱତୀଙ୍କ ଜନ୍ମ ମଧ୍ୟପ୍ରଦେଶର ସିବନୀ ଜିଲ୍ଲାର ଦେଘୋରୀ ଗ୍ରାମରେ ହୋଇଥିଲା । ସେ ୯ ବର୍ଷ ବୟସରେ ଘରଛାଡି ଧର୍ମଯାତ୍ରା ଆରମ୍ଭ କରିଥିଲେ । ୧୯୪୨ ମସିହା ବେଳେକୁ ଯେତେବେଳେ ତାଙ୍କ ମାତ୍ର ୧୯ ବର୍ଷ ହୋଇଥିଲା ସେତେବେଳେ ସେ ଜଣେ କ୍ରାନ୍ତିକାରୀ ସାଧୁ ଭାବେ ନିଜର ପରିଚୟ ସୃଷ୍ଟି କରିପାରିଥିଲେ । ସେ ଦେଶର ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇ ବାରଣାସୀରେ ୯ ମାସ ଓ ମଧ୍ୟପ୍ରଦେଶ ଜିଲ୍ଲା ଜେଲରେ ୯ ମାସ ଏଭଳି ଭାବେ ମୋଟ ୧୫ ମାସ ଜେଲରେ ରହିଥିଲେ ।

## ଭାରତ ଯୋଡ ଯାତ୍ରା ବେଳେ ରାହୁଲଙ୍କୁ ବିବାହ ପ୍ରସ୍ତାବ ଦେଲେ ତାମିଲନାଡୁର ମହିଳା




ନୂଆଦିଲ୍ଲୀ, ୧୧/୦୯ : କଂଗ୍ରେସର ପୂର୍ବତନ ସଭାପତି ରାହୁଲ ଗାନ୍ଧୀ ବର୍ତ୍ତମାନ ଭାରତ ଯୋଡ଼ ଯାତ୍ରାରେ କନ୍ୟାକୁମାରୀରୁ କାଶ୍ମୀର ଅଭିମୁଖେ ଯାତ୍ରା କରୁଛନ୍ତି । ଆଜି ତାଙ୍କ ଗସ୍ତର ଚତୁର୍ଥ ଦିନ ହୋଇଥିବାବେଳେ ଗତକାଲି ଅପରାହ୍ନରେ ସେ କନ୍ୟାକୁମାରୀର ମାର୍ଥାଣ୍ଡାମରେ ମନରେଗାର ମହିଳା ଶ୍ରମିକଙ୍କୁ ଭେଟିଥିଲେ । ଆଉ ଏହି ସମୟରେ ମହିଳାମାନେ ତାଙ୍କୁ ବିବାହ ପ୍ରସ୍ତାବ ଦେଇଥିବାର ଜଣାପଡିଛି । ତେବେ ବିବାହ ପ୍ରସ୍ତାବ ଶୁଣି ରାହୁଲ ମୁରୁକି ମୁରୁକି ହସିଥିଲେ । କଂଗ୍ରେସ ସାଂସଦ ଜୟରାମ ରମେଶ ଏବାବଦରେ ଟ୍ୱିଟ କରି କହିଛନ୍ତି ଯେ ରାହୁଲ ମହିଳାମାନଙ୍କ ସହ ତାଙ୍କ ବିବାହ ବାବଦରେ କଥାବାର୍ତ୍ତା କରିଥିଲେ । ମିଳିଥିବା ସୂଚନା ମୁତାବକ ଶନିବାର ଅପରାହ୍ନରେ ଭାରତ ଯୋଡ଼ ଯାତ୍ରା ସମୟରେ ରାହୁଲ ମାର୍ଥାଣ୍ଡାମରେ ମନରେଗାର ମହିଳା କର୍ମୀଙ୍କୁ ଭେଟିଥିଲେ, ଯେଉଁଥିରେ ମହିଳାମାନେ ରାହୁଲ ଗାନ୍ଧୀଙ୍କ ସହ ତାଙ୍କ ବିବାହ ବିଷୟରେ ଆଲୋଚନା କରିଥିଲେ । ରାହୁଲ ଗାନ୍ଧୀ ତାଙ୍କ ବିବାହ ବିଷୟରେ ଶୁଣିବା ପରେ ବହୁତ ଖୁସି ମନେ ହେଉଥିଲେ । ମହିଳାମାନେ ରାହୁଲଙ୍କୁ କହିଥିଲେ ଯେ, ସେମାନେ ଜାଣନ୍ତି ଯେ ରାହୁଲ ଗାନ୍ଧୀ ତାମିଲନାଡୁକୁ ▶▶ପୃଷ୍ଠା ୭

## ଆମ୍ ଆଦ୍‌ମି ପାର୍ଟିର ଜିଲ୍ଲା ସମ୍ମିଳନୀ



ବାଲେଶ୍ୱର,୧୧/୦୯ (ନି.ପ୍ର): ଆମ ଆଦମି ପାର୍ଟି (ଆପ)ର ବାଲେଶ୍ୱର ଜିଲା ଶାଖା ସମ୍ମିଳନୀ ସ୍ଥାନୀୟ ବ୍ରିଟ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ଜିଲା ସଭାପତି ସ୍ୱର୍ଣ୍ଣଭାରତ ମଲିକ ଏଥିରେ ସଭାପତିତ୍ୱ କରିଥିଲେ । ଦଳର ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର ଏଥିରେ ଯୋଗଦେଇ ଆସନ୍ତା ୨୦୨୪ ନିର୍ବାଚନରେ ଓଡ଼ିଶାରେ ଆପର ସମ୍ଭାବ୍ୟ ସଫଳତା ସମ୍ପର୍କରେ ଆଶା ପ୍ରକାଶ କରିଥିଲେ । ଏନେଇ ଦଳୀୟ ସଂଗଠନକୁ ସୁଦୃଢ଼ କରିବା ପାଇଁ ସେ ଉପସ୍ଥିତ ଜିଲାସ୍ତରୀୟ କର୍ମକର୍ତ୍ତା ଓ କର୍ମୀଙ୍କୁ ଶ୍ରୀ ମହାପାତ୍ର ପରାମର୍ଶ ଦେଇଥିଲେ । ଦଳର ଜିଲା ପର୍ଯ୍ୟବେକ୍ଷକ ସୁନୀଲ ଷଡ଼ଙ୍ଗୀ କାର୍ଯ୍ୟକ୍ରମରେ ସଂଯୋଜନା କରିଥିବା ବେଳେ ନିକୁଞ୍ଜ ମହାନ୍ତି ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ୧୬ଲକ୍ଷ ଟଙ୍କାର ଜାଲ୍ ନୋଟ୍ ଜବତ



ଭୁବନେଶ୍ୱର,୧୧/୦୯ (ନି.ପ୍ର): ଜାଲ୍ ନୋଟ୍ କାରବାର କରୁଥିବା ଅପରାଧୀ ଅହମ୍ମଦ ଅଲୀଙ୍କୁ ଗିରଫ କରିଛି ରାଉରକେଲା ପୋଲିସ । ରାଜ୍ୟ ଏସଟିଏଫ୍, ରାଉରକେଲା ସେକ୍ଟର-୧୫ ପୋଲିସ୍ ସହାୟତାରେ ଅହମ୍ମଦକୁ ୧୭ ନମ୍ବର ସେକ୍ଟର-ସି'ରୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ଠାରୁ ୧୬ ଲକ୍ଷ ୧୧ ହଜାର ଟଙ୍କା ଜାଲ୍ ନୋଟ୍ ଜବତ କରାଯାଇଛି । ସେଥିମଧ୍ୟରେ ରହିଛି ୧୪ଲକ୍ଷ ୭୫ହଜାର ଟଙ୍କାର ୫୦୦ ଟଙ୍କିଆ ନୋଟ୍ ଏବଂ ୧ଲକ୍ଷ ୩୬ହଜାର ଟଙ୍କାର ୨୦୦ ଟଙ୍କିଆ ନୋଟ୍ । ଏହାସହ ଲାପଟପ୍, କଲର୍ ପ୍ରିଣ୍ଟର ଓ ଜାଲ୍ ନୋଟ୍ ଛାପିବା ପାଇଁ ଉଦ୍ଦିଷ୍ଟ ସାମଗ୍ରୀ ଜବତ ହୋଇଛି । ଅହମ୍ମଦ ତା'ର ସହଯୋଗୀ ଆନନ୍ଦ ଅମିତ ଲାକ୍ରାର ସହଯୋଗରେ ଜାଲ୍ ନୋଟ୍ କାରବାର କରୁଥିବାର ସୂଚନା ପାଇ ଚଢ଼ାଉ କରିଥିଲା ରାଜ୍ୟ ଟାସ୍କ ଫୋର୍ସ ଟିମ୍ । ଗିରଫ ଅଭିଯୁକ୍ତ ଦିଲ୍ଲୀ ବଦରପୁର ଥାନା ଅଞ୍ଚଳର ବୋଲି ଜଣାପଡ଼ିଛି । ସେହିପରି ଆନନ୍ଦ ଦେବଗଡ଼ର ବୋଲି ସୂଚନା ମିଳିଛି । ଏହି ମାମଲାରେ ପୋଲିସ ଅଧିକ ତଦନ୍ତ ଜାରି ରଖିଥିବା ବେଳେ ଖୁବଶୀଘ୍ର ଆନନ୍ଦକୁ ଗିରଫ କରିବ ବୋଲି ସୂଚନା ଦେଇଛି ।

## ବିସ୍ତୃତି ବର୍ଷା ସହ କେତେକ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ସମ୍ଭାବନା



ଭୁବନେଶ୍ୱର,୧୧/୦୯ (ନି.ପ୍ର): ଦକ୍ଷିଣ ଓଡିଶା ଏବଂ ପାର୍ଶ୍ୱବର୍ତ୍ତୀ ଅଂଚଳରେ ସୁଦୃଶ ଲଘୁଚାପ କ୍ଷେତ୍ର ଘନୀଭୂତ ହୋଇ ଅବପାତରେ ପରିଣତ ହୋଇଛି । ଗୋପାଳପୁର ଠାରୁ ଉତର-ପଶ୍ଚିମ ଦିଗରେ ୨୫ କି.ମି. ଦୂରରେ ଏହା କେନ୍ଦ୍ରୀଭୂତ ରହିଛି । ଏହା ଆଗାମୀ ୨୪ ଘଂଟା ମଧ୍ୟରେ ପଶ୍ଚିମ-ଉତର-ପଶ୍ଚିମ ଦିଗରେ ଦକ୍ଷିଣ ଓଡିଶା ତଥା ଦକ୍ଷିଣ ଛତିଶଗଡ ଦେଇ ଗତି କରିବା ସହ ଧୀରେ ଧୀରେ ଦୁର୍ବଳ ହେବାର ସମ୍ଭାବନା ରହିଛି । ସକ୍ରିୟ ସୁଦୃଶ ଲଘୁଚାପ କ୍ଷେତ୍ର ପ୍ରଭାବରେ ଉପକୂଳ ସମେତ ପାର୍ଶ୍ୱବର୍ତ୍ତୀ ଜିଲ୍ଲା ଗୁଡିକରେ ବର୍ଷା ଲାଗିରହିଛି । ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ଅବପାତ ପ୍ରଭାବରେ ଲାଗିରହିଛି ତୁହାକୁ ତୁହା ବର୍ଷା । ଆଜି ମଧ୍ୟ ରାଜ୍ୟରେ ବିସ୍ତୃତି ବର୍ଷା ସହ କେତେକ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷାର ସମ୍ଭାବନା ରହିଛି । ଲଘୁଚାପ ପ୍ରଭାବରେ ଓଡିଶା ଉପକୂଳରେ ସମୁଦ୍ର ଅଶାନ୍ତ ଥିବାରୁ ୧୨ ତାରିଖ ଯାଏଁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି ।

# କିଡ୍‌ନି ରୋଗାକ୍ରାନ୍ତଙ୍କୁ ମିଳୁନି ଚିକିତ୍ସା ସହାୟତା : ସାହାଯ୍ୟର ଭିକ୍ଷା ମାଗୁଛନ୍ତି ସ୍ତ୍ରୀ-ପିଲା

## ୨୫ ବର୍ଷ ଲଢ଼େଇ କରି ତୁଲୁବି ଗାଁକୁ ଫିଟାଇଥିଲେ ରାସ୍ତା



ଓଡ଼ଗାଁ ,୧୧/୦୯ (ନି.ପ୍ର): ଦିନ ଥିଲା ଅସମ୍ଭବକୁ ସମ୍ଭବରେ ପରିଣତ କରିଥିଲେ। ପ୍ରଶାସନ ଯାହା କରିପାରିନଥିଲା ତାହା କରି ସାରା ଓଡ଼ିଶାରେ ଚର୍ଚ୍ଚିତ ହୋଇଥିଲେ। ଦିନରାତି ଏକ କରି ନିର୍ମାଣ କରିଥିଲେ ଗାଁକୁ ନିତିଦିନିଆ ରାସ୍ତା। ବିଶାଳ ପାହାଡ଼କୁ ନିହାଣ ମୁନରେ କାଟି ପ୍ରଶାସନର ଆଖି ଖୋଲି ଦେଇଥିଲେ। ସେ ଆଉ କେହି ନୁହନ୍ତି ଓଡ଼ଗାଁ ବ୍ଲକ୍ ତୁଲୁବି ଗାଁର ହରି ବେହେରା। ସେ ଏବେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ତାଙ୍କର ଗୋଟିଏ କିଡ୍‌ନି ଖରାପ ହୋଇଥିବାରୁ ସେ ଏବେ ଶଯ୍ୟାଶାୟୀ। ଲୋକଙ୍କ ସେବାରେ ନିଜ ଜୀବନକୁ ବାଜି ଲଗେଇ ୨୫ ବର୍ଷ କାଳ ପାହାଡ଼ କାଟି ରାସ୍ତା ତିଆରି କରିବାରେ ହରି ବେହେରା ଥିଲେ ପ୍ରମୁଖ ବିନ୍ଧାଣି। ତାଙ୍କର ଏହି ସଫଳତା ପାଇଁ ତାଙ୍କୁ କୌଣସି ପୁରସ୍କାର କି ସମ୍ବର୍ଦ୍ଧନା ଦିଆଯାଇନାହିଁ କିନ୍ତୁ ଆଜି ସେ ଶଯ୍ୟାଶାୟୀ। ଅର୍ଥ ଅଭାବରୁ ସେ କଟକ, ଭୁବନେଶ୍ୱର, ବ୍ରହ୍ମପୁର ଏବଂ ନୟାଗଡ଼ ସବୁ ସ୍ୱାସ୍ଥ୍ୟକେନ୍ଦ୍ରରୁ ଫେରି ଆସିଛନ୍ତି। ଏବେ ଘରେ ଅଖିଆ ଅପିଆ ପଡ଼ିରହିଛନ୍ତି। ଏପଟେ ତାଙ୍କର ଏକମାତ୍ର ୩ ବର୍ଷର ପୁଅ ଏବଂ ଦୁଇଜଣ ପତ୍ନୀ ଠାକୁରଙ୍କ ପାଖରେ ସ୍ୱାମୀଙ୍କ ଆରୋଗ୍ୟ କାମନା କରିଛନ୍ତି।

ସୂଚନାଯୋଗ୍ୟ, ତୁଲୁବି ଗ୍ରାମର ହରି ବେହେରା (୫୨) ୧୯୭୦ ମସିହାରେ ନିପଟ ଆଦିବାସୀ ଗାଁରେ ଜନ୍ମଗ୍ରହଣ କରିଥିଲେ। ଗାଁକୁ ରାସ୍ତା ପାଇଁ ତୁଲୁବି ଗ୍ରାମବାସୀ ବାରମ୍ବାର ପ୍ରଶାସନ ନିକଟରେ ଗୁହାରି କରିଥିଲେ। ଏମିତିକି ତତ୍କାଳୀନ ବିଧାୟକ ସୀତାକାନ୍ତ ମିଶ୍ରଙ୍କୁ ଗ୍ରାମବାସୀ ରାସ୍ତା ନିର୍ମାଣ ପାଇଁ ଦାବି କରି ନିରାଶ ହୋଇଥିଲେ। ଆଦିବାସୀ ଜଙ୍ଗଲ ମଧ୍ୟଦେଇ ପାଦରେ ଯିବାଆସିବା କରୁଥିଲେ। ଘରକୁ ସଂପର୍କୀୟ ଆସିବାକୁ ହେଲେ ସେହି ଜଙ୍ଗଲିଆ ରାସ୍ତାରେ ଆସୁଥିଲେ ନଚେତ୍ ଅଧାରାସ୍ତାରୁ ଫେରି ଚାଲି ଯାଉଥିଲେ। ଏମିତି ବର୍ଷ ପରେ ବର୍ଷ ବିତିବାରେ ଲାଗିଥିଲା। ହରି ବେହେରା ୧୬ ବର୍ଷ ବୟସରେ ରାସ୍ତା ତିଆରି କରିବାକୁ ସଂକଳ୍ପ ନେଇଥିଲେ। ହାତରେ ହାତୁଡ଼ି, ନିହଣ ଧରି ପାହାଡ଼ ଭାଙ୍ଗିବାରେ ମନ ବଳାଇଥିଲେ। ତାଙ୍କ ବଡ଼ ଭାଇ କୃଷ୍ଣ ବେହେରା ମଧ୍ୟ ହରିଙ୍କ ସାଥ୍ ଦେଇଥିଲେ। ଦୁଇଭାଇ ଦିନରାତି ଏକ କରି ୨୫ ବର୍ଷର ଅକ୍ଳାନ୍ତ ପରିଶ୍ରମ ପରେ ଗାଁକୁ ନିତିଦିନିଆ ରାସ୍ତା ନିର୍ମାଣ କରିଥିଲେ। ବଡ଼ଭାଇ କୃଷ୍ଣ ବେହେରା ମଧ୍ୟ କିଡ୍‌ନି ରୋଗରେ ୧୦ ବର୍ଷ ତଳୁ ଆରପାରିକୁ ଚାଲିଗଲେଣି।

ଗତ ୩ବର୍ଷ ତଳେ ହରି ବେହେରା କିଡ୍‌ନି ରୋଗରେ ପୀଡ଼ିତ ଥିବା ଜାଣିବାକୁ ପାଇଥିଲେ। ତାଙ୍କର ବାମ ପଟ କିଡ୍‌ନି ନଷ୍ଟ ହୋଇଥିବା ଡାକ୍ତର କହିଛନ୍ତି। ହରି ଜଣେ ଆଦିବାସୀ ସମୁଦାୟର ବ୍ୟକ୍ତି ହୋଇଥିବାରୁ ତାଙ୍କ ପାଖରେ ଆର୍ଥିକ ସମ୍ବଳ ନାହିଁ ଓ ସେ ଘରେ ପଡି ରହିଛନ୍ତି। ୮ ଦିନ ହେବ ସେ ସଂପୂର୍ଣ୍ଣ ଶଯ୍ୟାଶାୟୀ ହୋଇ ପଡ଼ିଛନ୍ତି। କଥାବାର୍ତ୍ତା ବନ୍ଦ କରିବା ସହ ଅଖିଆଅପିଆ ଅବସ୍ଥାରେ ପଡିଛନ୍ତି। ଏପଟେ ତାଙ୍କର ଦୁଇ ପତ୍ନୀ ଚିନ୍ତାରେ ଭାଙ୍ଗି ପଡ଼ିଛନ୍ତି। ପ୍ରଥମ ପତ୍ନୀ କାଦମ୍ବିନୀ ବେହେରାଙ୍କୁ ବିବାହ କରିବା ପରେ ସନ୍ତାନ ନ ହେବାରୁ ସେ ପାର୍ବତୀ ବେହେରାଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ୧ କିଲୋମିଟର ପାହାଡ଼ ଭାଙ୍ଗି ରାସ୍ତା ତିଆରି କରିବା ବିରଳ କାର୍ଯ୍ୟ ବୋଲି କୁହାଯାଉଛି। ହେଲେ ହରି ବେହେରାଙ୍କ କାର୍ଯ୍ୟକୁ ସ୍ୱୀକୃତି ମିଳିନି କି ତାଙ୍କ ସମସ୍ୟା ଘୁଞ୍ଚିନି। ତାଙ୍କର ଏହି ସଫଳତା ପରେ ପ୍ରଶାସନ ଗାଁକୁ ମାଟି ପକାଇ ରାସ୍ତା ନିର୍ମାଣ କରିଛି ସତ କିନ୍ତୁ ହରି ବେହେରାଙ୍କ କଥା ଭୁଲିଯାଇଛି। ହରିଙ୍କ ଚିକିତ୍ସା ପାଇଁ ଜିଲ୍ଲା ପ୍ରଶାସନ କିମ୍ବା ରାଜ୍ୟ ସରକାରଙ୍କ ସହାୟତାର ହାତ ବଢ଼ାନ୍ତେ ତେବେ ତିନି ତିନିଟି ଜୀବନ ବଞ୍ଚିବା ସହିତ ହରି ବେହେରା ନୂଆ ଦୁନିଆ ଦେଖି ପାରନ୍ତେ। ଏମିତି ଜଣେ ସଫଳ ମଣିଷକୁ ବଞ୍ଚାଇବା ପାଇଁ ପ୍ରଶାସନ କି ପ୍ରକାର ପଦକ୍ଷେପ ନେଉଛି ତାହା ଦେଖିବାକୁ ବାକି ରହିଛି।

# ଚିତ୍ରକୋଣ୍ଡା ପୋଲିସ ପକ୍ଷରୁ ଗଞ୍ଜେଇ ଜବତ : ୩ ଗିରଫ

ମାଲକାନଗିରି ,୧୧/୦୯ (ନି.ପ୍ର): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ଥାନା ଅଧକାରୀ ଅନିଲ କୁମାର ପରିଡା ଙ୍କ ନେତୃତ୍ୱରେ ଚିତ୍ରାକୋଣ୍ଡା ଥାନା କର୍ମଚାରୀମାନେ ରେଖାପାଲି, ଆରଏସସି -୧ ୨ ଏବଂ ବଡ଼ ପଦର ମୁଖ୍ୟ ରାସ୍ତାରେ ଯାନବାହାନ ଯାଂଚ କରୁଥିଲେ। ଏହି ସମୟରେ ସେମାନେ ଏକ ନୀଳ ରଙ୍ଗର ଆଇଚର୍ ଟ୍ରାକ୍ଟରକୁ ରେଖାପାଲି ନିକଟରେ -ଅଟକାଇବାକୁ ଚେଷ୍ଟା କରିବାରୁ ପୋଲିସ୍ ପାର୍ଟୀ କୁ ଦେଖି ଡ୍ରାଇଭର ଏବଂ ଡାଲାରେ ବସିଥିବା ଅନ୍ୟ ଦୁଇ ଜଣ ବ୍ୟକ୍ତି ଟ୍ରାକ୍ଟର ଜଙ୍ଗଲ ଆଡକୁ ନେଇ ଖସିଯିବାକୁ ପ୍ରୟାସ କରିଥିଲେ !ହେଲେ ପୋଲିସ୍ ପାର୍ଟି ସେମାନଙ୍କୁ ଧରି ପାରିଲା । ସନ୍ଧାନ ସମୟରେ ସେମାନେ ଟ୍ରାକ୍ଟର ରେ ୨ ୯ଟି ଜରି ପ୍ୟାକେଟରେ ୬ ୮ ୩ କିଲୋଗ୍ରାମ ୮ ୦୯ ଗ୍ରାମ ଗଞ୍ଜେଇ ରଖିଥିବା ଦେଖିଥିଲେ । ପଚରାଯିବାରୁ ସେମାନେ ପ୍ରକାଶ କରିଛନ୍ତି ଯେ ଉକ୍ତ ଗଞ୍ଜେଇ ଆନ୍ଧ୍ର ର ଦା ରାକୋଣ୍ଡା ପାର୍ଶ୍ୱରୁ କିଣି ବିକ୍ରୟ ଉଦ୍ଦେଶ୍ୟରେ ଆନ୍ଧ୍ରପ୍ରଦେଶ ପାର୍ଶ୍ୱକୁ ପରିବହନ କରୁଥିଲେ । ଏ ସଂକ୍ରାନ୍ତରେ ଚିତ୍ରକୋଣ୍ଡା ଥାନା ମାମଲା ସଂଖ୍ୟା -୧୧୪/୨୦୨୨ ରେଜିଷ୍ଟ୍ରେସନ୍ ହୋଇଛି। ଗିରଫ ଅଭିଯୁକ୍ତ ମାନେ ହେଲେ ପାପରମେଟଲା ଥାନା ଲୁଚାପାଣି ଗ୍ରାମର ସୀତିଖିଲ, ବାସୁଦେବ ଜାଲା ଓ ଯନ୍ତାପାଇଁ ଗ୍ରାମର ଦେବବଦ୍ରା କିଂଚାଇ। ଗିରଫ ଅଭିଯୁକ୍ତ ମାନଙ୍କୁ ଆଜି କୋର୍ଟକୁ ପଠାଯାଇଥିବାର ଚିତ୍ରକୋଣ୍ଡା ଏସଡିପିଓ ଅଂଶୁମାନ ଦ୍ୱିବେଦୀ ସୂଚନା ଦେଇଛନ୍ତି ।

# ସେଂଟଜନ ଜୁନିୟର ଆମ୍ବୁଲାନ୍ସ ପକ୍ଷରୁ ବିଶ୍ୱ ଫାଷ୍ଟଏଡ୍ ଦିବସ ପାଳିତ

ପୁରୀ,୧୧/୦୯ (ନି.ପ୍ର): ସେଂଟଜାନ ଜୁନିୟର ଆମ୍ବୁଲାନ୍ସ ପୁରୀ ପକ୍ଷରୁ ବିଶ୍ୱ ଫାଷ୍ଟଏଡ଼ ଦିବସ ଉପଲକ୍ଷେ ପ୍ରାଥମିକ ଚିକିତ୍ସା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ଉପଦେଷ୍ଟା ବଦ୍ରି ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଉପଜିଲ୍ଲାପାଳ ଭବତାରଣ ସାହୁ,ମେଡ଼ିକାଲ ସୁପରିଟେଣ୍ଡେଂଟ ପ୍ରଣବ ରଞ୍ଜନ ଦାସ, ଡ଼ାକ୍ତର ଅଭିମନ୍ୟୁ ଭୂୟାଁ, ଆଇନଜୀବୀ ଚକ୍ରଧର ମହାପାତ୍ର,ଡ଼ାକ୍ତର ଦେବ ଦାସ, ଡ଼ାକ୍ତର ପବିତ୍ର ପ୍ରଧାନ,ଆମ୍ବୁଲାନ୍ସର ଯୁଗ୍ମ ସମ୍ପାଦକ ମଧୁସୂଦନ ମିଶ୍ର ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଫାଷ୍ଟଏଡ଼ ସମ୍ପର୍କରେ ବୁଝାଇଥିଲେ । ଭୁବନେଶ୍ୱରରୁ ଆସିଥିବା ତାଲିମ ଅଧିକାରୀ ମନୋଜ ମୁଖାର୍ଜୀ, ଡାକ୍ତର ପ୍ରଭାତ ଦାସ, ଜାତୀୟ ତାଲିମ ପ୍ରାପ୍ତ ସ୍ୱେଚ୍ଛାସେବୀ ମଧୁମିତା ମହାପାତ୍ର, ଜୟନ୍ତୀ ମହାପାତ୍ର ଓ ଡାକ୍ତର ପବିତ୍ର ପ୍ରଧାନ ତାଲିମ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଅନ୍ନଦା ମହାନ୍ତି, ଶୋଭାମଣୀ ସ୍ୱାଇଁ, ସୌମ୍ୟରଞ୍ଜନ ପାତ୍ର, ସାଗରିକା ରଥ, ଶ୍ୟାମପ୍ରକାଶ ସେନାପତି, ଚନ୍ଦନ ନାୟକ, ସୁଶିଲ ସାହୁ, କେଦାରନାଥ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ବଉଳବନ୍ଧ ପୁନରୁଦ୍ଧାର ପ୍ରସଙ୍ଗ : ଜିଲ୍ଲାପାଳଙ୍କୁ ସତ୍ୟପାଠ ଦାଖଲ ନିର୍ଦ୍ଦେଶ

ଗଞ୍ଜାମ,୧୧/୦୯ (ନି.ପ୍ର): ବ୍ରହ୍ମପୁର ତହସିଲ ଅନ୍ତର୍ଗତ କଳାପୁରୀ ମୌଜାରେ ଥିବା ବହୁ ପୁରାତନ ବଉଳବନ୍ଧର ପୁନରୁଦ୍ଧାର ପାଇଁ ନ୍ୟାସନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ପୂର୍ବାଂଚଳ ଖଣ୍ଡପୀଠ) କୋଲକାତାରେ ଆଇନଜିବୀ ସିଗିନ୍ ତମନ୍ନା, ମଧୁସ୍ମିତା ଯାଦବ, କିଶୋର ଚନ୍ଦ୍ର ବେହେରାଙ୍କୁ ନେଇ ଶୁଣାଣି ହୋଇଛି । ଦକ୍ଷିଣାଂଚଳ ରାଜସ୍ୱ କମିଶନର, ରାଜ୍ୟ ପ୍ରଦୂ୍ୟଷଣ ନିୟନ୍ତ୍ରଣ ବୋର୍ଡ଼ ମେମ୍ବର ସେକ୍ରେଟାରୀ, ମୁଖ୍ୟ ଶାସନ ସଚିବ, ରାଜ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ଜିଲ୍ଲାପାଳଙ୍କୁ ନୋଟିସ୍ ଜାରୀ ହୋଇଛି । ଆଗାମୀ ୩ ସପ୍ତାହ ମଧ୍ୟରେ ଜଳାଶୟର ପୁନରୁଦ୍ଧାର ସହ ଜବରଦଖଲ ଉଚ୍ଛେଦ ନେଇ କଣ ପଦକ୍ଷେପ ଗ୍ରହଣ କରାଯାଇଛି, ସେ ସମ୍ପର୍କରେ ସତ୍ୟପାଠ ଆକାରରେ ଜଣାଇବା ପାଇଁ ଗଞ୍ଜାମ ଜିଲ୍ଲାପାଳଙ୍କୁ ଏନଜିଟି ଜୁଡିସିଆଲ ମେମ୍ବର ଜଷ୍ଟିସ୍ ବି. ଅମିତ ଷ୍ଟେଲକର ଏବଂ ଏକ୍ସପର୍ଟ ମେମ୍ବର ସାଇବଲ ଦାଶଗୁପ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି ।

# ଗୋଷ୍ଠୀ ଶୌଚାଳୟରେ ତାଲା

କନ୍ଧମାଳ,୧୧/୦୯ (ନି.ପ୍ର): ଲକ୍ଷାଧିକ ଟଙ୍କା ବ୍ୟୟ ହେଲା ସତ କିନ୍ତୁ କାମରେ ଆସୁନି। ନିର୍ମାଣ ପରଠୁ ତାଲା ଝୁଲୁଛି। କନ୍ଧମାଳ ଜିଲ୍ଲା ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ସୁଡେଜୁ ପଂଚାୟତ ଅନ୍ତର୍ଗତ ସୁଡେଜୁ ଗ୍ରାମରେ ସ୍ୱଚ୍ଛ ଭାରତ ଯୋଜନାରେ ନିର୍ମିତ ସର୍ବସାଧାରଣ ପାଇଖାନା ବା ଗୋଷ୍ଠୀ ଶୌଚାଳୟ ଏଭଳି ଅବସ୍ଥାରେ ରହିଛି। ଅଭିଯୋଗ କଲେ ଶୁଣିବାକୁ କେହି ନାହିଁ। ଆଜକୁ ପ୍ରାୟ ୧ ବର୍ଷ ପୂର୍ବେ ନିର୍ମିତ ଶୌଚାଳୟ ତାଲା ପଡ଼ିଛି। କୁହାଯାଉଛି ଶୌଚାଳୟକୁ ପାଣି ସୁବିଧା ହୋଇଥିଲେ ମଧ ଟାଙ୍କିକୁ ପାଣି ଆସୁନାହିଁ ଯାହା ଫଳରେ ସର୍ବସାଧାରଣରେ ନିର୍ମିତ ଶୌଚାଳୟ କାର୍ଯ୍ୟକ୍ଷମ ହୋଇ ପାରିନାହିଁ। ଏ ନେଇ କାର୍ଯ୍ୟାଳୟରେ ଅବଗତ କରାଇଲେ ମଧ କୌଣସି ସୁଫଳ ମିଳୁନାହିଁ। ଏଥିପାଇଁ ଗ୍ରାମର ଲୋକଙ୍କ ମଧ୍ୟରେ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକାରୀ ହୋଇ ପାରୁନାହିଁ ଏବଂ ଲୋକମାନେ ଶୌଚାଳୟ ବଦଳରେ ମୁକ୍ତ ଆକାଶ ତଳେ ଶୌଚ ହେଉଛନ୍ତି। ଗ୍ରାମର କିଛି ବୁଦ୍ଧିଜିବୀଙ୍କ କହିବା ଅନୁଯାୟୀ, ଶୌଚାଳୟକୁ ଚବିଶ ଘଂଟା ପାଣି ସଂଯୋଗ ହୋଇପାରିଲେ ଏହା କାର୍ଯ୍ୟକ୍ଷମ ହେବ, ଲୋକଙ୍କ ବ୍ୟବହାରରେ ଆସିବା ସହ ସ୍ୱଚ୍ଛ ଭାରତର ସଫଳ ରୂପାୟନ ହୋଇପାରିବ। ଏଥିପ୍ରତି ପଂଚାୟତ ଓ ବ୍ଲକ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ସଧାରଣରେ ଦାବୀ ହେଉଛି। କେବଳ ଏହି ଗୋଟିଏ ଗୋଷ୍ଠୀ ଶୌଚାଳୟର ଯେ ଏଭଳି ଅବସ୍ଥା ତା ନୁହଁ ଜିଲାର ସହରଠୁ ଆରମ୍ଭ କରି ଗ୍ରାମାଂଚଳ ଯାଏ ଏଭଳି ଅନେକ ରହିଛି।

# କେନ୍ଦ୍ରାପଡା ନବୋଦୟ ବିଦ୍ୟାଳୟରେ ବ୍ୟାଡମିଣ୍ଟନ ପ୍ରତିଯୋଗିତା

କେନ୍ଦ୍ରାପଡା,୧୧/୦୯ (ନି.ପ୍ର): ନବୋଦୟ ବିଦ୍ୟାଳୟରେ ରାଜ୍ୟ ସ୍ତରୀୟ ବ୍ୟାଟ ମିଣ୍ଟନ ପ୍ରତିଯୋଗିତା ଆରମ୍ଭ ହୋଇ ଯାଇଛି । କେନ୍ଦ୍ରାପଡା ବାରୁଅ ସ୍ଥିତ ଜବାହାର ନବୋଦୟ ବିଦ୍ୟାଳୟରେ ରାଜ୍ୟ ସ୍ତରୀୟ ବ୍ୟାଟ ମିଣ୍ଟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି । ବିଦ୍ୟାଳୟର ଅଧକ୍ଷ ଅଧିର କୁମାର ନାୟକ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିବା ବେଳେ ଉପେନ୍ଦ୍ର ମଲିକ, ରାମହରି ଶିଆଳ, ବିକାଶ ମଣ୍ଡଳ, ସନ୍ତୋଷ କୁମାର ମହାନ୍ତି, ରାଜେଶ ଘଡେଇ, ସୁଜାତା ସାହୁ, ସୂର୍ଯ୍ୟ ନାରାୟଣ ରଥ ପ୍ରମୁଖ ଉପସ୍ଥିତ ରହି ରାଜ୍ୟର ୧୯ଟି ଜିଲ୍ଲାରୁ ୧୧୭ ଜଣ କ୍ରୀଡାବିତ୍‌ଙ୍କୁ ସ୍ୱାଗତ କରିଥିଲେ । ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବାକୁ ଆସିଥିବା ଏହି କ୍ରୀଡାବିତ୍‌ଙ୍କ ସାଙ୍ଗରେ ୫୦ ଜଣ ପ୍ରଶିକ୍ଷକ ଯୋଗ ଦେଇଛନ୍ତି । ୨ ଦିନଧରି ଅନୁଷ୍ଠିତ ହେଉଥିବା ଏହି ବ୍ୟାଟ ମିଣ୍ଟନ ପ୍ରତିଯୋଗିତାରେ ୧୪ ବର୍ଷ, ୧୭ ବର୍ଷ ଓ ୧୯ ବର୍ଷରୁ କମ ଛାତ୍ରଛାତ୍ରୀ ମାନେ ଏହି ପ୍ରତିଯୋଗିତାରେ ୩ଟି ଗ୍ରୁପରେ ଅଂଶ ଗ୍ରହଣ କରିଛନ୍ତି । ଏହି ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିଥିବା ଦଳ ମଧ୍ୟପ୍ରଦେଶର ହୋସନାବାଦ ଠାରେ ହେବାକୁ ଥିବା ଜାତୀୟ ସ୍ତରର ବ୍ୟାଟ ମିଣ୍ଟନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ ବୋଲି ଜଣାପଡିଛି ।

# ଶାନ୍ତିକାନନରେ ‘ମୋର ପ୍ରଥମ ଲେଖା’ ଶୀର୍ଷକୀୟ ଆଲୋଚନା




ବାଲେଶ୍ୱର ,୧୧/୦୯ (ନି.ପ୍ର): ଯେଉଁ ସାହିତ୍ୟିକମାନେ ଗଳ୍ପ, କବିତା, ପ୍ରବନ୍ଧ, ନାଟକ କିମ୍ବା ସାହିତ୍ୟର ଯେ କୌଣସି ବିଭବ ଉପରେ କଲମ ଚାଳନା କରୁଛନ୍ତି, ସେମାନଙ୍କର ପ୍ରଥମ ଲେଖାଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କୈଶୋରକାଳରେ କେହି ଦେଖି ନପାରିବାଭଳି ଖାତାଭିତରେ ଲୁଚାଇ ଆଦି ଲେଖାକୁ ଗୁପ୍ତଭାବରେ ରଖାଯାଇଥାଏ। ମାତ୍ର ସେହି ଲେଖାକୁ କେହି ପଢ଼ିଦେଇ ପ୍ରଶଂସା କଲେ କିମ୍ବା ପତ୍ରପତ୍ରିକାରେ ପ୍ରକାଶିତ ହୋଇ ଆଲୋକିତ ହେବାର ସୌଭାଗ୍ୟ ପାଇଲେ ଲେଖକଙ୍କ ମନ ମଧ୍ୟରେ ଯେଉଁ ଆନନ୍ଦର ସଞ୍ଚାର ହୋଇଥାଏ ତାହା ବ୍ରହ୍ମାନନ୍ଦ ପ୍ରାପ୍ତିର ସମତୁଲ ବୋଲି ଉତ୍ସବରେ ପୌରୋହିତ୍ୟ କରି ଡ.ଲକ୍ଷ୍ମୀକାନ୍ତ ତ୍ରିପାଠୀ ପ୍ରକାଶ କରିଥିଲେ। ବକ୍ତାମାନେ ନିଜ ନିଜର ପ୍ରଥମ ଲେଖା ସମ୍ପର୍କରେ ଆଲୋଚନା କରିବା ସହିତ ପ୍ରଥମ ଲେଖାଟି ସମଗ୍ର ସାରସ୍ୱତ ସାଧନାକୁ କିପରି ପ୍ରଭାବିତ କରିଥାଏ ତାହାର ବିଶଦ ଆଲୋଚନା କରିଥିଲେ। ବିଶେଷ କରି ଜୀବନକୁ ବ୍ୟାକୁଳିତ କରୁଥିବା ଦୁଃଖ କବିତାକୁ କିପରି ବଳିଷ୍ଠ କରିଥାଏ ବାଲ୍ମିକୀଙ୍କର ପ୍ରଥମ ଶ୍ଳୋକର ଉଦାହରଣ ଦେଇ ଆଲୋଚିତ ହୋଇଥିଲା। ପ୍ରଦୀପ ଚାଟାର୍ଜୀ, ଦୀନବନ୍ଧୁ ଲେଙ୍କା, ଅରୁଣା ରାୟ ଓ ଇଂ ବିଜୟ କୁମାର ମହାନ୍ତି ଆଦି ବକ୍ତାଗଣ ବାଲ୍ୟକାଳରେ ପ୍ରେରଣାପ୍ରାପ୍ତ ହୋଇ ସେମାନେ ଲେଖନୀ ଚାଳନା କରିଥିଲେ ବୋଲି ପ୍ରକାଶ କରିଥିଲେ। ପ୍ରୀତିଲେଖା ଦାସ ବାଲ୍ୟକାଳରେ ମାଆଙ୍କୁ ହରାଇଥିବାରୁ ତାଙ୍କ ହୃଦୟରେ ଯେଉଁ ଲୋଡ଼ିବା ପଣ ସୃଷ୍ଟି ହୋଇଥିଲା ସେହି ଲୋଡ଼ିବା ପଣହିଁ ତାଙ୍କ କବିତାର ଶାବ୍ଦିକ ରୂପ ବୋଲି ସେ ପ୍ରକାଶ କରିଥିଲେ। ଶାନ୍ତିଲତା ପଣ୍ଡା, ମଧୁସୂଦନ ମାଝୀ,ଶରତ କୁମାର ମହାପାତ୍ର, ବାସନ୍ତୀ କର, କମଳାକାନ୍ତ ଦାଶ,ଶ୍ରୀରୂପାମଞ୍ଜରୀ ସେନ୍, ସଞ୍ଜୟ କୁମାର ପଣ୍ଡା, ଦେବାଶିଷ ସିଂହ, ସୁବ୍ରତା ମହାନ୍ତି, ସଙ୍ଗୀତା ବାରିକ, ତୃପ୍ତିଲତା ପାତ୍ର. ଦୀପକ କୁମାର ଦାସ ଆଦି ସାରସ୍ୱତ ସାଧକମାନେ ନିଜ ଜୀବନରେ ଭୁଲି ହେଉନଥିବା ପ୍ରଥମ ଲେଖା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଡ.ସାରଙ୍ଗଧର ତ୍ରିପାଠୀ ଅତିଥିମାନଙ୍କର ମଞ୍ଚ ଆବାହନ କରିଥିବା ବେଳେ ସମ୍ପାଦକ ଦୀପକ ବୋଷ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ ଓ କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହିମାଂଶୁ ଶେଖର ଦାସ, ପୁଷ୍ପଲତା ଚକ୍ରବର୍ତ୍ତୀ,ରାଜେଶ ଗିରି, ଦିଲ୍ଲୀପ କୁମାର ଚକ୍ରବର୍ତ୍ତୀ ପ୍ରମୁଖ ବହୁ ସାରସ୍ୱତ ସାଧକ ଏଥିରେ ଯୋଗ ଦେଇଥିଲେ।

# ଚା ବିକାଳୀଙ୍କ ପୁଅ ନିଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ

କନ୍ଧମାଳ,୧୧/୦୯ (ନି.ପ୍ର): ଦୃଢ ଇଛା-ଶକ୍ତି, କଠିନ ପରିଶ୍ରମ, ଆଗ୍ରହ ଯେକୌଣସି ବ୍ୟକ୍ତିକୁ ସଫଳତା ଆଣିଦେଇଥାଏ। ସେହିପରି ଫୁଲବାଣୀ ସହରର ଗୋଟିଏ ଚା ଦୋକାନୀର ପୁଅ ନିଟ୍ ସର୍ବ ଭାରତୀୟ ସ୍ତରରେ ନିଟ-ଏଂଟ୍ରାନ୍ସ ପରୀକ୍ଷାରେ ଭଲ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ଫୁଲବାଣୀର କଂଟ୍ରାକ୍ଟର ପଡାର ବାସୀନ୍ଦା ଶିବ ଶଙ୍କର ବେହେରାଙ୍କ ବଡ଼ ପୁଅ ସୂରଜ ମୋଟ ୬୩୫ ନମ୍ବର ରଖି ୮୬୫ ନମ୍ବର ରେଙ୍କ ରଖିଛନ୍ତି । ସୁରଜଙ୍କ ବାପା ମେଡିକାଲ ଛକରେ ଚା ଦୋକାନ କରି ନିଜ ପରିବାର ପୋଷନ୍ତି । ବାପାର ଇଚ୍ଛା ରହିଥିଲା ପୁଅ ଡାକ୍ତର ହୋଇ ରୋଗୀ ସେବା କରୁ । ଆର୍ଥିକ ଅଭାବ ସତ୍ତ୍ୱେ ସୂରଜ ନିଜ ଲକ୍ଷ୍ୟ ହାସଲ କରିଛନ୍ତି। ନିଟ୍ ଏଂଟ୍ରାନ୍ସ ପାଂଚ ଥର ଦେଇ ବିଫଳ ହୋଇ ଶେଷରେ ସୁରଜ ଲକ୍ଷ୍ୟ ହାସଲ କରିଛନ୍ତି। ଦୃଢ଼ ମନୋବଳ ହିଁ ତାଙ୍କୁ ଏହି ସଫଳତା ଆଣି ଦେଇଥିବା କହିଛନ୍ତି ସୁରଜ । ପୁଅର କୃତକାର୍ଯ୍ୟରେ ବାପା ଶିବ ଶଙ୍କର ବେହେରା ଓ ପରିବାର ଖୁସି ବ୍ୟକ୍ତ କରିଛନ୍ତି।

# ଗ୍ରାମ ପୋଖରୀ ନିଲାମର ଅନିୟମିତତା ଅଭିଯୋଗ

କେନ୍ଦ୍ରାପଡା,୧୧/୦୯ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ରାଜକନିକା ବ୍ଲକ ଅନ୍ତର୍ଗତ ପେଗରପଡା ଗ୍ରାମ ପୋଖରୀ ନିଲାମର ଅନିୟମିତତା ହୋଇଥିବା ମହିଳା ମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ପେଗରପଡା ପଂଚାୟତର ବଡ ପୋଖରୀ ନିଲାମ ପାଇଁ ପଂଚାୟତ ପକ୍ଷରୁ ବିଜ୍ଞାପନ ଦିଆ ଯାଇଥିଲା । ମା ବାସନ୍ତୀ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟ ମାନେ ୭ ଲକ୍ଷ ୭ ଶହ ଟଙ୍କାରେ ନିଲାମ ଡାକିଥିବା ବେଳେ ବିଭାଗୀୟ ଅଧିକାରୀ ଓ ସରପଂଚ ଶତକଡା ୭୦ ପ୍ରତିଶତ ଅଗ୍ରିମ ଅର୍ଥ ଦେବାପାଇଁ କହିଥିଲେ । ଏହି ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟ ମାନେ ନିଲାମ ଅର୍ଥ ଦେବାପାଇଁ ସମୟ ମାଗିବାରୁ ତାଙ୍କୁ ନଜଣାଇ ମା ମଙ୍ଗଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ୫୦ ହଜାର ଟଙ୍କାରେ ନିଲାମ ଦେଇଥିବା ସ୍ୱୟଂ ସହାୟିକା ଗୋଷ୍ଠୀର ସଂପାଦିକା ମଞ୍ଜୁଲତା ମଲିକ, କେତକୀ ମଲିକ, ପ୍ରମିଳା ମଲିକ, ସେବତୀ ମଲିକ, ସରସ୍ୱତୀ ମଲିକ ପ୍ରମୁଖ ଅଭିଯୋଗ କରି ଘଟଣାର ତଦନ୍ତ କରିବାକୁ ଦାବି କରିଛନ୍ତି ।

# ଖଣି ପାଇଁ ପାଣି, ପବନ ପ୍ରଦୂଷିତ : ପୁଣି ମୁଣ୍ଡ ନେଲା କିଡ୍‌ନି ରୋଗ

କାଳିଆପାଣି ,୧୧/୦୯ (ନି.ପ୍ର): ଖଣି ଅଞ୍ଚଳରେ ପାଣି, ପବନ ସବୁ ପ୍ରଦୂଷିତ। ସେହି ଦୂଷିତ ପାଣିକୁ ପିଇ ଲୋକେ କିଡ୍‌ନି ପରି ବ୍ୟାଧିରେ ଆକ୍ରାନ୍ତ ହେଉଛନ୍ତି। ଅର୍ଥାଭାବରୁ ଉପଯୁକ୍ତ ଚିକିତ୍ସା ମିଳିପାରୁନାହିଁ। ପରିଣାମ ପୁଣି ଜଣେ ଖଣି ଶ୍ରମିକଙ୍କ ମୁଣ୍ଡ ନେଇଛି କିଡ୍‌ନି ରୋଗ। ଟିଏସ୍ଏମ୍ଏଲ୍ ସାରୁଆବିଲ କ୍ରୋମାଇଟ୍ ମାଇନ୍ସ କଲୋନିରେ ରହୁଥିବା ଡେକୋ କମ୍ପାନିର ଠିକା ଖଣି ଶ୍ରମିକ ଅଜୟ ବାନରା(୩୬) ଆଜି ଏଥିରେ ଜୀବନ ହରାଇଛନ୍ତି। ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଉଥିବା ବେଳେ ତାଙ୍କର ମୃତ୍ୟୁ ହୋଇଛି। ତାଙ୍କ ପତ୍ନୀ ଓ ୪ ଜଣ ଶିଶୁ ଏବେ ଅସହାୟ ହୋଇପଡ଼ିଛନ୍ତି। ଅଜୟ ରୋଗଗ୍ରସ୍ତ ହେବା ପରେ ଗତ କିଛିଦିନ ଧରି ଖଣିରେ ଡ୍ୟୁଟି କରିପାରୁ ନଥିଲେ। ଗତ ୧ ତାରିଖରେ ଟାଟାଷ୍ଟିଲ ସୁକିନ୍ଦା କ୍ରୋମାଇଟ୍ ଖଣିର ଛଟେଇ ଲୋଡିଂ ଲେବର ଗୋବିନ୍ଦ ଜେରାଇ(୪୪) ଓ ଗତ ମେ ମାସ ୧୧ ତାରିଖରେ ଅଜୟଙ୍କ ସହକର୍ମୀ ଡେକୋ କମ୍ପାନିର ସୁପରଭାଇଜର ବରୁଣ ମହାନ୍ତ(୫୧)ଙ୍କର କିଡ୍‌ନି ରୋଗରେ ମୃତ୍ୟୁ ହୋଇଥିଲା। ସେହିପରି ଏପ୍ରିଲ ୧୯ ତାରିଖରେ ଗୁରୁଜଙ୍ଗ ଗ୍ରାମର ଅବସରପ୍ରାପ୍ତ ଖଣି କର୍ମଚାରୀ ଶ୍ୟାମସୁନ୍ଦର ମୁଣ୍ଡା(୫୯) ଓ ୧୦ ତାରିଖରେ ଓଏମ୍‌ସି ଦକ୍ଷିଣ କାଳିଆପାଣି କ୍ରୋମାଇଟ୍ ଖଣି ଡିକ୍ୱାରିର ଠିକା ଖଣି କର୍ମଚାରୀ ମୋଚିରାମ ଦେହୁରୀ(୫୦) ଏହି ରୋଗରେ ଆଖି ବୁଜିଥିଲେ। ଏହାର କିଛିଦିନ ପୂର୍ବରୁ ଓଏମ୍‌ସି ଦକ୍ଷିଣ କାଳିଆପାଣି କ୍ରୋମାଇଟ୍ ଖଣିର ମାଇନିଂ ମେଟ୍ ବନମାଳୀ ଆଇଚ(୪୮) ଓ ବାଲେଶ୍ୱର ଆଲଏଜ୍ ଖଣି କର୍ମଚାରୀ ନିହାର ରଞ୍ଜନ ମହାନ୍ତ(୪୫)ଙ୍କର ମଧ କିଡ୍‌ନି ରୋଗରେ ମୃତ୍ୟୁ ହୋଇଥିଲା। ଖଣିର ପ୍ରଦୂଷିତ ବାୟୁମଣ୍ଡଳ ସାଙ୍ଗକୁ ଦୂଷିତ ଜଳ ବ୍ୟବହାର ପାଇଁ କିଡ୍‌ନି ରୋଗ ଏଠାରେ ମହାମାରୀର ରୂପ ନେଇଥିବା ଅଭିଯୋଗ ହୋଇଛି। ଗତ ଦେଢ଼ ବର୍ଷ ମଧ୍ୟରେ କାଳିଆପାଣି ଅଞ୍ଚଳରେ କିଡ୍‌ନି ରୋଗ ୨୦ ମୁଣ୍ଡ ନେଲାଣି। ଜୁନ ମାସ ୧୯ ତାରିଖରେ ରାଁସୋଳ ପଞ୍ଚାୟତ ମାଙ୍କେଡ଼ିଆ ବସ୍ତିର ପାଣ୍ଡେ ମାଙ୍କେଡ଼ିଆ(୫୮) ଏହି ରୋଗର ଶିକାର ହୋଇଥିଲେ। ଜାନୁଆରି ମାସ ୨୪ ତାରିଖରେ ଚିରିଗୁଣିଆ ପ୍ରସ୍ୱେଷ୍ଟିଂ କ୍ୟାମ୍ପର ଓଏମ୍‌ସି କର୍ମଚାରୀ ବଂଶୀ ଚାମ୍ପିଆ(୫୫) ଓ ଡିସେମ୍ବର ୨୪ ତାରିଖରେ ବିର୍ସାନଗର ବସ୍ତିର ଛଟେଇ ଖଣି ଶ୍ରମିକ ବୁଲୁ ନାୟକ(୩୩)ଙ୍କର କିଡ୍‌ନି ରୋଗରେ ମୃତ୍ୟୁ ହୋଇଥିଲା। ଗତବର୍ଷ ଅଗଷ୍ଟ ମାସରେ ୨ ନମ୍ବର ୱାର୍ଡର ୱାର୍ଡମେମ୍ବର ବିର୍ସାନଗର ବସ୍ତିର ରୂପାଇ ମାଝିଙ୍କ ମାଆ ବୁଦୁନି ମାଝି(୬୨), ଜୁଲାଇ ୨୭ ତାରିଖରେ ବିର୍ସାନଗରର ସୁବାସ ପୂର୍ତ୍ତି(୩୫) ଓ ପୁରୁଣାପାଣିର ନାନୁ ଚାଖି(୩୮) ଏବଂ ଜୁଲାଇ ୧୭ ତାରିଖରେ ପୁରୁଣାପାଣିର ଗଣେଶ୍ୱର ଗାଗରାଇ(୪୫)ଙ୍କର ଏଥିରେ ମୃତ୍ୟୁ ହୋଇଥିଲା। ଜୁନ ୧୧ ତାରିଖରେ ଓଏମ୍‌ସିର ଅବସରପ୍ରାପ୍ତ କର୍ମଚାରୀ ପୁରୁଣାପାଣିର ବିକ୍ରମ କେରାଇ(୬୪) ଓ ଏପ୍ରିଲ୍ ୨୬ ତାରିଖରେ ଓଏମ୍‌ସି କଲୋନିର ବାସନ୍ତୀ ମାଝି(୫୧) ଏବଂ ଏହାର କିଛିମାସ ତଳେ ଅବସରପ୍ରାପ୍ତ ଓଏମ୍‌ସି ଶ୍ରମିକ କାଳିଆପାଣି ମୁଣ୍ଡାସାହିର ଜମାଦାର ଗାଗରାଇ(୬୧), ଇମ୍ପା ଲୋଡିଂ ଶ୍ରମିକ ଚିରିଗୁଣିଆ ବସ୍ତିର ମେଘରାୟ ହାଁସଦା(୪୨), ବେଦାନ୍ତ-ଫେକର ଖଣି ଶ୍ରମିକ ଦୁଃଖିଆ ଓରାମ(୫୬) ଏବଂ ଓଏମସି କର୍ମଚାରୀ ସ୍ୱର୍ଗତ ବଂଶୀ ଚାମ୍ପିଆଙ୍କ ପତ୍ନୀ ରୋଗୀ ମଂଜୁ(୫୦) କିଡ୍‌ନି ରୋଗରେ ପ୍ରାଣ ହରାଇଥିଲେ। ଏହି ରୋଗର ସ୍ଥାୟୀ ପ୍ରତିକାର ପାଇଁ ଏବେ ଖଣିଅଞ୍ଚଳରେ ସ୍ୱର ତୀବ୍ର ହୋଇଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଓ ସ୍ଥାନୀୟ ଖଣି କର୍ତ୍ତୃପକ୍ଷ ଏ ଦିଗରେ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ଦାବି କରିଛନ୍ତି।

# ମୁଦିପଡା ଜଗନ୍ନାଥ ମନ୍ଦିରରେ ଭାଗବତ ସପ୍ତାହ

ସମ୍ବଲପୁର,୧୧/୦୯ (ନି.ପ୍ର): ସ୍ଥାନୀୟ ମୁଦିପଡାସ୍ଥିତ ଜଗନ୍ନାଥ ମନ୍ଦିରରେ ଭାଗବତ ସପ୍ତାହ ଅନୁଷ୍ଠିତ ହୋଇଯାଇଛି । ରାଧାଷ୍ଟମୀ ଠାରୁ ଆରମ୍ଭ ହୋଇଥିବା ଏହି ସପ୍ତାହ କାର୍ଯ୍ୟକ୍ରମ ପୂର୍ଣ୍ଣିମା ପର୍ଯ୍ୟନ୍ତ ଚାଲିଥିଲା। କମଳାକାନ୍ତ ପାଣିଗ୍ରାହୀ ଭାଗବତ ପାଠ କରିଥିବା ବେଳେ ସଞ୍ଜିବ ପୁରୋହିତ ତାଙ୍କୁ ସହଯୋଗ କରିଥିଲେ। ସପ୍ତାହବ୍ୟାପୀ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଦିବସରେ ବାମନଜନ୍ମ, କୃଷ୍ଣ ଜନ୍ମ, ଶ୍ରୀକୃଷ୍ଣ ରୁକ୍ମିଣୀ ବିବାହ, ସୁଦାମା ଭେଟ, ଉଦ୍ଧବ ପରିକ୍ରମା ଆଦି ବିଭିନ୍ନ ନୀତି ଅନୁଷ୍ଠିତ ହୋଇଥିଲା। ମନ୍ଦିର ପୂଜକ ବ୍ୟୋମକେଶ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନେପାଳ ସାହୁ ଓ ତାଙ୍କ ଧର୍ମପତ୍ନୀ ରେଣୁକା ସାହୁ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ ।

# ଓଏଭି ଗୁଣ୍ଡୁରିଗୁଡାଠାରେ ଶିକ୍ଷକ ଅଭିଭାବକ ବୈଠକ ଅନୁଷ୍ଠିତ

ମାଲକାନଗିରି ,୧୧/୦୯ (ନି.ପ୍ର): କୁଡୁମୁଲୁଗୁମ୍ମା ଗୁଣ୍ଡୁରିଗୁଡା ଆଦର୍ଶ ବିଦ୍ୟାଳୟ ପରିସରରେ ଏକ ଶିକ୍ଷକ ଅଭିଭାବକ ବୈଠକ ଭାଗୀରଥି ଟେକଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକକୁ ବିଦ୍ୟାଳୟ ର ଅଧକ୍ଷ ମହେଶ୍ୱର ସାହୁ ପରିଚାଳନା କରିଥିଲାବେଳେ ସହକାରୀ ଶିକ୍ଷକ ହର ପ୍ରସାଦ ସ୍ୱାଇଁ ସମ୍ପୁର୍ଣ୍ଣ ସହଯୋଗ କରିଥିଲେ । ଏହି ବୈଠକରେ ୫ଟି କାର୍ଯ୍ୟ ରେ ହୋଇଥିବା ବିଭିନ୍ନ ସୁବିଧା ଓ ଅସୁବିଧା ବିଷୟରେ ଆଲୋଚନା ହୋଇଥିଲା ବେଳେ, ତୁରନ୍ତ ଉକ୍ତ ସମସ୍ୟା ସମ୍ପର୍କରେ ଖଇରପୁଟ ବିଡ଼ିଓଙ୍କୁ ଅବଗତି କରିବା ପାଇଁ ସହମତି ପ୍ରକାଶ ପାଇଥିଲା ଓ ଏଥିସହ ବିଦ୍ୟାଳୟକୁ ବହୁ ଦୂରଦୂରାନ୍ତ ରୁ ଆସୁଥିବା ପିଲାମାନଙ୍କୁ ହଷ୍ଟେଲ ସୁବିଧା ଯୋଗାଇଦେବା ନିମନ୍ତେ ସମସ୍ତ ଅଭିଭାବକ ଗୁରୁତ୍ୱାରୋପ କରିଥିଲେ । ପାଠ୍ୟକ୍ରମ ର ବିଭିନ୍ନ ବିଷୟ ଯଥା ଇଂରାଜୀ ,ଜୀବବିଜ୍ଞାନ ଓ ଗଣିତ ପଢାଇବା ପାଇଁ ଶିକ୍ଷକ ନଥିବା ସମ୍ପର୍କରେ ପ୍ରିନ୍ସପାଲ ବୈଠକରେ ଉପସ୍ଥାପନା କରିଥିଲେ ଓ ଏହି ଅସୁବିଧା ବିଷୟରେ ସେ ସମସ୍ତଙ୍କ ସହଯୋଗ ଲୋଡିବା ସହ ଉକ୍ତ ସମସ୍ୟା ସମାଧାନ ପାଇଁ ସେ ଏହି ବିଦ୍ୟାଳୟର ଏସ ଏମ ଡି ସି ସଭାପତି ତଥା ଜିଲ୍ଲାପାଳ ଙ୍କୁ ଅନୁରୋଧ କରିବେ ବୋଲି ମତପୋଷଣ କରିଛନ୍ତି।

# ବିବ୍ରତ କରୁଛି ବିକୃତ ରୋଗ



ଦୁନିଆର ଅନେକ ବିରଳ ରୋଗ ମଧ୍ୟରୁ ଗୋଟିଏ ରୋଗରେ ପୀଡ଼ିତ ହୋଇଛନ୍ତି ମଧ୍ୟପ୍ରଦେଶରେ ୧୩ ବର୍ଷୀୟ ବାଳକ ଇଲିତ ପଟିଦାର । ଲଳିତଙ୍କ ମୁହଁ ଜନ୍ମରୁ ଲୋମଶ ଥିବାବେଳେ ବୟସ ସହ ତାହା ବଢ଼ିବାରେ ଲାଗିଛି । ଏବେ ଲଳିତଙ୍କ ମୁହଁ ପ୍ରାୟ ୫ ସେମି ଲମ୍ବର ଦାଢ଼ିରେ ଛନ୍ଦି ହୋଇଛି । ଏଥିପାଇଁ ଅନେକ ଅସୁବିଧା ଓ ଟାହିଟାପରାର ସମ୍ମୁଖୀନ ହେବାକୁ ପଡ଼ିଛି । ସାଙ୍ଗମାନେ ମାଙ୍କଡ଼ ଓ ଭାଲୁ କହି ଚିଡ଼ାଉଥିବା ବେଳେ ଅତ୍ୟଧିକ ଲୋମ ପାଇଁ ଶୁଣିବା, ଖାଇବା ଓ ଦେଖିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଲଳିତ ସିଣ୍ଡ୍ରୋମ ରୋଗରେ ପୀଡ଼ିତ ଅଛନ୍ତି । ଏହି ଜନ୍ମଜାତ ରୋଗ ପାଇଁ ମୁହଁରେ ଲୋମ ଉଠିବାକୁ ଲାଗିଛି । ଲଳିତଙ୍କ ବାପା କୃଷି କାର୍ଯ୍ୟ କରୁଥିବାରୁ ତାହାର ଉପଚାର କରିବାକୁ ପଛଘୁଞ୍ଚା ଦେଉଥିଲେ । କିନ୍ତୁ ପୁଅର ମୁହଁର ରୂପ ଦିନକୁ ଦିନ ବିଗିଡୁଥିବାରୁ ସେ ଡାକ୍ତରଙ୍କ ପରାମର୍ଶ ଲୋଡ଼ିଥିଲେ । ଡାକ୍ତରଙ୍କ ମତରେ, 'ଲଳିତ ଜନ୍ମରୁ କଞ୍ଜେନିଟଲ ହେୟାରଟ୍ରାଇଫୋସିସରେ ପୀଡ଼ିତ ଥିବାରୁ ତା' ମୁହଁରେ ଏପରି ଲୋକ ରହିଛି । କିନ୍ତୁ ୧୮ ବର୍ଷପରେ ଏହାକୁ କୃତ୍ରିମ ଉପାୟରେ ସଫା କରାଯାଇପବାରିବ ହେଲେ ପୁନର୍ବାର ଅବସ୍ଥା ସେହିପରି ହୋଇଯିବ ତେଣୁ ସର୍ଜରୀ ଦ୍ୱାରା ଏହା ସଫା କରାଯାଇପାରିବ' ବୋଲି କହିଥିଲେ । ଲଳିତ ଖୁବ୍ ଚଗଲା ତେଣୁ ସେ ଅନ୍ୟ ସମସ୍ତଙ୍କ ଠାରୁ ଭିନ୍ନ ହେଲେ ବି ଖାସ୍ ବୋଲି ତାଙ୍କ ମା' ଜଣାଇଛନ୍ତି । ଲଳିତ ପାଠପଢ଼ା ଓ ଖେଳକୁଦରେ ଅନ୍ୟ ପିଲାଙ୍କ ଭଳି ଖୁବ୍ ଭଲ ପ୍ରଦର୍ଶନ କରେ । ଶ୍ରେଣୀଗୃହରେ ଲଳିତ ସମସ୍ତଙ୍କର ପ୍ରିୟ । ପ୍ରଥମେ ତା' ସହ କଥା ହେବାକୁ ଡରୁଥିଲେ କିନ୍ତୁ ବର୍ତ୍ତମାନ ସବୁକିଛି ସାଧାରଣ ହେବାରେ ଲାଗିଛି । ଲଳିତ ମଧ୍ୟ ତା' ଚେହେରା ପାଇଁ ଦୁଃଖପ୍ରକାଶ କରେ ନାହିଁ ବରଂ ସେ ସାହସର ସହ ପରିଛିତିକୁ ସାମ୍ନା କରେ ବୋଲି କହିଛି । କଞ୍ଜେନିଟଲ ହାୟରଟ୍ରାଇଫୋସିସ୍ ଜନ୍ମଗତ ରୋଗ ହୋଇଥାଏ । ଜନ୍ମପରେ ଶରୀରର ଲୋମ ୫ ସେମି ପର୍ଯ୍ୟନ୍ତ ବୃଦ୍ଧି ପାଇଥାଏ । ବିଶେଷତଃ ମୁହଁ, ହାତ ଓ ପିଠିରେ ଅଧିକ ଲୋମ ହୋଇଯାଏ । ଏହି ରୋଗକୁ କୃତ୍ରିମ ପଦ୍ଧତିରେ ଚିକିତ୍ସା କରାଯାଉଛି କିନ୍ତୁ ଚିକିତ୍ସାଟି ସେତେ ସନ୍ତୋଷଜନକ ନୁହେଁ ବୋଲି ଜଣାପଡ଼ିଛି ।

# ପିଜ୍ଜା ଖାଇଲେ ଭଲ



ଏକ ଖାଦ୍ୟ ବିଶେଷଜ୍ଞ ଦଳ କାନାଡ଼ାରେ ବିଭିନ୍ନ ବର୍ଗର ଲୋକଙ୍କ ଉପରେ ପରୀକ୍ଷା କରି ପ୍ରଚାର କରୁଛନ୍ତି ଯେ ସପ୍ତାହକୁ ଅନ୍ତତଃ ଥରୁଟିଏ ପିଜ୍ଜା ଖାଇବା ଭଲ । ୧୦ହଜାରରୁ ଉର୍ଦ୍ଧ୍ୱ ଲୋକେ ଭାଗ ନେଇଥିବା ଏହି ଗବେଷଣାରୁ ଜଣାପଡ଼ିଛି ଯେ ପିଜ୍ଜା ଖାଇଲେ କର୍କଟ ରୋଗ ହେବାର ଆଶଙ୍କା କମ ରହିଛି । ପିଜ୍ଜା ପାଇଁ ସବୁଠୁ ଲୋକପ୍ରିୟ ଇଟାଲୀର ବାସିନ୍ଦାମାନେ ପ୍ରାୟତଃ ପିଜ୍ଜା ଖାଇ ସେମାନଙ୍କ ମତ ମଧ୍ୟ ଏ ବାବଦରେ ପପ୍ରକାଶ କରିଛନ୍ତି । ବିଶେଷଜ୍ଞଙ୍କ ମତରେ ପିଜ୍ଜାରେ ସତେଜ ଟମାଟୋ ବ୍ୟବହୃତ ହୋଇଥାଏ । ସେଥିରେ ଲାଇକୋପିନ ଥିବାରୁ ତାହା ଆଣ୍ଟି-ଅକ୍ସିଡାଣ୍ଟ ଭାବେ କାମ କରେ ଓ ଶରୀରରେ କର୍କଟ ପ୍ରତିରୋଧକ ଶକ୍ତି ବଢ଼ାଏ । ଗବେଷକମାନେ ସେହି କାରଣରୁ ପିଜ୍ଜା ଖାଇବାକୁ ପରାମର୍ଶ ଦେଇଛନ୍ତି ।

# ଅତ୍ୟଧିକ ଖାଦ୍ୟ ଓ ବୁଦ୍ଧିମତ୍ତା



ଖାଦ୍ୟ ଆଉ ସ୍ୱାସ୍ଥ୍ୟ ପାଇଁ କେତେକ ଉପକାରୀ କହିବା ବାହୁଲ୍ୟ । ହେଲେ ଏଭଳି ସମୟ ଆସେ ଯେତେବେଳେ ଏହି ଖାଦ୍ୟ ଆମ ପାଇଁ ଚିନ୍ତାର କାରଣ ସାଜିଥାଏ । ଯଦି ଜଣେ ବ୍ୟକ୍ତି ସବୁବେଳେ ଆବଶ୍ୟକତା ଠାରୁ ଅଧିକ ଖାଦ୍ୟ ଖାଆନ୍ତି ତେବେ ତାହା ଅଜୀର୍ଣ୍ଣ ପରି ସମସ୍ୟା ସୃଷ୍ଟି କରିଥାଏ । କେବଳ ସେତିକି ନୁହେଁ, ଏହାଦ୍ୱାରା ସଂପୃକ୍ତ ବ୍ୟକ୍ତିଙ୍କର ବୁଦ୍ଧିମତ୍ତା ମଧ୍ୟ ପଭାବିତ



ହୋଇଥାଏ ବୋଲି ଆମେରିକୀୟ ଖାଦ୍ୟ ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି । ଏଭଳି ସିଦ୍ଧାନ୍ତରେ ପହଂଚିବା ପୂର୍ବରୁ ସେମାନେ ପ୍ରାୟ ଆବଶ୍ୟକତା ଠାରୁ ଅଧିକ ଖାଦ୍ୟ ଖାଉଥିବା କେତେକ ବ୍ୟକ୍ତିଙ୍କର ବୁଦ୍ଧିମତ୍ତାକୁ ତନ୍ନତନ୍ନ କରି ପରୀକ୍ଷା ନିରୀକ୍ଷା କରିଥିଲେ । ସେମାନଙ୍କ ମଧ୍ୟରୁ ପ୍ରାୟ ୩୦ ପ୍ରତିଶତ ବ୍ୟକ୍ତିଙ୍କର ବୁଦ୍ଧିମତ୍ତା ଅତ୍ୟଧିକ ଖାଦ୍ୟ ଯୋଗ ପ୍ରଭାବିତ ହେଉଥିଲା ବୋଲି ସେମାନେ ଜାଣିବାକୁ ପାଇଥିଲେ । ଯଦି ଜଣେ ବ୍ୟକ୍ତି ଆବଶ୍ୟକ ମୁତାବକ ଖାଦ୍ୟ ଖାଆନ୍ତି ତେବେ ଏଭଳି ସମସ୍ୟା ଦେଖାଯିବାର ଆଶଙ୍କା କମଥାଏ । ଏକାଥରକେ ଅଧିକ ଖାଇବା ଅପେକ୍ଷା ନିୟମିତ ସମୟ ବ୍ୟବଧାନରେ ତଥା ଅଳ୍ପ ଅଳ୍ପ ଖାଇଲେ ତାହା ସ୍ୱାସ୍ଥ୍ୟ ପାଇଁ ଉପକାରୀ ସାବ୍ୟସ୍ତ ହୋଇଥାଏ ବୋଲି ଆମେରିକୀୟ ଖାଦ୍ୟ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି ।

# ଦାନ ପୂର୍ବରୁ ୯ଟି କଥା

**ସବୁ ଧର୍ମରେ ଦାନ ମହତ୍ତ୍ୱ ରହିଛି । କିନ୍ତୁ ଦାନ କାହାକୁ ଦିଆଯାଏ ଓ କେମିତି ଦିଆଯିବା ଉଚିତ, ତାହା କମ୍ ଶାସ୍ତ୍ରରେ ବର୍ଣ୍ଣିତ ହୋଇଛି । କିଛିଟା ଏପରି ନିୟମ ଅଛି ଯାହା ଉପରେ ଧ୍ୟାନ ଦେବା ଉଚିତ ।**







୧. ବ୍ୟକ୍ତି କଷ୍ଟ କରି ଅର୍ଜନ କରିଥିବା ଧନର ୧୦ଭାଗ ଈଶ୍ୱରଙ୍କ ନିକଟରେ ଲଗାଇବା ଦରକାର । ଯେଉଁ ବ୍ୟକ୍ତି ନିଜର ସ୍ତ୍ରୀ, ପୁତ୍ର ଏବଂ ପରିବାରକୁ ଦୁଃଖରେ ରଖି ଦାନ କରେ, ସିଏ ଜୀବିତ ଥିବା ସମୟରେ ଓ ମୃତ୍ୟୁ ପରେ ବି ଦୁଃଖପାଏ ।

୨. ସ୍ୱୟଂ ଯାଇ ଦେଇଥିବା ଦାନର ଉତ୍ତମ ଫଳ ଏବଂ ଘରକୁ ଡାକି ଦିଆଯାଇଥିବା ଦାନର ମଧ୍ୟମ ଫଳପ୍ରଦ ହୋଇଥାଏ । ଗୋ, ବ୍ରାହ୍ମଣ ତଥା ରୋଗୀଙ୍କୁ ଯେତେବେଳେ କିଛି ଦିଆଯାଇଥାଏ ସେହି ସମୟରେ ଯେଉଁ ବ୍ୟକ୍ତି ନଦେବାର ପରାମର୍ଶ ଦେଇଥାଏ ସେ ଦୁଃଖ ଭୋଗିଥାଏ ।

୩. ତେଲ, ଘାସ, ଜଳ ଓ ଚାଉଳକୁ ହାତରେ ଦେଇ ଦାନ ଦେବା ଆବଶ୍ୟକ ଅନ୍ୟଥା ସେହି ଦାନ ଉପରେ ଦୈତ୍ୟ ଅଧିକାର କରି ନେଇଥାଏ । ଦେବତାଙ୍କୁ ଚାଉଳ ସହିତ ଅନ୍ୟ କିଛି ଦାନ କରନ୍ତୁ ।

୪. ଦାନ କରୁଥିବା ବ୍ୟକ୍ତି ପୂର୍ବାଭିମୁଖୀ ହୋଇ ଦାନ କରିବା ଉଚିତ ଓ ଏହା ଗ୍ରହଣ କରୁଥିବା ବ୍ୟକ୍ତି ଉତ୍ତରାଭିମୁଖୀ ହୋଇ ଗ୍ରହଣ କରିବେ । ଏହା କରିବା ଦ୍ୱାରା ଦାନ ଦେଉଥିବା ବ୍ୟକ୍ତି ଆୟୁଷ ବଢ଼ିଥାଏ ଓ ନେଉଥିବା ବ୍ୟକ୍ତିଙ୍କର ମଧ ଆୟୁ କମ୍ ହୋଇନଥାଏ ।

୫. ଅନ୍ନ, ଜଳ, ଘୋଡ଼ା, ଗାଈ, ବସ୍ତ୍ର, ଶଯ୍ୟା ଛତା ଓ ଆସନ ଏହି ୮ଟି ବସ୍ତୁକୁ ଦାନ କରିବା ଦ୍ୱାରା ପରବର୍ତ୍ତୀ କାଳାରେ ମୃତ୍ୟୁ କଷ୍ଟକୁ ଦୂର କରିଥାଏ ।

୬. ଗାଈ, ଘର, ବସ୍ତ୍ର, ଶଯ୍ୟା ଓ କନ୍ୟା ଏସବୁର ଦାନ କେବଳ ଜଣେ ବ୍ୟକ୍ତିଙ୍କୁ କରିବା ଦରକାର । ରୋଗୀର ସେବା କରିବା, ଦେବତାପୂଜା, ବ୍ରାହ୍ମଣଙ୍କ ପାଦ ଧୋଇବା ଯୋଗଦାନ ପରି ଅଟେ ।

୭. ଦରିଦ୍ର, ଗରିବ, ଅନାଥ, ଶାରୀରିକ ଅକ୍ଷମୟ ତଥା ରେଗୀଙ୍କ ସେବା ସହ ଯେଉଁ ଧନ ଦାନ କରାଯାଇଥାଏ ଏଥିରୁ ମହାପୂର୍ଣ୍ଣ ଅର୍ଜନ ହୋଇଥାଏ ।

୮. ଅଜ୍ଞାନ ବ୍ରାହ୍ମଣଙ୍କ ପାଖରୁ ଦାନ ଦେବା ଅନୁଚିତ ବ୍ରାହ୍ମଣଙ୍କ କ୍ଷତି ହୋଇଥାଏ ।

୯. ଗାଈ, ସୁନା, ରୂପା, ରତ୍ନ, ହାତୀ, ଘୋଡ଼ାଏ ଶଯ୍ୟା, ବସ୍ତ୍ର, ଭୂମି, ଅନ୍ନ, କ୍ଷୀର, ଛତା ଓ ଆବଶ୍ୟକ ସାମଗ୍ରୀ ସହିତ ଏହିସବୁ ବସ୍ତୁକୁ ମହାଦାନ କୁହାଯାଏ ।

# ଲାଲ ମହୁର ବ୍ୟବସାୟ



ମହୁ ସ୍ୱାସ୍ଥ୍ୟ ପାଇଁ ଉପକାରୀ । ଭାରତୀୟ ବଇଦମାନେ କାହିଁକେଉଁ କାଳରୁ ନିୟମିତ ମହୁ ଖାଇବା ସ୍ୱାସ୍ଥ୍ୟ ପାଇଁ ଏକ ଉତ୍ତମ ଔଷଧ ବୋଲି ପରାମର୍ଶ ଦେଇଛନ୍ତି । ତେବେ ମହୁ ସମ୍ପର୍କରେ ସମସ୍ତେ ଜାଣିଥିବା ବେଳେ ଲାଲ ମହୁ ସମ୍ପର୍କରେ କମ ଲୋକେ ଜାଣିଛନ୍ତି । ହିମାଲୟନ୍ କ୍ଲିଫ୍ ବିଶେଷ ପ୍ରଜାତିର ମହୁମାଛି ହିଁ ଏହି ଲାଲ ମହୁକୁ ସଂଗ୍ରହ କରିଥାନ୍ତି । ବିଶେଷଜ୍ଞଙ୍କ ମତରେ ବିଭିନ୍ନ ପ୍ରକାର ବିଷାକ୍ତ ଫୁଲରୁ ଏହି ମହୁକୁ ମହୁମାଛିମାନେ ସଂଗ୍ରହ କରନ୍ତି । ନିଶା ବୃଦ୍ଧି କରୁଥିବାଏହି ଲାଲ ମହୁ ମଧୁମେହ, ଉଚ୍ଚ ରକ୍ତଚାପ ପରି ରୋଗ ନିମନ୍ତେ ଅବ୍ୟର୍ଥ ଔଷଧ ଅଟେ । ନେପାଳର ଏକ ଦୁର୍ଗମ ସ୍ଥାନରେ ହିଁ ଏହି ପ୍ରଜାତିର ମହୁମାଛି ଦେଖାଯାନ୍ତି । ସେଠାକାର ଗୁରୁଙ୍ଗ ଆଦିବାସୀ ସମ୍ପ୍ରଦାୟର ଲୋକେ ଜୀବନକୁ ବିପଦରେ ପକାଇ ଏହି ମହୁ ସଂଗ୍ରହ କରିଥାନ୍ତି । ପ୍ରତିବର୍ଷ ଏଠାରୁ ପ୍ରାୟ ୨୦ରୁ ୩୦ ଗ୍ୟାଲେନ ମହୁ ସଂଗ୍ରହ କରାଯାଏ । ଦେଶବିଦେଶରେ ତାହା ବହୁ ମୂଲ୍ୟରେ ବିକ୍ରି ହୁଏ



# ନିଃସଙ୍ଗତା ପ୍ରଭାବିତ କରେ ବ୍ୟକ୍ତିତ୍ୱକୁ

ଅଧିକାଂଶ ସମୟ ଏକୁଟିଆ ରହିବା କଷ୍ଟକର । ତଥାପି କେତେକ ଏକୁଟିଆ ସମୟ କଟାଇବାକୁ ପସନ୍ଦ କରିଥାଆନ୍ତି । ହୁଏତ ଏହା ସଂପୃକ୍ତ ବ୍ୟକ୍ତିଙ୍କୁ ସାମୟିକ ଆନନ୍ଦ ଦେଇଥାଏ, ହେଲେ ଏହାର କୁପ୍ରୟଭାବପ ବ୍ୟକ୍ତିତ୍ୱ ଉପରେ ପଡ଼ିଥାଏ ବୋଲି ସତର୍କ କରାଇ ଦେଇଛନ୍ତି ଆମେରିକାର ମନୋବିଜ୍ଞାନୀମାନେ । ଅଧିକାଂଶ ସମୟ ଏକୁଟିଆ ରହିଲେ ମାନସିକତା ନକାରାତ୍ମକ ଦିଗକୁ ଗତି କରିଥାଏ । ଫଳରେ ବ୍ୟକ୍ତି ଜଣକ ଚିଡ଼ିଚିଡ଼ା ହୋଇଯାଇଥାଆନ୍ତି । ଏପରି କି ଏହାଦ୍ୱାରା କେତେକ ବ୍ୟକ୍ତିଙ୍କ ଆଚାର ବ୍ୟବହାରରେ ଭିନ୍ନତା ପରିଲକ୍ଷିତ ହୋଇଥାଏ । ତେଣୁ ଏଭଳି ସମସ୍ୟାଠାରୁ ନିଜକୁ ଦୂରେଇ ରଖିବାକୁ ଏକୁଟିଆ ସମୟ କାଟୁଥିବା ବେଳେ ମନ ପସନ୍ଦର ଗୀତ ଶୁଣନ୍ତୁ । ମନରେ ଏଭଳି ଚିନ୍ତାଧାରା ଆଣନ୍ତୁ ଯାହା ଫଳରେ ମାନସିକତା ସକାରାତ୍ମକ ରହୁଥିବ । ଅଧିକାଂଶ ସମୟ ଚିଡ଼ିଚିଡ଼ା ସ୍ୱଭାବ ଦେଖାଯାଉଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ କେତେକ ଏକୁଟିଆ ରହିବାକୁ ପସନ୍ଦ କରୁଥିଲେ । ତେଣୁ ଏକୁଟିଆ ସମୟ ବିତାଉଥିଲେ ନିଜର ମାନସିକତା କିପରି ସକାରାତ୍ମକ ରହିବ ସେ ନେଇ ଧ୍ୟାନଦେବା ଆବଶ୍ୟକ ବୋଲି ଆମେରିକୀୟ ମନୋବିଜ୍ଞାନୀମାନେ ପରାମର୍ଶ ଦେଇଛନ୍ତି ।

# ଆଚାର ଖାଇବା କେତେ ଉପକାରୀ ?



ଦକ୍ଷିଣ ଭାରତୀୟ ବ୍ୟଞ୍ଜନରେ ଆଚାର ଏକ ବିଶେଷ ସ୍ଥାନ ଗ୍ରହଣ କରିଛି । ସମ୍ପ୍ରତି ଆଚାରର ଲୋକପ୍ରିୟତା ବୃଦ୍ଧି ପାଇଛି । ଅନ୍ୟାନ୍ୟ ଭାରତୀୟ ରାଜ୍ୟରେ ମଧ୍ୟ ଲୋକେ ଏହାକୁ ଖାଇବାକୁ ପସନ୍ଦ କରୁଛନ୍ତି । ଏପରିକି ନାମକରା ଭାରତୀୟ ଆଚାର କମ୍ପାନୀ ବିଦେଶରେ ମଧ୍ୟ କୋଟିକୋଟି ଟଙ୍କାର ଆଚାର ବ୍ୟବସାୟ କରୁଥିବା ପ୍ରକାଶ । ନିକଟରେ ଜଣେ ଭାରତୀୟ ବିଶେଷଜ୍ଞ ୪ ବର୍ଷଧରି ବିଭିନ୍ନ ପ୍ରକାର ଆଚାର ଉପରେ ପରୀକ୍ଷା କରିବା ପରେ ନାନା ତଥ୍ୟ ପ୍ରକାଶ କରିଛନ୍ତି । ଆଚାର ଆବଶ୍ୟକ ପରିମାଣରେ ଦୈନିକ ଖାଇଲେ ତାହା ସ୍ୱାସ୍ଥ୍ୟ ଉପରେ କୌଣସି କୁପ୍ରଭାବ ପକାଇନଥାଏ ବୋଲି ଜଣାପଡ଼ିଛି । ବିଶେଷଜ୍ଞଙ୍କ ମତରେ ଦୈନିକ ଦ୍ୱିପ୍ରହର ବ୍ୟଞ୍ଜନରେ ଅଳ୍ପ ପରିମାଣର ଆଚାର ଖାଇଲେ ତାହା ହଜମ କ୍ଷମତା ବୃଦ୍ଧିକରେ । ଫଳ ଓ ପନିପରିବାରୁ ପ୍ରସ୍ତୁତ ଆଚାରରେ ଆଣ୍ଟିଅକ୍ସିଡାଣ୍ଟ ଭରପୁର ଥାଏ । କଞ୍ଚା ଥିବା ଅବସ୍ଥାରେ



ଫଳ ଓ ପନିପରିବାକୁ ଆଚାର ପାଇଁ ବ୍ୟବହାର କରାଯାଉଥିବାରୁ ତାହାର ପୋଷକତତ୍ତ୍ୱ ନଷ୍ଟ ହୋଇ ନଥାଏ । ଆଚାର ଖାଇଲେ ସେସବୁ ଆଣ୍ଟିଅକ୍ସିଡାଣ୍ଟ ତତ୍ତ୍ୱ ଶରୀରରେ ପ୍ରବେଶ କରି ତାହା ଉତ୍ତମ ଭାବେ କାର୍ଯ୍ୟକାରୀ ହୋଇଥାଏ । ଆଚାରରେ ଥିବା ପ୍ରୋବାୟୋଟିକ୍ସ ବ୍ୟାକ୍ଟେରିଆ ମସ୍ତିଷ୍କକୁ ସକ୍ରିୟ ରଖେ । ତେଣୁ ନିୟମିତ ଏହା ଅଳ୍ପ ପରିମାଣରେ ଖାଇବା ଉଚିତ । ବିଶେଷଜ୍ଞଙ୍କ ପରୀକ୍ଷାରୁ ଜଣାପଡ଼ିଛି ଯେ ଅଁଳା ଆଚାର ମଧ୍ୟ ସ୍ୱାସ୍ଥ୍ୟ ପାଇଁ ଭଲ । ଏହା ଯକୃତକୁ ରୋଗମୁକ୍ତ ରଖୁଥିବାର ଜଣାପଡ଼ିଛି । ତେବେ ଘରୋଇ ଭାବେ ଆଚାର ପ୍ରସ୍ତୁତ କରି ଖାଇବା ଅଧିକ ଭଲ । କାରଣ ବଜାରରେ ମିଳୁଥିବା ବିଭିନ୍ନ କମ୍ପାନୀର ଆଚାରରେ ରାସାୟନିକ ଦ୍ରବ୍ୟ ମିଶ୍ରଣର ଭୟ ଥାଏ । କମ ତେଲ ବ୍ୟବହାର କରି ଘରେ ହିଁ ଆଚାରକୁ ପ୍ରସ୍ତୁତ କରି ଖାଇବା ଉଚିତ ।

# ମହିଳାଙ୍କଠାରେ ଥାଇରଏଡ୍ ସମସ୍ୟା




ପୁରୁଷଙ୍କ ତୁଳନାରେ ମହିଳାଙ୍କ କ୍ଷେତ୍ରରେ ୮୦ ପ୍ରତିଶତ ଅଧିକ ଥାଇରଏଡ୍ ସମସ୍ୟା ଦେଖାଯାଇଥାଏ ବୋଲି ଏକ ରିସର୍ଚ୍ଚରୁ ଜଣାପଡ଼ିଛି । ମହିଳାମାନଙ୍କ ଠାରେ ଆୟୋଡିନର ଅଭାବ ଦେଖାଯାଉଥିବାରୁ ସେମାନଙ୍କ କ୍ଷେତ୍ରରେ ଥାଇରଏଡ୍ ସମସ୍ୟା ଅଧିକ ଦେଖାଦେଇଥାଏ । ଇଣ୍ଡିଆନ ମେଡ଼ିକାଲ ଆସୋସିଏସନର ଅଧ୍ୟକ୍ଷ ଡା.କେ.କେ.ଅଗ୍ରୱାଲଙ୍କ ମତରେ ଥାଇରଏଡ୍ ଶରୀରରେ ପାଚନ କ୍ରିୟାକୁ ସନ୍ତୁଳିତ ରଖିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ଏଥିରୁ ବାହାରୁଥିବା ହରମୋନ ଶରୀର ତାପମାତ୍ରାକୁ ସନ୍ତୁଳିତ ରଖିବା ଓ ମସ୍ତିଷ୍କକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ । ତେବେ ଥାଇରଏଡ୍ ବିକାର ଦେଖାଦେଲେ ଏହି ଗ୍ରନ୍ଥି ଅଧିକ କାମ କରିବାରେ ଲାଗିଥାଏ । ଫଳରେ ହାଇପରଥାୟରାୟଡ଼ିଜିମ ହୋଇଥାଏ । ହାଇପରଥାୟୋରାଡିଜିମ ଅଧିକ ହେଲେ କୋଲେଷ୍ଟ୍ରୋଲ ଓ ହୃଦୟ ସମସ୍ୟା ସୃଷ୍ଟି କରିଥାଏ । ମେନୋପଜ ସମୟରେ ମହିଳାମାନେ ଥାଇରଏଲଡ଼ ପରୀକ୍ଷା କରାଇନେବା ନିତାନ୍ତ ଆବଶ୍ୟକ । ଭାରତରେ ୧୦ଜଣଙ୍କ ମଧ୍ୟରୁ ଜଣେ ଅର୍ଥାତ୍ ପ୍ରାୟ ୪.୨ କୋଟି ଲୋକ ଥାଇରଏଡ୍ ସମସ୍ୟାରେ ପୀଡ଼ିତ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଅଭିନନ୍ଦନୀୟ ପଦକ୍ଷେପ...

ଏଇ ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମଗ୍ର ଦେଶର ୧୪,୫୦୦ ସ୍କୁଲକୁ ଉଦୀୟମାନ ଭାରତ ପାଇଁ ପ୍ରଧାମନ୍ତ୍ରୀ ସ୍କୁଲ (ପିଏମ୍-ଶ୍ରୀ) ଯୋଜନା ଅଧୀନରେ ବିକଶିତ ତଥା ଉନ୍ନତ କରିବକୁ ଘୋଷଣା କରିଛନ୍ତି । ନିଃସନ୍ଦେହରେ ଏହା ଏକ ଅଭିନନ୍ଦନୀୟ ପଦକ୍ଷେପ, କାରଣ ମାନବୀର ଅନ୍ୟାନ୍ୟ ମୌଳିକ ଆବଶ୍ୟକତାଗୁଡ଼ିକ ଭଳି ଶିକ୍ଷ ମଧ ଏକ ମୌଳିକ ଆବଶ୍ୟକତା ଏବଂ ଦ୍ରୁତ ପରିବର୍ତ୍ତନଶୀଳ ବିଶ୍ୱର ଅନ୍ୟାନ୍ୟ ରାଷ୍ଟ୍ରମାନଙ୍କ ସହିତ ତାଳଦେଇ ଚାଲିବାକୁ ହେଲେ ଏହି କ୍ଷେତ୍ରରେ ପରିବର୍ତ୍ତନ ଅଣାଯିବା ଉଚିତ । ତେବେ ପ୍ରଧାନମନ୍ତ୍ରୀଙ୍କର ଏହି ଘୋଷଣା କେତେକ ପ୍ରଶ୍ନ ଜାଗ୍ରତ କରାଇଛି । ପ୍ରସ୍ତାବ ଅନୁସାରେ ପିଏମ୍-ଶ୍ରୀ ଯୋଜନା ଅଧୀନରେ ଉପରୋକ୍ତ ସଂଖ୍ୟକ ସ୍କୁଲଗୁଡ଼ିକରେ ସଦ୍ୟତମ ଜ୍ଞାନକୌଶଳ ସହିତ ଆଧୁନିକ ଭିତ୍ତିଭୂମି, ସ୍ମାର୍ଟ ଶ୍ରେଣୀଗୃହ, କ୍ରୀଡ଼ା ଏବଂ ଆହୁରି ଅନେକ ଆନୁଷଙ୍ଗିକ ଆବଶ୍ୟକତାର ପୂରଣ ଉପରେ ଧ୍ୟାନ କେନ୍ଦ୍ରିତ କରାଯିବ । ତେବେ ଏହା ପୂର୍ବରୁ ଦେଶର ଶିକ୍ଷା କ୍ଷେତ୍ର ଉପରେ ଏକ ବିହଙ୍ଗାବଲୋକନ ଦର୍ଶାଇ ଥାଏ ଯେ ୟୁନିଫାଏଡ୍ ଡିଷ୍ଟ୍ରିକ୍ଟ ଇନ୍‌ଫର୍ମେସନ୍ ସିଷ୍ଟମ୍ ଫର ଏଜୁକେସନ୍ (ୟୁଡାଇସ୍) ସର୍ଭେ ଅନୁସାରେ ସମଗ୍ର ଦେଶର ୧୪ ପ୍ରତିଶତ ସ୍କୁଲ ଏବେ ସୁଦ୍ଧା ବିଦ୍ୟୁତ୍ ଶକ୍ତି ସଂଯୋଜରୁ ବଞ୍ଚିତ ଅର୍ଥାତ୍ ଏସବୁ ସ୍କୁଲ ଏବେ ବି ଶକ୍ତି କ୍ଷେତ୍ରର ପହଞ୍ଚଠାରୁ ଦୂରରେ ରହିଛନ୍ତି; ଅନ୍ୟାନ୍ୟ କ୍ଷେତ୍ରରେ ମଧ ଅନେକ ଖାଇ ରହିଛି ପୂରଣ ହେବା ଅପେକ୍ଷାରେ । ସରକାର ଶିକ୍ଷା କ୍ଷେତ୍ରରେ ଅଧିକ ଅର୍ଥ ବ୍ୟୟ କରିବା, ବିଶେଷକରି ସ୍କୁଲ ଶିକ୍ଷା କ୍ଷେତ୍ରରେ ବ୍ୟୟ କରିବା ସମୃଦ୍ଧିର ପଥରେ ଚାଲିବା ନିମନ୍ତେ ଏକ ବଡ଼ ପଦକ୍ଷେପ କହିଲେ ଅତ୍ୟୁକ୍ତି ହେବନାହିଁ । ଦେଶର କେରଳ ହେଉଛି ଏମିତି ଏକ ରାଜ୍ୟ ଯାହା ସ୍କୁଲ ଭିତ୍ତିଭୂମି ବାବଦରେ ପ୍ରଚୁର ପରିମାଣରେ ଅର୍ଥ ବ୍ୟୟ କରିଛି । ଏହା ବିଗତ ପାଞ୍ଚବର୍ଷ ମଧ୍ୟରେ ରାଜ୍ୟର ହାରାହାରି ୪,୬୦୦ ସ୍କୁଲରେ ୪୫ ହଜାରରୁ ଅଧିକ ସଂଖ୍ୟକ ସ୍ମାର୍ଟ କ୍ଲାସ୍‌ରୁମ୍ ବା ଶ୍ରେଣୀଗୃହ ପ୍ରତିଷ୍ଠା କରି ସାରିଛି । ପରିଣତି ସ୍ୱରୂପ, ବର୍ତ୍ତମାନ କେରଳର ସରକାରୀ ସ୍କୁଲଗୁଡ଼ିକରେ ପୂର୍ବ ବର୍ଷମାନଙ୍କ ତୁଳନାରେ ନାମଲେଖା ହାର ଢେର୍ ବୃଦ୍ଧି ପାଇଛି । ସମ୍ପ୍ରତି ପ୍ରଧାନମନ୍ତ୍ରୀ ଦେଶର ଯେତିକି ସଂଖ୍ୟକ ସ୍କୁଲକୁ ଏହି ସ୍ତରକୁ ଆଣିବାକୁ ଘୋଷଣା କରିଛନ୍ତି, ତାହା ଏହି ଗୋଟି, ରାଜ୍ୟର ଉନ୍ନତି ସ୍କୁଲଗୁଡ଼ିକର ସଂଖ୍ୟା ତୁଳନାରେ ଯଥେଷ୍ଟ କମ୍ ହୋଇପାରେ, ତେବେ ଏହାକୁ ପ୍ରଥମ ପଦକ୍ଷେପ ଭାବରେ ଗ୍ରହଣ କରାଯାଇପାରେ । ପ୍ରଧାନମନ୍ତ୍ରୀ ଏକ ଆବିଷ୍କା- ଅଭିମୁଖୀ, ଶିକ୍ଷା ଗ୍ରହଣ-କୈନ୍ଦ୍ରିକ ଶିକ୍ଷାଦାନ ଉପରେ ଗୁରୁତ୍ୱ ପ୍ରଦାନ କରୁଥିବା ଆଧୁନିକ, ପରିବର୍ତ୍ତନଶୀଳ ତଥା ସାମଗ୍ରିକ ବିକାଶ ଉପରେ ଧ୍ୟାନ ଦେଉଥିବା ସ୍କୁଲଗୁଡ଼ିକ ପ୍ରତିଷ୍ଠା କରିବା କଥା କହିଛନ୍ତି । ପୁନଶ୍ଚ, ସେ ମଧ ନୂଆ ଶିକ୍ଷା ନୀତିର ଆଭିମୁଖ୍ୟ ଏହିସବୁ ସ୍କୁଲକୁ ମାର୍ଗଦର୍ଶନ କରାଇବ ବୋଲି ଦୋହରାଇଛନ୍ତି । ସାଧାରଣ ଭାବରେ ଦେଖିଲେ, ଭିତ୍ତିଭୂମି ନିର୍ବିଶେଷରେ ଶିକ୍ଷା ପ୍ରତି ମୌଳିକ ଆଭିମୁଖ୍ୟ ସମଗ୍ର ଦେଶରେ ସମାନ ଶୈଳୀକୁ ଅନୁସରଣ କରିଥାଏ । ତେଣୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଶିକ୍ଷାରେ ନୂତନ ଚିନ୍ତାଧାରର ସମାବେଶ ଘଟାଇବାର ଲାଭ ସବୁ ବର୍ଗର ସବୁ ପିଲାଙ୍କ ନିକଟରେ ପହଞ୍ଚିବା ଆବଶ୍ୟକ । ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ସାମ୍ପ୍ରତିକ ସମୟରେ ଜାତୀୟ ରାଜନୀତି କ୍ଷେତ୍ରରେ କିଛି ପରିମାଣରେ ଧ୍ୟାନ ଆକର୍ଷଣ କରିଥିବା ମନେହୁଏ । ଏଥିପାଇଁ ଦିଲ୍ଲୀର ଆମ୍ ଆଦ୍‌ମୀ ପାର୍ଟି (ଆପ୍)କୁ ଶ୍ରେୟ ପ୍ରଦାନ କରାଯାଇପାରେ, କାରଣ ସରକାରୀ ସ୍କୁଲ ଶିକ୍ଷା କ୍ଷେତ୍ରରେ ଏହି ରାଜ୍ୟ ପରିବର୍ତ୍ତନ ଆଣି ସମଗ୍ର ବିଶ୍ୱରେ ଚର୍ଚ୍ଚାର ବିଷୟ ହୋଇ ପାରିଥିବା କେନ୍ଦ୍ର ତଥା ଅନ୍ୟ ରାଜ୍ୟର ସରକାରମାନଙ୍କୁ ଉପରୋକ୍ତ ଦୁଇ କ୍ଷେତ୍ର ଉପରେ ଧ୍ୟାନ କେନ୍ଦ୍ରିତ କରିବାକୁ ଏକ ପ୍ରକାର ପ୍ରୋତ୍ସାହିତ କରିଛି କହିଲେ ଅତ୍ୟୁକ୍ତି ହେବନାହିଁ । ମାନବ ଜୀବନର ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକରେ ପ୍ରତିଯୋଗିତାମୂଳକ ରାଜନୀତି ସହିତ ପୁଞ୍ଜିନିବେଶର ପ୍ରତିଶ୍ରୁତି ସମଗ୍ର ଦେଶକୁ ଲାଭ ପହଞ୍ଚାଇବା ସୁନିଶ୍ଚିତ । ତେଣୁ ସମୟକୁ ଅପେକ୍ଷା କରାଯାଉ ସରକାରମାନେ ପ୍ରଧାନମନ୍ତ୍ରୀଙ୍କ କଥାକୁ କେତେଦୂର କାର୍ଯ୍ୟରେ ଲଗାଉଛନ୍ତି ଦେଖିବାକୁ । ମୂଳଦୁଆ ସ୍ତରର ଶିକ୍ଷଣକୁ ଆକଳନ କରିବା ନିମନ୍ତେ ଏହି ଅଧ୍ୟୟନ ସର୍ବବୃହତ୍ ହୋଇଥିବା ବେଳେ ଏହା ଆହୁରି ମଧ ଦର୍ଶାଇଛି ଯେ ଇଂରାଜୀ ଭାଷାରେ ୧୫ ପ୍ରତିଶତଙ୍କ ନିକଟରେ 'ମୌଳିକ ଦକ୍ଷତା'ର ଅଭାବ ରହିଥିବା ବେଳେ ୩୦ ପ୍ରତିଶତଭ୍‌କ ନିକଟରେ 'ସୀମିତ ଦକ୍ଷତା' ରହିଥିବା ଦେଖିବାକୁ ମିଳିଛି । ମାର୍ଚ୍ଚ ମାସରେ କରାଯାଇଥିବା ଏହ ଅଧ୍ୟୟନ ଜଣଙ୍କ- ସହିତ- ଜଣେ ସାକ୍ଷାତକାର ନେବା ଭିତ୍ତିରେ ସମ୍ପନ୍ନ ହୋଇଥିବା ଯେଉଁଥିରେ ଅନ୍ତର୍ଭୁକ୍ତ କରାଯାଇଥିଲା ୧୦ ହଜାର ସ୍କୁଲର ୮୬ ହଜାର ବିଦ୍ୟାର୍ଥୀଙ୍କୁ । ଏହି ଅଧ୍ୟୟନର ଫଳାଫଳ ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ, କାରଣ ଶିକ୍ଷା ବିଶେଷଜ୍ଞମାନଙ୍କ ମତରେ ଛଅରୁ ସାତ ବର୍ଷ ବୟସରେ ପିଲାର ମସ୍ତିଷ୍କର ଶକ୍ତି ୮୦ରୁ ୯୦ ପ୍ରତିଶତ ବୃଦ୍ଧି ପାଇଥାଏ । ତେଣୁ ଏହି ବୟସର ପିଲାମାନଙ୍କୁ ଭବିଷ୍ୟତରେ ଦେଶର ଆବଶ୍ୟକତା ଅନୁରୂପ ବଳିଷ୍ଠ ମାନବ ସମ୍ବଳରେ ପରିଣତ କରିବାକୁ ହେଲେ ଉପଯୁକ୍ତ ଶୈକ୍ଷିକ ଏବଂ ପୋଷକ ତତ୍ତ୍ୱ ପ୍ରଦାନକାରୀ ପରିବେଶ ସୃଷ୍ଟି କରୁଥିବା ଏକ ଦୃଢ଼ ଭିତ୍ତିଭୂମି ନିର୍ମାଣ କରାଯିବାର ଜରୁରୀ ଆବଶ୍ୟକତା ରହିଛି ।

## ସତ୍ୟର ନୀରବ ସାଧକ ପ୍ରଫେସର ବି. ବି ଲାଲ



ଡ. ସମନ୍ୱୟ ନନ୍ଦ



ଦେଶର ଖ୍ୟାତନାମା ପ୍ରତ୍ନତତ୍ତ୍ୱବିତ ପ୍ରଫେସର ବିବି ଲାଲ ଆଉ ନାହାନ୍ତି। ୧୦୧ ବର୍ଷ ବୟସରେ ସେ ତାଙ୍କର ଶେଷ ନିଶ୍ୱାସ ନେଇଛନ୍ତି । ତାଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଅନେକ ମାନ୍ୟଗଣ୍ୟ ଲୋକ ମାନେ ଗଭୀର ଶୋକ ପ୍ରକାଶ କରିଛନ୍ତି । ଅଯୋଧ୍ୟାରେ ବାବରୀ ଢାଂଚା ତଳେ ମନ୍ଦିର ଥିବାର ପ୍ରମାଣ ହେଉ, ଇଂରେଜଙ୍କ ଦ୍ୱାରା ଦିଆ ଯାଇଥିବା ଅତ୍ୟନ୍ତ ଅବୈଜ୍ଞାନିକ ଆର୍ଯ୍ୟ ଆକ୍ରମଣ ସିଦ୍ଧାନ୍ତ ବିରୁଦ୍ଧରେ ଅକାଟ୍ୟ ତର୍କ ପ୍ରଫେସର ଲାଲ ଦେଇଥିଲେ ।

ଇଂରେଜ ମାନେ ସେମାନଙ୍କର ଔପନିବେଶିକ ସ୍ୱାର୍ଥର ପୂର୍ତି କରିବାକୁ ଓ ସେମାନଙ୍କର ଶାସନକୁ ଦୀର୍ଘ ସ୍ଥାୟୀ କରିବାକୁ ଶିକ୍ଷା, ଇତିହାସ ଏପରିକି ପ୍ରତ୍ନତତ୍ତ୍ୱକୁ ବ୍ୟବହାର କରିଥିଲେ । ଇଂରେଜ ମାନେ ବିଶେଷ ଭାବେ ଇତିହାସ ଓ ପ୍ରତ୍ନତତ୍ତ୍ୱର ବ୍ୟବହାର ସତ୍ୟ ଜଣାଇବାକୁ କରୁ ନ ଥିଲେ ବରଂ ସେମାନେ ଏଗୁଡିକର ବ୍ୟବହାର ଭାରତର ଜନ ମାନସରେ ହଜାର ହଜାର ବର୍ଷ ଧରି ଅଂକିତ ଥିବା ତଥ୍ୟକୁ ଭୁଲ ବୋଲି ପ୍ରମାଣିତ କରିବାକୁ କରି ଆସିଥିଲେ । ଏପରି କରିବା ପଛରେ ସେମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଭାରତୀୟ ମାନଙ୍କ ମନରେ ହୀନମନ୍ୟନତାର ଭାବନା ସୃଷ୍ଟି କରିବା । ଯେଉଁ ଜାତି ମନରେ ହୀନମନ୍ୟତାର ଭାବନା ସୃଷ୍ଟି ହୋଇ ଯାଏ, ଯେଉଁ ଜାତି ଆତ୍ମହୀନତାର ଶୀକାର ହୋଇ ଯାଏ ତା ଉପରେ ଶାସନ କରିବା ଖୁବ ସହଜ ହୋଇଥାଏ । ଯେଉଁ ଜାତି ତାର ଇତିହାସରୁ ପ୍ରେରଣା ଲାଭ କରେ ଓ ଭୁଲରୁ ଶିକ୍ଷା ଗ୍ରହଣ କରିଥାଏ ସେହି ଜାତି ଉପରେ ଦୀର୍ଘ ସମୟ ଧରି ଶାସନ କରିବା ସମ୍ଭବ ହୋଇ ନ ଥାଏ । ଗୋରା ଇଂରେଜ ଧୂର୍ତ ମାନେ ଏହାକୁ ଭଲ ଭାବେ ଜାଣିଥିଲେ ।

ଏହି କାରଣରୁ ଇଂରେଜ ମାନେ ଭାରତରେ ଆର୍ଯ୍ୟ ଆକ୍ରମଣ ସିଦ୍ଧାନ୍ତ, ରାମାୟଣ- ମହାଭାରତ ଆଦି ଭାରତର ଇତିହାସ ନୁହେଁ ବରଂ ଏହାକୁ ମାଇଥୋଲୋଜି ବୋଲି ପ୍ରଚାରିତ କରି ଆସୁଥିଲେ । ଭାରତ ସ୍ୱାଧୀନ ହେବା ପରେ ଏହି ଦୃଷ୍ଟି ବଦଳି ଯିବାର ଆବଶ୍ୟକତା ଥିଲା। ହେଲେ ଦୁର୍ଭାଗ୍ୟର ବିଷୟ ଯେ ଭାରତ ସରକାର ଓ ଭାରତ ସରକାରଙ୍କ ଦ୍ୱାରା ଗଠିତ ସଂସ୍ଥା ମାନଙ୍କରେ ଏଥିରେ କୌଣସି ପ୍ରକାର ପରିବର୍ତନ ଆସି ନଥିଲା । ସେମାନେ ଏଥିରେ ଭାରତୀୟ ଦୃଷ୍ଟିକୋଣ ଆଣିବା ପରିବର୍ତେ ମଧ୍ୟ ଇଂରେଜ ମାନଙ୍କ ଦ୍ୱାରା ଆରମ୍ଭ କରା ଯାଇଥିବା ଔପନିବେଶିକ ନ୍ୟାରେଟିଭକୁ ହିଁ ଆଗକୁ ବଢାଇଥିଲେ । ଏହି ସଂସ୍ଥା ମାନଙ୍କରେ ବାମପନ୍ଥୀ ମାନଙ୍କ ପ୍ରବେଶ କାରଣରୁ ଭାରତ ସ୍ୱାଧୀନ ହେବା ପରେ ମଧ୍ୟ ସ୍କୁଲର ପାଠ୍ୟକ୍ରମରେ ଆର୍ଯ୍ୟ ମାନେ ବାହାରୁ ଆସିଥିଲେ ଭଳି ମିଥ୍ୟା ସିଦ୍ଧାନ୍ତ ଗୁଡିକୁ ପଢା ହୋଇ ଆସୁଥିଲା ।

ହେଲେ ପ୍ରସିଦ୍ଧ ପ୍ରତ୍ନତତ୍ତ୍ୱବିତ ପ୍ରଫେସର ବି.ବି ଲାଲ ଜଣେ ଏପରି ସତ୍ୟର ସାଧକ ଥିଲେ ଯିଏ ଏହି ସମସ୍ତ ବାମପନ୍ଥୀ ଓ ଔପନିବେଶିକ ଥ୍ୟୋରୀ ଗୁଡିକୁ ନିଜର ବୈଜ୍ଞାନିକ ପ୍ରତ୍ନତାତ୍ତ୍ୱିକ ଅନୁସନ୍ଧାନ ଆଧାରରେ ଧରାଶାୟୀ କରିଥିଲେ । ସେ ତାଙ୍କର ଅନେକ ଦଶନ୍ଧି ଧରି ପ୍ରତ୍ନତାତ୍ତ୍ୱିକ କାମରେ ଅନେକ ଗୁରୁତ୍ୱପୂର୍ଣ୍ଣ କାମ କରିଥିଲେ । ଏହା ମଧ୍ୟରୁ ତାଙ୍କର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାମ ହେଲା ଯେ ସେ ଅଯୋଧ୍ୟାରେ ବାବରୀ ଢାଂଚା ତଳେ ମନ୍ଦିର ଥିବା କଥା କହିଥିଲେ । ଏହା ଫଳରେ ବାମପନ୍ଥୀ ତଥା ଆଲିଗଡ ମୁସଲିମ ବିଶ୍ୱବିଦ୍ୟାଳୟର ଐତିହାସିକ ମାନଙ୍କ ଠାରୁ ଅନେକ ସମାଲୋଚନାର ଶରବ୍ୟ ହେବାକୁ ପଡିଥିଲା । ଇତିହାସ କ୍ଷେତ୍ରରେ ଏହି ବାମପନ୍ଥୀ ଐତିହାସିକ ମାନଙ୍କର ପ୍ରଭାବ ଖୁବ ଅଧିକ ରହି ଆସିଛି । ସେମାନେ ସରକାର ଓ ଶାସନର ସଂରକ୍ଷଣରେ କଳାକୁ ଧଳା କରିବା ଓ ଧଳାକୁ କଳା କରିବା କାମ ଲଗାତାର ଭାବେ କରି ଆସିଛନ୍ତି। ସେମାନେ ଭାରତର ରାଜା ସେମାନଙ୍କର ଶାସନ ବ୍ୟବସ୍ଥା ସେମାନଙ୍କ ସମୟର ସମାଜ ବ୍ୟବସ୍ଥାକୁ 'ଜହାଲତରେ ପରିପୂର୍ଣ୍ଣ' ବୋଲି ଘୋଷଣା କରିବା ସହ ମଧ୍ୟ ଏସିଆରୁ ଆସିଥିବା ଆକ୍ରମଣକାରୀ ମାନେ କିପରି ଶ୍ରେଷ୍ଠ ଥିଲେ ତାହା ଲେଖି ଭାରତର ଜନମାନସକୁ ଭ୍ରମିତ କରିବାର କାମ କରି ଆସିଛନ୍ତି । ତାଙ୍କ ଦ୍ୱାରା ଦିଆ ଯାଇଥିବା ଥ୍ୟୋରୀ ବିରୁଦ୍ଧରେ ଯଦି କେହି ଗଲା ତେବେ ଏକାଦେମିକ କ୍ଷେତ୍ରରେ ତାଙ୍କୁ ସମାପ୍ତ କରି ଥାନ୍ତି ।

ତେଣୁ ପ୍ରଫେସର ବି. ବି. ଲାଲ ତାଙ୍କ ଟାର୍ଗେଟରେ ରହିବା ସ୍ୱାଭବିକ ଥିଲା । ଏହା ସତ୍ୱେ ପ୍ରଫେସର ବି. ବି. ଲାଲ କେବେ ହେଲେ ସତ୍ୟରୁ ବିଚ୍ୟୁତ ହୋଇ ନଥିଲେ । ପ୍ରଫେସର ବି.ବି. ଲାଲ ଅନେକ ମହାଭାରତ ସହ ଜଡିତ ସ୍ଥଳର ଉତ୍‌ଖନନ କାମ କରିଥିଲେ । ସେ ୧୯୭୫ ମସିହାରେ ଆର୍କିଓଲଜି ଅଫ ଦି ରାମାୟଣ ସାଇଟ୍ସ ନାମରେ ଏକ ପ୍ରକଳ୍ପ କାମ ଆରମ୍ଭ କରିଥିଲେ । ଏହି ପ୍ରକଳ୍ପରେ ସେ ରାମାୟଣ ସହ ଜଡିତ ବିଭିନ୍ନ ସ୍ଥାନ ଅଯୋଧ୍ୟା, ଭାରଦ୍ୱାଜ ଆଶ୍ରମ, ନନ୍ଦୀଗ୍ରାମ, ଚିତ୍ରକୂଟରେ ଏହି ପ୍ରକଳ୍ପର ନେତୃତ୍ୱ ନେଇଥିଲେ ।

ରାମ ଜନ୍ମଭୂମି ସ୍ଥଳରେ ଉତ୍‌ଖନନ ବେଳେ ଏହି ଟିମରେ ସାମିଲ ଥିବା (ସେତେବେଳେ ଯୁବାବସ୍ଥାରେ ଥିବା) କେ. କେ ମୋହମ୍ମଦ ତାଙ୍କର ଗୁରୁ ଅର୍ଥାତ ବି. ବି. ଲାଲଙ୍କ ସମ୍ପର୍କରେ ଏକ ଲେଖା ଲେଖିଛନ୍ତି । ସେ କହିଛନ୍ତି ଯେ ଜନ୍ମଭୂମି ସ୍ଥଳରେ ପୂର୍ବରୁ ସେଠାରେ ମନ୍ଦିର ରହିଥିବାର ସ୍ପଷ୍ଟ ପ୍ରମାଣ ମିଳିଥିଲା । ହେଲେ ମାର୍କସବାଦୀ ଐତିହାସିକ ମାନେ ଅଯୋଧ୍ୟା ଉତଖନନ ଓ ବିଶେଷ ଭାବେ ଏହାର ନେତୃତ୍ୱ ନେଇଥିବା ପ୍ରଫେସର ବି. ବି. ଲାଲଙ୍କ ଉପରେ ଆକ୍ରମଣ ଆରମ୍ଭ କରି ଦେଇଥିଲେ । କେ.କେ ମୋହମ୍ମଦଙ୍କ କହିବା କଥା ହେଲା ଯେ ଯେଉଁ ଲୋକ ମାନେ ପ୍ରଫେସର ଲାଲଙ୍କ ଉପରେ ଆକ୍ରମଣ କରୁଥିଲେ ସେମାନେ ଐତିହାସିକ ଥିଲେ, ପ୍ରତ୍ନତତ୍ତ୍ୱ ବିଷୟରେ କହିବାର ସେମାନେ ଅଧିକାରୀ ନ ଥିଲେ । ସେମାନଙ୍କୁ ପ୍ରତ୍ନତତ୍ତ୍ୱରେ ବ୍ୟବହାର ହେଉଥିବା ଟେକ୍ନିକ ଓ ଅନ୍ୟ ବିଷୟ ଜଣା ନ ଥିଲା । ଏହା ସତ୍ୱେ ଏହି ମାର୍କ୍ସବାଦୀ ଐତିହାସିକ ମାନେ ପ୍ରଫେସର ଲାଲଙ୍କ ବିରୁଦ୍ଧରେ ଗଣମାଧ୍ୟମରେ ଆକ୍ରମଣ ଜାରୀ ରଖିଥିଲେ ।

କେ.କେ ମୋହମ୍ମଦଙ୍କ କହିବା କଥା ଯେ ଏହା ପରେ ଏଏସଆଇ ଓ ପ୍ରଫେସର ବି.ବି. ଲାଲଙ୍କ ଉପରେ କମ୍ୟୁନିଷ୍ଟ ମାନଙ୍କର ଆକ୍ରମଣ ନ କମିବା କାରଣରୁ ସେ ଗଣମାଧ୍ୟମରେ ଏହା ଉପରେ ପ୍ରତିକ୍ରିୟା ଦେବାକୁ ସ୍ଥିର କଲେ । ସେ ୧୯୯୦ ମସିହା ଡିସେମ୍ବର ୧୫ ତାରିଖ ଦିନ ଏକ ଇଂରାଜୀ ସମ୍ବାଦପତ୍ରରେ ପତ୍ରରେ ଏକ ଲେଖା ଲେଖି କହିଲେ ଯେ ସେ ନିଜେ ଜଣେ ମୁସଲମାନ। ସେ ଖନନକାରୀ ଦଳର ଜଣେ ସଦସ୍ୟ ଥିଲେ । ବିବାଦୀୟ ଢାଂଚା ତଳେ ମନ୍ଦିରର ଭଗ୍ନାବଶେଷ ରହିଛି । ଅଯୋଧ୍ୟା ହିନ୍ଦୁ ମାନଙ୍କର ପବିତ୍ର ସ୍ଥଳ ହୋଇଥିବା କାରଣରୁ ମୁସଲମାନ ମାନଙ୍କୁ ସ୍ୱେଚ୍ଛାରେ ରାମ ଜନ୍ମଭୂମିକୁ ଦେଇଦେବା ଉଚିତ । ଡ. କେ.କେ ମୋହମ୍ମଦ ଆଗକୁ ଲେଖିଲେ ଯେ ଏହା ପରେ ମାର୍କ୍ସବାଦୀ ଓ ଅଲିଗଡ ମୁସଲିମ ବିଶ୍ୱବିଦ୍ୟାଳୟର ଐତିହାସିକ ମାନେ ତାଙ୍କ ପ୍ରତି ରକ୍ତମୁଖା ହୋଇ ପଡିଥିଲେ।

କେ.କେ ମୋହମ୍ମଦଙ୍କ ଏହି ଲେଖା ଉପରେ କମ୍ୟୁନିଷ୍ଟ ଐତିହାସିକ ମାନେ ଯେଉଁଳି ପ୍ରତିକ୍ରିୟା ଦେଇଥିଲେ ସେଥିରୁ ବାମପନ୍ଥୀ ଐତିହାସିକ ମାନେ ପ୍ରଫେସର ବି.ବି. ଲାଲଙ୍କ ପ୍ରତି କେତେ କ୍ରୋଧ ଥିଲା ତାହା ଅନୁମାନ କରା ଯାଇ ପାରେ । ଏହା ସତ୍ୱେ ପ୍ରଫେସର ବି. ବି. ଲାଲ ତାଙ୍କର କାମ ଜାରୀ ରଖିଥିଲେ । ସମାଲୋଚନା ତାଙ୍କୁ ତାଙ୍କ କାମରୁ ଦୂର କରି ପାରି ନ ଥିଲା । ଅଯୋଧ୍ୟା ମାମଲାର ଯେତେବେଳେ ସୁପ୍ରିମ କୋର୍ଟର ରାୟ ଆସିଲା ସେତେବେଳେ ସେ ଏହାର ପ୍ରତିକ୍ରିୟାରେ କହିଲେ 'ଏଏସଆଇର ନିଷ୍କର୍ଷ ଗୁଡିକ ସୁପ୍ରିମକୋର୍ଟ ନୋଟିସରେ ନେଇଥିବାରୁ ମୁଁ ଅତ୍ୟନ୍ତ ଖୁସୀ'।

ଏ ସମ୍ପର୍କରେ ତାଙ୍କର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଉପାଦେୟ ପୁସ୍ତକ 'ରାମ, ହିଜ ହିଷ୍ଟରିସିଟି, ମନ୍ଦିର ଏଣ୍ଡ ସେତୁ : ଏଭିଡେନ୍ସ ଅଫ ଲିଟରେଚର, ଆର୍କିଓଲଜି ଏଣ୍ଡ ଅଦର ସାଇନ୍ସେସ' ରହିଛି । ପ୍ରଫେସର ବି.ବି ଲାଲ କେବଳ ରାମାୟଣ ସ୍ଥଳ ଉପରେ କାମ କରି ନାହାନ୍ତି । ସେ ମହାଭାରତ ସ୍ଥଳ ଗୁଡିକ ଉପରେ ମଧ୍ୟ ଦୀର୍ଘ ଦିନ ଧରି କାମ କରିଥିଲେ ।

ପ୍ରଫେସର ବି.ବି. ଲାଲ ଜଣେ ସତ୍ୟାନ୍ୱେଷୀ ଭାବେ ତାଙ୍କର କାମ କରିଥିଲେ । ସେ ମହାଭାରତ ସହ ଜଡିତ ଅନେକ ସ୍ଥାନ ଯେପରି ମେରଠ ନିକଟରେ ହସ୍ତିନାପୁର, ମଥୁରା ଓ କୁରୁକ୍ଷେତ୍ର ଆଦି ସ୍ଥାନରେ ତଥା ଇନ୍ଦ୍ରପ୍ରସ୍ଥ ଆଦି ସ୍ଥାନରେ ପ୍ରତ୍ନତାତ୍ତ୍ୱିକ ପ୍ରକଳ୍ପରେ କାମ କରିଥିଲେ। ବାମପନ୍ଥୀ ମାନେ ମହାଭାରତକୁ କେବଳ କପୋଳ କଳ୍ପନା କହୁଥିବା ବେଳେ ପ୍ରଫେସର ଲାଲ ମହାଭାରତର ଐତିହାସିକତାକୁ ପ୍ରମାଣିତ କରି ବାମପନ୍ଥୀ ଐତିହାସିକ ମାନଙ୍କ ଗାଲରେ ଶକ୍ତ ଚାପୁଡା ଲଗାଇଥିଲେ।

କେବଳ ସେତିକି ନୁହେଁ ପ୍ରଫେସର ଲାଲ ବ୍ରିଟିଶ ମାନଙ୍କ ଦ୍ୱାରା ଓ ପରେ ମାର୍କ୍ସବାଦୀ ମାନଙ୍କ ଦ୍ୱାରା ବହୁଳ ଭାବେ ପ୍ରଚାରିତ ଆର୍ଯ୍ୟ ଆକ୍ରମଣ ସିଦ୍ଧାନ୍ତକୁ ଅତ୍ୟନ୍ତ ତାର୍କିକ ଭାବେ ଖଣ୍ଡନ କରିଥିଲେ । ତାଙ୍କର ଏ ସମ୍ପର୍କିତ ପୁସ୍ତକ 'ଦି ସରସ୍ୱତୀ ଫ୍ଲଜ ଅନ'। ଏହି ପୁସ୍ତକ ଜରିଆରେ ସେ ମାର୍କସବାଦୀ ଐତିହାସିକ ଆରଏସ ଶର୍ମାଙ୍କ ଦ୍ୱାରା ଦିଆ ଯାଇଥିବା ତର୍କକୁ ଖଣ୍ଡନ କରିଥିଲେ। ଏହାକୁ ନେଇ ମଧ୍ୟ ସେ ମାର୍କସବାଦୀ ମାନଙ୍କ ଦ୍ୱାରା ପ୍ରବଳ ଆକ୍ରମଣ ଓ ସମାଲୋଚନାର ଶୀକାର ହୋଇଥିଲେ। ଏହା ସତ୍ୱେ ପ୍ରଫେସର ଲାଲ କେବେ ହେଲେ ସତ୍ୟର ଅନ୍ୱେଷଣରୁ ନିଜକୁ ବିଚ୍ୟୁତ କରି ନ ଥିଲେ ।

ଜୀବନ ବ୍ୟାପୀ ସତ୍ୟର ସାଧନା କରିଥିଲେ ପ୍ରଫେସର ଲାଲ । ସେ ଔପନିବେଶିକବାଦୀ ଢାଂଚାକୁ ଭାଙ୍ଗିବା ସହ ଭାରତୀୟ ଢାଂଚା ତିଆରି କରିବାକୁ ତାଙ୍କର ସମ୍ପୂର୍ଣ ଜୀବନ ଲଗାଇ ଦେଇଥିଲେ। ଏଭଳି ଜଣେ ଭାରତୀୟତାର ନୀରବ ସାଧକଙ୍କୁ ଶତ ଶତ ପ୍ରଣାମ ।

## ଜିଲ୍ଲା ପ୍ରଶାସନ ଆହୁରି ସକ୍ରିୟ ହେବା ଦରକାର



ସୁବ୍ରତ କର

ରାଜ୍ୟର ୧୩ ଜିଲ୍ଲାକୁ ୩୦ଟି ଜିଲ୍ଲା କରା ହୋଇଥିଲା ବିଜୁ ବାବୁଙ୍କ ସମୟରେ । ତାଙ୍କର ଦୂରଦର୍ଶିତା ବେଶ କିଛି ବର୍ଷ ଚଳାଇ ଆଣିଲା (ପ୍ରାୟ ୨୫ରୁ ୩୦ବର୍ଷ) । ଏବେ ପୁଣି ସରକାର ବା ମୁଖ୍ୟମନ୍ତ୍ରୀଙ୍କୁ ଜିଲ୍ଲା ବିଷୟରେ ଚିନ୍ତା କରିବାର ବେଳ ଆସିଛି । ଉଦାହରଣ ସ୍ୱରୂପ ଆମ ଜିଲ୍ଲା ବାଲେଶ୍ୱରକୁ ଦେଖିବା । ଏବେ ଏହି ଜିଲ୍ଲାରେ ଲୋକସଂଖ୍ୟା ପ୍ରାୟ ୨୫ ଲକ୍ଷ (ଭଦ୍ରକ ଜିଲ୍ଲା ଅଲଗା ହେବା ପରେ) ଜିଲ୍ଲା ମହକୁମାଠୁ ଏପଟେ ୫୦କିମି (ସିମୁଳିଆ) ଆରପଟେ ପ୍ରାୟ ୯୦କିମି (ଭୋଗରାଇ) । ସବୁଠୁ ବଡ଼ କଥା ହେଲା ଏବେ ସମସ୍ତେ ସବୁ ବିଷୟରେ ପ୍ରଚୁର ସଚେତନ । ଟିକିଏ କିଛି ହେଲେ ସାଥେ ସାଥେ ସାଧାରଣ ଲୋକ ହୁଅନ୍ତୁ ବା ଦଳୀୟ ଲୋକ ଠିକ୍ କରନ୍ତି ଜିଲ୍ଲା ପ୍ରଶାସସନର ଅଧିକାରୀମାନଙ୍କୁ ଭେଟି ତାଙ୍କର ଆପତ୍ତି ଅଭିଯୋଗ ଜଣେଇବା ପାଇଁ ନିର୍ଶ୍ଚିତ ଭାବରେ ଜିଲ୍ଲା ପ୍ରଶାସନ, ସବ୍‌ଡିଭିଜନ୍ ବା ବ୍ଲକ୍ ମାଧମରେ ଲୋକଙ୍କ ପାଖରେ ପହଞ୍ଚିବା ପାଇଁ ତାଙ୍କର ଅଧିକାରୀଙ୍କ ମାଧମରେ । କିନ୍ତୁ ପ୍ରଶ୍ନ ଉଠୁଛି ଏଥିରେ ଆମେ ସଫଳ କେତେ? ଜିଲ୍ଲାରେ ଲୋକସଂଖ୍ୟା ୨୫ ଲକ୍ଷ ହେଲେ ପ୍ରାୟ ପ୍ରତି ବ୍ଲକ୍‌ରେ ୨ଲକ୍ଷ ଲୋକସଂଖ୍ୟା (୧୨ବ୍ଲକ୍) । ପ୍ରତି ବ୍ଲକ୍‌ରେ ଜଣେ ବି.ଡି.ଓ ଏବଂ ପ୍ରାୟ ଜଣେ ତହସିଲଦାର ଏବଂ ଅନ୍ୟାନ୍ୟ ବିଭାଗର ଅଫିସରମାନେ ବ୍ଲକ୍‌ରେ ବି.ଡି.ଓ.ଙ୍କ ସହିତ ଜଡ଼ିତ । ପୁଣି ପ୍ରଶ୍ନ ଉଠୁଛି ୨ଲକ୍ଷ ଲୋକଙ୍କ ପାଇଁ ଜଣେ ବି.ଡି.ଓ ବା ତହସିଲଦାର ଯଥେଷ୍ଟ କି? ଏବେ ପ୍ରତି ଦିନ, ପ୍ରତି ମୁହୂର୍ତ୍ତରେ ସରକାରଙ୍କ ନିୟମାବଳି ବଦଳୁଛି। ଏବେ ଆସିବା ଜିଲ୍ଲା ସ୍ତରକୁ । ଜିଲ୍ଲା ପ୍ରଶାସନ ବା କଲେକ୍ଟର ଜଣେ ଏବଂ ତାଙ୍କ ତଳକୁ ଜଣେ ବା ଦୁଇଜଣ ଅତିରିକ୍ତ ଜିଲ୍ଲା ପ୍ରଶାସକ ଅଛନ୍ତି ଏବଂ ଏହି ପାହ୍ୟାର ଆଉଜଣେ ଅଫିସର ଡି.ଆର.ଡି.ଏ ଦାୟିତ୍ୱରେ ଅଛନ୍ତି । ଏବେ ସମସ୍ତେ ଚାହାନ୍ତି (ବିଶେଷ କରି ରାଜନୈତିକ ଦଳର ନେତାମାନେ) ସିଧାସଳଖ କଲେକ୍ଟରଙ୍କୁ ଭେଟିବା ଯାଇ । କାରଣ ତାଙ୍କ ତଳ ସ୍ତରର ଅଧିକାରୀମାନଙ୍କ ପାଖରେ ସେମିତି କିଛି କ୍ଷମତା ନାହିଁ । ଯାହା ହେଲେ ବି ସମସ୍ତ ଫାଇଲରେ ଶେଷ ନିର୍ଦ୍ଦେଶ ରହିବା କଲେକ୍ଟରଙ୍କର । ତେବେ, ଚିନ୍ତା କରନ୍ତୁ କଲେକ୍ଟର ଦିନକୁ କେତେ ଫାଇଲ ଦେଖିବା ସମ୍ଭବ । ଏହାଛଡ଼ା ସମସ୍ତେ ଟିକିଏ କିଛି ହେଲେ କଲେକ୍ଟରଙ୍କୁ ଦେଖା କରିବା ପାଇଁ ଅନେଇ ବସିଛନ୍ତି । ଏହା ସାଙ୍ଗରେ ମୋର ଜାଣିବାରେ କଲେକ୍ଟରଙ୍କ ଉପରେ ରାଜ୍ୟ ସ୍ତରରେ ୧୦୦ ପାଖାପାଖି ଉପରିସ୍ଥ ଅଫିସର ଅଛନ୍ତି (ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀମାନଙ୍କୁ ନେଇ) । ଏବେ ଗୋଟାଏ ନୂଆ ପ୍ରକ୍ରିୟା ସବୁକିଛି ଭି.ସି. ମାଧ୍ୟମରେ । ପ୍ରତିଦିନ କଲେକ୍ଟର ବା ଅନ୍ୟାନ୍ୟ ବିଭାଗରେ ୨ରୁ୩ଟି ଭି.ସି ହୋଇଥାଏ । ଜିଲ୍ଲାକୁ ମନ୍ତ୍ରୀ ଆସିବା ବା ଅନ୍ୟ ବି.ଆଇ.ପି.ଙ୍କୁ ସମ୍ଭାଳିବା ଏମିତି ବହୁତ କିଛି ଅଛି । ଏ ସବୁକୁ ଆଖି ଆଗରେ ରଖି ଜିଲ୍ଲା ପ୍ରଶାସନର ନବୀକରଣର ଆବଶ୍ୟକତା ଅଛି ବୋଲି ମୋର ମନେ ହୁଏ ଏବଂ ଏହା ଶିଘ୍ର ହେବା ଦରକାର ।






## ସଂଗୀତଜ୍ଞ ରବୀନ୍ଦ୍ରନାଥ ମିଶ୍ର : ନିର୍ଲିପ୍ତ ଆବେଗ

ଡା. ମନୋରଞ୍ଜନ ଦାଶ

ଉଜୁଡ଼ା ସମୟରେ ମାନବିକ ମୂଲ୍ୟବୋଧର ଅବକ୍ଷୟ ।
କିନ୍ତୁ ସଂଗୀତରେ ରବୀନ୍ଦ୍ର ନାଥ ମିଶ୍ର ତ ଗଛ, ଲତା,
ଶତ୍ରୁ ଓ ମିତ୍ର ସବୁରିକୁ ବିଭୋର କରିପାରୁଥିବା
ନିଆରା ମଣିଷଟିଏ
ସମ୍ମାନ ଲୋଡ଼ା ନାହିଁ ତାଙ୍କର, ପାଦ ପାଖରେ
ଲୋଟିଯାଏ ଶତ ପ୍ରେମର ସମ୍ମାନ ।
ଗୁଣ ଚିହ୍ନି ପ୍ରଶଂସାରେ ଭରପୂର କରିଦିଅନ୍ତି,
ଗୁଣୀର ମନ ଓ ପ୍ରାଣ ଏବଂ ପରିବେଶକୁ...
ସ୍ୱଚ୍ଛତା ଓ ନିର୍ମଳତାରେ ବେଶ୍ ଭରପୂର
ତାଙ୍କ ହୃଦୟ ବଗିଚା
ନିନ୍ଦା ଓ ପ୍ରଶଂସାକୁ ନଜିର ନଥାଏ,
ସବୁରିକୁ ଆପଣାର ପଣରେ ବାନ୍ଧି ରଖିଥିବା
ସ୍ନେହର ପତ୍ର ଓ ମମତାର ଫଳରେ
ପ୍ରୀତିର ବୃକ୍ଷଟିଏ ସିଏ ।
ଆତ୍ମଚାରିତା ଓ ଅହଂ ତାଙ୍କ ମାନବିକତାର
ବାସ୍ନାରେ ବାଟଭାଙ୍ଗି ଚାଲି ଯାଆନ୍ତି ।
ସଂଘର୍ଷ ତାଙ୍କ ଗଳାମାଳି ଓ
କଣ୍ଠସ୍ୱର ଓ ନୈବେଦ୍ୟ
ଦୁଃଖର ଜ୍ୱାଳାକୁ ବେଶ୍ ଆକଣ୍ଠ ପାନ କରି
ଉଲ୍ଲାସରେ ଜୀବନ ବିତାନ୍ତି...
ପବନରେ ସଂଗୀତ ଉଡ଼େଇ ପାରନ୍ତି ସିଏ...
ମନୋରଞ୍ଜନର ହୃଦୟେ ସୁଖ ଓ ଦୁଃଖ
ଦିଆନିଆ କରନ୍ତି, ଆଉ ସଂପର୍କରେ
ପ୍ରେମର ପୁଷ୍ପ ଫୁଟାଇ ଦିଅନ୍ତି,
ସ୍ୱପ୍ନକୁ ଭେଟନ୍ତି ହେଲେ କର୍ମରେ ଭାସନ୍ତି
କବିର ସୃଷ୍ଟିରେ ବେଶ୍ ତୋଳି ଧରନ୍ତି,
ସୁମଧୁର ସଂଗୀତର ମୂର୍ଚ୍ଛନା ।
ଅଜବ୍ କଣ୍ଠଶିଳ୍ପୀ ପୁଣି ଗୁରୁଟିଏ ସିଏ ।
ଯିଏ ଶିଷ୍ୟର ସଫଳରେ ଢେର ପୁଲକିତରେ
ନାଚି ଉଠନ୍ତି...
ସବୁ ନଦନଦୀ ଓ ପାହାଡ଼ ଆରପଟେ ବି
ତାଙ୍କର ସ୍ୱରରେ ସମ୍ଭାର ବେଶ୍ ଆକର୍ଷିତ ।
ସରଳପଣରେ ବିଶ୍ୱାସ ବାନ୍ଧିଥିବା
ଏକ ବୈଚିତ୍ର୍ୟପୂର୍ଣ୍ଣ ଜୀବନ ତାଙ୍କର ।
ସିଏ ଭାବରେ ବୁଡ଼ନ୍ତି, ଭାବରେ ମଜନ୍ତି,
ପୁଣି ଭାବ ବାଣ୍ଟୁଥିବା ନିର୍ଲିପ୍ତ ସ୍ୱାକ୍ଷରଟିଏ


♥ ପ୍ରଭାବତୀ ନିଳୟମ୍, ବେଲତଳ,
ପଟ୍ଟାମୁଣ୍ଡାଇ, ଜି. କେନ୍ଦ୍ରାପଡ଼ା
ମୋ: ୯୪୩୭୩୧୭୭୨୨


## ସେ

କମଳ ଲୋଚନ ପଣ୍ଡା

ଶବ୍ଦର କୁହୁକ ମାୟାରେ
ତାକୁ ଛନ୍ଦି ହୋଇ ରହିବାକୁ
ଭଲଲାଗେ
ଭାବର ଆତ୍ମୀୟତା ରେ
ସେ ପ୍ରହେଳିକା ସୃଷ୍ଟି କରିପାର ।

ଅସମର୍ଥତା ର କ୍ଷୀଣ ଭାବନାରେ
ସେ ଅନିଶ୍ଚିତତା କୁ ଦେଖେ
ଆଖିରେ ଆଖିଏ ସପନ ରଖି
ସପନ କୁ ସତ କରିବା ଦିଗରେ ସେ
ଆଗେଇ ଯାଏ ।

ସେ ମିଛି ମିଛିକା ଅଭିନୟ କରି
ସତରେ ମୋତେ ଭଲପାଏ
ଆଶାର ଭଉଁରୀ ମଧରେ
ସେ ପୂର୍ଣ୍ଣତା ର ଲହରୀ ସୃଷ୍ଟିକରେ ।

ମୋ ମନରେ ବିରାଟ ପ୍ରଶ୍ନଟିଏ ?
ସେ କିଏ !
ବୋଧ ହୁଏ ମୁଁ ଏତେ
ଗଭୀର ଶ୍ରଦ୍ଧାରେ
ଖୋଜି ନାହିଁ ତାକୁ ଆଜିଯାଏ ।


♥ ନୀଳଗିରି, ବାଲେଶ୍ୱର
ମୋ : ୭୩୨୭୦୨୮୯୭୮


## ସ୍ମୃତି ତୁମେ

ଡା. ବିଜୟ କୁମାର ପାତ୍ର



ସ୍ମୃତି.....
କେବେ ତୁମେ ଏଇମାତ୍ର,
ଉଷୁମ ଉଷୁମ ସ୍ୱପ୍ନମାନଙ୍କୁ
ମାଜିମୁଜି ଚିକ୍କଣ କରୁଥିବା,
ଅଳସି ପ୍ରିୟା କବରୀରେ
ବଉଳ ପେନ୍ଥା,
ପୁଣି କେବେ.....
ବାସ୍ନାୟିତ ଅବିରର ଗୋଲାପୀ ଛୁଆଁରେ
ଭରପୁର କାମନାର ନିଆଁ ।

ତୁମେ କେବେ...
ଫଗୁଣର ଫଗୁରେ ଭିଜିଥିବା
ନୂଆବୋଉର ଓଢଣୀ,
ପୁଣି କେବେ..
ଚଇତି ଅପରାହ୍ନରେ
ଅସ୍ପଷ୍ଟ ଭାଗ୍ୟରେଖା ଭିତରୁ;
ନିରିଖେଇ ଖୋଜୁଥିବା
ପରସ୍ତ ପରସ୍ତ ଯନ୍ତ୍ରଣାର କ୍ଷତ,
ବୃଦ୍ଧା ପ୍ରେମିକାର
ଜଂଜାଳରେ ଛନ୍ଦି ହେଇଥିବା
ଅଫେରା ରାସ୍ତାଟିଏ ।

ସ୍ମୃତି ତୁମେ !
ପୁନେଇଁ ଜହ୍ନର ପରିଧିରେ
ବନ୍ଧା ଥିବା ତୃଷାର୍ତ୍ତ ଶଶକ,
ଅମାବାସ୍ୟା ଅନ୍ଧାରରେ
ଆଲୋକର ସତ୍ତା ଖୋଜୁଥିବା;
ବାଟବଣା ପଥିକ,
ଏଠି ସେଠି ମରିପଡ଼ିଥିବା
ପ୍ରଜାପତିମାନଙ୍କ ଶବ ବାହକ,
ପୁଣି ଭଅଁରଟେ..
ଦୂର ଦିଗବଳୟ ଛାତିରେ ଲୋଟୁଥିବା
ପୁଲାଏ ଅବ୍ୟକ୍ତ ସଂଗୀତ ।

କେବେକେବେ ବନ୍ଦୀ ତୁମେ
ପ୍ରତୀକ୍ଷାରେ ଜଳୁଥିବା
ଦୀପ ସଳିତାରେ,
ପୁଣି କେବେ ଭାସୁଥାଅ
ବିରହୀଣୀ ଆଖିର ବନ୍ୟାରେ,
ଖୋଜି ବୁଲୁଥାଅ..
ଭଙ୍ଗାଭଙ୍ଗି ସିଲଟରେ
ହଜିଥିବା 'ଅ' 'ଆ'ର ଚିତ୍ର,
ଛିଣ୍ଡାଫଟା ବସ୍ତାନିରେ
ଫିମ୍ପି ମାରିଥିବା,
ପରାସ୍ତ ଅତୀତ..... ।

ସ୍ମୃତି ତୁମେ ମଧ
ଥକି ଯାଅ ବେଳେବେଳେ,
ମାପୁ ମାପୁ...
ଯବନିକା ବୁକୁପରେ ଲେଖାଥିବା
'ସମାପ୍ତି'ର ବ୍ୟାସ,
କେବେ ତୁମେ ଜଳୁଥାଅ
ଦିକ ଦିକ ହୋଇ,
ମଶାଣିରେ; ପାହାନ୍ତା ପହର,
ଜହ୍ନ ତାରା ମରିଯିବା ପରେ,
ପୁଣି କେବେ ମନେପଡ !
ଗାଁ ଦାଣ୍ଡରୁ ଖୋଜି ପାଇଥିବା
କଉଡ଼ି ଆତ୍ମାରେ... ।


♥ ଉପଖଣ୍ଡ ପ୍ରାଣୀ ଚିକିତ୍ସା
ଅଧିକାରୀ
ଢେଙ୍କାନାଳ
ମୋ: ୭୦୦୮୬୧୭୯୧୨




# ଗଳ୍ପମାଳା ୫

ସାପ୍ତାହିକ ଗଳ୍ପ ଫର୍ଦ୍ଦ

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର,
ସୋମବାର, ୧୨ ସେପ୍ଟେମ୍ବର ୨୦୨୨


## ମିଠା ଗାଳି



ଘନଶ୍ୟାମ ପଲେଇ



ବସ ପକ୍କା ପହଞ୍ଚେ ଦିନ ଦୁଇଟା ଦଶରେ । ଘରଠୁ ଖଣ୍ଡେ ବାଟ ଶଙ୍ଖଛକ। ସେଇଠି ବସରୁ ଓହ୍ଲାନ୍ତି ସଭିଏଁ । ସେଇଠୁଁ ଚାଲି ଚାଲି ସଭିଏଁ ଯେ ଯାହା ଘରକୁ । ବେଶି ଭାରି ବ୍ୟାଗ ଥିଲେ କିଏ ଲୋଡେ କାହା ସାହାଯ୍ୟ । ସାଇକେଲ କି ମଟର ସାଇକେଲର । ନାଇଁ ତ ନାଇଁ। ଅଫିସରେ ବହୁତ ଥିଲା କାମ । ହେଲେ ସ୍ତ୍ରୀ ମାଳତିର ବାରମ୍ବାର ଫୋନ ଆଉ ତାଗିଦ ଯେ ପୁଅକୁ ରିସିଭ କରି ଆଣ । ଭାରି ଥିବ ଲଗେଜ। ସ୍ତ୍ରୀର ଗାଳିଠୁ ଭଲ ପୁଅକୁ ରିସିଭ କରିବା। କାହିଁକି ଯେ ସବୁବେଳେ କେଁ କେଁ ଛୋଟ ଛୋଟ କଥାରେ । ବିନା କାରଣରେ । ସବୁ ସ୍ତ୍ରୀ ବୋଧେ ସେଇଆ। ଯାହା ବୁଝିଥିବେ ସେଇଆ । ତାଙ୍କୁ ବୁଝିବା କି ବୁଝେଇବା ଭାରି କଷ୍ଟ। ତେଣୁ ଅଫିସରୁ ଆସି ସାରିଥିଲେ ସୁରେଶବାବୁ ଠିକ ସମୟରେ।

ଛୋଟ ଛକ କାଁ ଭାଁ ଚାଲେ ବସ । ବାଁ କଡକୁ ଗଣି ଗଣି ତିନୋଟି ଦୋକାନ। ନନା ପାନ ଦୋକାନରୁ ପାନ ଦି'ଖଣ୍ଡ ଆଣି ଡ୍ରାଇଭର କହିଲା---

ସାର! ବସ ଆସିବାକୁ ଆଉ ଅଧଘଣ୍ଟା ଲାଗିବ । ଘାଟି ପାଖ ରାସ୍ତା ଜାମ ।

ସୁରେଶ ବାବୁ କହିଲେ --- ଠିକ୍ ଅଛି! କରିବା ଅପେକ୍ଷା ଗାଡିରେ ବସି । ହଁ ଏସି ଆଉ ଟିକେ ବଢେଇ ଦେ ।

ସତରେ ଭାଦ୍ରବ ମାସର ଗୁଳୁଗୁଳି ବଡ ବିରକ୍ତିକର । ଗରମ ତ ଗରମ ଝାଳରେ ଭିଜିଯିବ ମଣିଷ । ଏସିରେ ବସି ବାହାରର ଦୃଶ୍ୟକୁ ଦେଖୁଥିଲେ ନିରିଖେଇ।

ବଡ ସାଇକେଲରେ ପୁଣି ଗୋଡଗଳା। ଆଜି କା ଯୁଗରେ ପୁଣି ଏ ବିରଳ ଦୃଶ୍ୟ । ସୁଂଦର ରଙ୍ଗବେରଙ୍ଗର କେତେ କେତେ ଛୋଟଛୋଟ ସାଇକେଲ ଥାଉଥାଉ । ନିହାତି ପାଖ ବସ୍ତିର ହେଇଥିବ ଝିଅଟି । ବେଶିରୁ ବେଶି ହେବ ଦଶ ବାର ବର୍ଷର । ଝିଅଟି ତା' ଛୋଟ ଭାଇକୁ ବସେଇଥିଲା ସାଇକେଲ ପଛରେ। ଛକଟା ଉପରେ ରହିଲା, ଏପଟ ସେପଟ ଚାହିଁଲା। ପୁଣି ଚାଲିଲା ଆଗକୁ। ଆଗରେ ରହି କ'ଣ ଗୋଟାଏ କହୁଥାଏ ଛୋଟ ପୁଅକୁ । ମୁଣ୍ଡ ହଲେଇ ମନା କରୁଥାଏ ପୁଅଟି । ପୁଣି ଫେରିଲା ସେ ଜାଗାକୁ। ଏପଟ ସେପଟ ଅନେଇଲା। ନଜର କଲା ଗାଡିକୁ । ହେଲେ ଗାଡିର କାଚ ଥିଲା ବନ୍ଦ । ଭିତରେ କିଏ ବା କାହୁଁ ଦିଶିବ । କ'ଣ ହେଲା କେଜାଣି ! ବନ ହରିଣୀ ପରି ତରକି ଯାଇ ପୁଣି ଚାଲିଗଲା ଆଗକୁ ।

ଝିଅଟିର ଗତିବିଧି ମନକୁ କଲା ଉତ୍ସାହିତ। ନଜର ଗଲା ସାଇକେଲ ଅଟକୁ ଥିବା ସ୍ଥାନକୁ । ପଡିଥିଲା ନୂଆ ବିଡି କଠାଟିଏ । ବୋଧେ କିଏ ପକେଇ ଦେଇଚି କିଣି ନେଲା ବେଳେ ।

ପୁଣି ଆସିଲା। ଏଣିକି ଆଉ ଡେରି ନ କରି ଚଟକିନା ଉଠାଇନେଲା ବିଡି କଠାଟିକୁ ।

କାଚ ଡାଉନ କରି ସୁରେଶବାବୁ କହିଲେ--- ନେଇ ଯା ଝିଅ । ଡରନି ! କେହି କିଛି କହିବେନି।

---- କିଚିରି ମିଚିରି, ଚେଁଚେଁ କେଁକେଁ କରି ଦି ଧାଡି ନିଜ ଭାଷାରେ ଶୁଣାଇଦେଲା ଝିଅଟି। ଆଉ ବିଡି କଠାକୁ ଫିଙ୍ଗିଦେଇ ଚାଲିଗଲା ସେଇଠୁ।

ଡ୍ରାଇଭର କହିଲା--- ସାର। ଆଜିକା ଜମାନା ଭଲ ନାହିଁ। ଦେଖୁ ନାହାଁନ୍ତି, ଆପଣ କହିଲେ ତା' ଭଲ ପାଇଁ । ଆଉ ସେ ଚାଲିଗଲା ଆଦିବାସୀ ଭାଷାରେ କ'ଣ ଗୁଡାଏ ଶୁଣାଇ ଦେଇ।

ସୁରେଶ ବାବୁ ପଚାରିଲେ ----- ତୁ ବୁଝି ପାରିଲୁ କ'ଣ କହିଲା ।

---- ନାଁ ସାର ! ହେଲେ ମିଠା ଥିଲା ତା ଗାଳି।

ସୁରେଶବାବୁ ହସିଲେ ମନଖୋଲା ରହସ୍ୟମୟ ହସ ।

ତା' ହସ ଦେଖି ଡ୍ରାଇଭର ପୁଣି କହିଲା—ସାର ! ଏ ଭଳି ମିଠା ଗାଳି ମୋ ଗାଡି ଚଲେଇବା ଦିନଠୁଁ କେବେ ଶୁଣି ନଥିଲି।

ସୁରେଶବାବୁ କହିଲେ -- ଆମେ ଯଦି ଜୀବନର କିଛି ଗାଳିକୁ ଜାଣିଶୁଣି ଅବୁଝା ରହିପାରନ୍ତେ କେଡେ ମିଠା ଲାଗନ୍ତା ସତରେ !

ସେପଟେ ବିଳମ୍ବ ହେବାରୁ ଆସି ସାରିଥିଲା ମାଳତିର ଫୋନ । ଆଉ ଚିରାଚରିତ ଢଙ୍ଗରେ ଶୁଣାଇ ଚାଲିଥିଲେ ଅବୁଝା ଗାଳି । ହେଲେ ଏବେ ଆଉ ବିରକ୍ତ ଲାଗୁନଥିଲା ସୁରେଶବାବୁଙ୍କୁ, ବରଂ ମିଠା ଲାଗୁଥିଲା ଗାଳି ।

ବସର ପଁ ପଁ ହର୍ଣ୍ଣ ଶୁଣି ଡ୍ରାଇଭର କହିଲା --- ସାର ! ବସ ଆସିଗଲା ।


+ବଡଆମୁଁଣି, ହାଣ୍ଡିଭଙ୍ଗା,
ଝୁମ୍ପୁରା, କେନ୍ଦୁଝର-୭୫୮୦୩୧
ମୋ:୯୪୩୭୭୧୮୫୦୦


## ସବୁଜ ହୀରା



ସରୋଜ କୁମାର ସାହୁ



ଜୀବନର ଅପରାହ୍ନ ଆସି ଉପନୀତ । ୭୮ବର୍ଷରେ ବି ଶ୍ରୀହର୍ଷ ବାବୁଙ୍କ ଚେହେରା ଏବଂ ଦେହର ଚମଡ଼ା ଚିକ୍କଣ ଆଉ ସତେଜ । ତାଙ୍କ ସୁସ୍ଥ ଶରୀରର ରହସ୍ୟ ହେଲା ପରିଶ୍ରମ କରିବା ଓ ସତେଜ ପନିପରିବା ଖାଇବା । ସେଥିପାଇଁ ସେ ଖୁବ୍ ଯତ୍ନରେ ତାଙ୍କ ବିଶାଳ ବାଡ଼ି ଔଷଧ ଗଛରେ ପରିପୂର୍ଣ୍ଣ । ନିମ୍ବର ଦାନ୍ତ କାଠି ହେତୁ ଆଜିବି ଦାନ୍ତ ସବୁ କଡ଼୍ ମଡ଼୍ କରୁଛି । ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ କାଢ଼ା ତିଆରି କରି ପିଇବା ତାଙ୍କ ଦୈନନ୍ଦିନ ଅଭ୍ୟାସ ।

ଚାକିରୀରୁ ଅବସର ନେବା ପରେ ଶ୍ରୀହର୍ଷ ବାବୁଙ୍କ ପାଇଁ ତାଙ୍କ ବାଡିବଗିଚା ହିଁ ତାଙ୍କର ସବୁକିଛି । ନିଃସଙ୍ଗ ଜୀବନ ତାଙ୍କୁ ବ୍ୟଥିତ କରି ପାରେନି । ଆୟୁର୍ବେଦିକ ଡ଼ାକ୍ତର ହିସାବରେ ତାଙ୍କର ଢେର୍ ଅଭିଜ୍ଞତା ଥିଲା ବୋଲି ତାଙ୍କର ବାଡ଼ିରେ ସବୁ ଔଷଧୀୟ ଗଛ । ଆମ୍ବ, ପଣସ, କରମଙ୍ଗା, ଜାମୁକୋଳି ସବୁକୁ ଖୁବ୍ ଯତ୍ନ କରନ୍ତି ଠିକ୍ ତାଙ୍କର ପୁଅ ଭଳି । ହଁ.. ହଁ ତାଙ୍କର ପୁଅ ଟିଏ ବି ଅଛି ବିଦେଶରେ ହେଲେ.. ଦୁର୍ଭାଗ୍ୟ ସେ ଆଉ ଆଗ ଭଳି ଗାଆଁ ପ୍ରତି ଆସକ୍ତ ନୁହଁ ଭଳି ବୋଧ ହୁଏ।

ତାଙ୍କ ଗାଆଁରେ ଶ୍ରୀହର୍ଷ ବାବୁଙ୍କ ଖୁବ୍ ସମ୍ମାନ । ଛୋଟିଆ ଗାଆଁ ରେ ରହୁଥିବା ହେତୁ ଡାକ୍ତରଖାନା ପାଖରେ ନଥାଏ । ବହୁତ୍ ସମୟରେ ଶାରୀରିକ ଉପଚାର ପାଇଁ ବହୁତ୍ ଲୋକଙ୍କ ଜୀବନ ବଞ୍ଚି ଯାଇଛି । ବିଶଲ୍ୟକରଣୀ ଭଳି ଔଷଧର ମାହାତ୍ମ୍ୟ ତାଙ୍କ ଗାଆଁର ଲୋକେ ଠିକ୍ ସେ ବୁଝି ପାରିଲେଣି । ରାତି ଅଧରେ ବି ସେ ସେବା ଦେଇ ଲୋକଙ୍କୁ ଉପକୃତ କରନ୍ତି ବୋଲି ଅନେକ ଲୋକ ତାଙ୍କୁ ଭଗ୍ବାନ ଭଳି ମାନନ୍ତି। ଗଛ ଗୁଡ଼ିକୁ ଏତେ ଯତ୍ନ କରୁଥିବା ହେତୁ ତାଙ୍କୁ 'ପ୍ରକୃତି ବନ୍ଧୁ' ସମ୍ମାନ ବି ମିଳିଛି ଏବଂ ଖୁସି ର କଥା ସେ ବୃକ୍ଷ ରୋପଣ ପାଇଁ ଲୋକ ମାନଙ୍କୁ ଉତ୍ସାହିତ ମଧ କରନ୍ତି।

ଏଇ ଦୁଇଦିନ ହେବ ତାଙ୍କ ପୁଅ ବୋହୂ ଆସିଛନ୍ତି। ହେଲେ ତାଙ୍କର busy schedule ପାଇଁ ସେମାନେ କାଲି ଯିବା ପାଇଁ ସ୍ଥିର ହୋଇ ଯାଇଛି।

ଶ୍ରୀହର୍ଷ ବାବୁ ତାଙ୍କ ପୁଅକୁ ସହିତ ବାଡ଼ିର ଦୃଶ୍ୟ ଉପଭୋଗ କରୁଥାନ୍ତି । ଠିକ୍ ଏତିକି ବେଳେ ତାଙ୍କ ପୁଅ ଭବେଶ୍ କୁହେ; ବାପା ତୁମେ ତ ଠିକ୍ ରେ ଜାଣିଛ ମୁଁ ଏଠିକି ବାରମ୍ବାର ଆସି ପାରିବି ନାହିଁ । ବାପା ତୁମ ଏହି ବାର୍ଦ୍ଧକ୍ୟ ଅବସ୍ଥାରେ ଏଠି ତୁମେ ଏକୁଟିଆ ରହିବା ଠିକ୍ ହେବ ନାହିଁ ତେଣୁ ଆସନ୍ତା ଡିସେମ୍ବର ରେ ମୁଁ ଆସି ଜାଗା ବାଡ଼ି ସବୁ ବିକ୍ରି କରିଦେଇ ଯିବି। ମୁଁ ସେଇଠି ଜାଗା କିଣି ଘର କରି ସାରିଛି । କିଛି ବି ଅସୁବିଧା ହେବ ନାହିଁ।

ଏତିକି ଶୁଣି ସାରିବା ପରେ ଶ୍ରୀହର୍ଷ ବାବୁ କୁହନ୍ତି ତୁ ଯେଉଁ ବଗିଚା ରେ ଠିଆ ହୋଇଛୁ ସେତିକି କରିବା ପାଇଁ ମୁଁ ଖୁବ୍ ପରିଶ୍ରମ କରିଛି ବାବା..। ସେଥିପାଇଁ ମୁଁ ସବୁ ମନସ୍ଥ କରିଛି ମୋ ଅନ୍ତେ ଏ ଜାଗାକୁ ଏ ଗାଆଁ ବାଲାଙ୍କୁ ଦେଇଦେବୁ କାରଣ 'ସୁନା ଚିହ୍ନେ ବଣିଆଁ' ଭଳି ଏ ଜାଗାର ମୂଲ୍ୟ ତୋ ଅପେକ୍ଷା ଏ ଗାଆଁ ବାଲା ଭଲରେ ଜାଣିଛନ୍ତି । କାରଣ ତୋ ପାଇଁ ଏହା ଜାଗା ଖଣ୍ଡେ ମାତ୍ର ହୋଇପାରେ ହେଲେ ଏ ଗାଆଁ ବାଲାଙ୍କ ପାଇଁ ଏହା କୌଣସି ଦିଗରୁ ଡ଼ାକ୍ତରଖାନା ଠୁ କମ୍ ନୁହେଁ । ଅଭାବରେ ଚଳୁଥିବା ବହୁତ୍ ଲୋକ ଏହି ବଗିଚାର ଫଳ ଖାଇ ଓଳି ଓଳି ବଞ୍ଚି ପାରନ୍ତି। ପାଖରେ ଥିବା ଜଗନ୍ନାଥ ମନ୍ଦିର ଶିବ ମନ୍ଦିର ପାଇଁ ଏହି ଜାଗାରୁ ଦୁବ, ବରକୋଳି ପତ୍ର,ଫୁଲ ଆମ୍ବପତ୍ରର ଆବଶ୍ୟକତା ଏଠାରୁ ପୂର୍ଣ୍ଣ ହୋଇଥାଏ ।

ଆଉ.. ଶୁଣ ପୁଅ ମୋର ଆନ୍ତରିକ ସ୍ପୃହା ନାହିଁ ଅନ୍ୟ କୁଆଡ଼େ ମୋ ବାର୍ଦ୍ଧକ୍ୟ ଅତିବାହିତ କରିବା ପାଇଁ । ତୋ ପାଖରେ ରହିବା ଅପେକ୍ଷା ଏ ସ୍ଥାନ ମୋତେ ବେଶୀ ଆତ୍ମ ଶାନ୍ତି ଦେଇ ପାରିବ । ଏଠି ଏ ଜାଗା ପାଇଁ ବହୁତ୍ ଆତ୍ମୀୟ ଲୋକ ତିଆରି ହୋଇ ସାରିଲେଣି । ଆଉ ମଧ ମୁଁ ବଞ୍ଚି ଥାଉ ଥାଉ ତାଙ୍କ ସେବାରୁ କେମିତି ବିମୁଖ ହେବି ? ଏଇ ବଗିଚା,ଏଇ ଗଛ ଲତା, ମୋ ପାଇଁ,ଆମ ଗାଁ ବାଲାଙ୍କ ପାଇଁ 'ସବୁଜ ହୀରା' ପରି। ମୁଁ ଏ ଭୀଟାମାଟି କୁ ଛାଡି କୁଆଡେ ଯାଇ ପାରିବି ନାହିଁ।ଯାଅ ପୁତ୍ର ମୋ ଅନ୍ତେ ଯଦି କେବେ ଆସ ତେବେ ଏ ସ୍ଥାନକୁ ଭୁଲିଯିବ ନାହିଁ । କାରଣ ଏହା ହିଁ ତୋ ବାପା ପାଇଁ ଜୀବନର ଅମୂଲ୍ୟ ସମ୍ପଦ, ଜୀବନର ସର୍ବସ୍ୱ ଅଟେ ଏହି 'ସବୁଜ ହୀରା'...।


+ଲଇକେରା,ଝାରସୁଗୁଡା


## ଅନ୍ତଃ...



ମୂଳ ହିନ୍ଦୀ - ସୁକେଶ ସାହାଣୀ
ଅନୁସୃଜନ - ସୌମ୍ୟ ରଞ୍ଜନ ଭୂୟାଁ



ପତ୍ନୀ ପଚାରିଲେ , ' ଆଜି କଣ ଅଫିସ ଯିବାର ନାହିଁ ?'

ଶ୍ୟାମଲାଲ ଚିଡି ଉଠି କହିଲେ, ତମର ଖାଲି ମୋ ଅଫିସ ଯିବା ପଡିଛି ?

ଆଉ ଦୁଇ ମାସ ପରେ ଯେତେବେଳେ ମତେ ଚାକିରିରୁ ଅବସର ନେବାକୁ ପଡିବ ସେତେବେଳେ ଚାଉଳ ଡାଲିର ଦର କେତେ ତମକୁ ଜଣା ପଡିବ । ଆଜିମୁଁ ଅଫିସ ନ ଯାଇ ଘରେ ବସି ମୋ ଅବସର ବିରୁଦ୍ଧରେ ଗୋଟେ ଭଲଭାବରେ ଖଣ୍ଡେ ଆବେଦନ ପତ୍ର ଲେଖିବି ।'

ପତ୍ନୀ କହିଲେ, ' ଅଯଥାରେ କାହିଁକି ନିଜକୁ କଷ୍ଟ ଦେଉଛ । ତମେ କଣ ଖାଲି ଏକୁଟିଆ ଅବସର ନେଉଛ ?'

ଶ୍ୟାମଲାଲ ରାଗିଯାଇ ଆଖି ଲାଲ କରି କହିଲା , ତମର ତ ତୃତୀୟ ନୟନ ଅଛି , ସବୁ କଥାରେ କାହିଁକି ମୁଣ୍ଡ ପୁରାଉଛ ? ସବୁଯାକ ନିୟମ କାନୁନ ଖାଲି ଆମ ଲାଗି । ଅବତାର ସିଂ କଥା ଦେଖିଲ । ସେ ତା କାର୍ଯ୍ୟକାଳ ଭିତରେ ଏମିତି ସବୁ ରାସ୍ତା ପ୍ରସ୍ତୁତ କରି ରଖିଥିଲା ଯେ ଅଠାବନ ବର୍ଷରେ ସେବା ନିବୃତ ହେଲା ପରେ ମଧ ବର୍ଷେ ବର୍ଷେ କରି ଦି ' ଥର ପୁଣି ତାର କାର୍ଯ୍ୟକାଳ ବଢ଼େଇ ଦେଲାଣି । ରାଜନେତାଙ୍କ କଥା ଦେଖୁନ । ସେମାନଙ୍କ ଲାଗି ବୟସ ସୀମା କିଛି ନାହିଁ।

ମୋ ସାମର୍ଥ୍ୟ ବିଷୟରେ କିଛି ଅନୁମାନ କରି ପାରୁନ । ମୁଁ ଆଜିବି ତିନି ଚାରି ଜଣଙ୍କ କାମ ମୁଁ ଏକାକି କରିପାରେ । ଆଜିକାଲି ଏମ.ଏ ପାଶ କରିଥିବା ଟୋକାମାନେ ଆସି ଖାଲି ଖୋସାମନ୍ତ କରୁଛନ୍ତି ଆଜ୍ଞା, ଏଠି କଣ ଲେଖା ହେବ କହିଲେ । ଏ ଚିଠିର ଉତ୍ତର କଣ ହେବ କହିଲେ , ନେହେଲେ ଟିକେ ଲେଖିଦେଲେ ଇତ୍ୟାଦି ...ଇତ୍ୟାଦି ।

ଆଉ ମତେ ହିଁ ଅବସର ଦିଆଯାଉଛି ।


+ପୂରଣ, ମହଣ, ରାମେଶ୍ୱର, ସାଲେପୁର


## ଆଶା

ଶୁଭଦର୍ଶିନୀ ଦାଶ

ଆଶା ମନରେ ସୃଷ୍ଟି ହୁଏ ମନ ପାଇଁ ଓ ମନକୁ ନେଇ, ମୃତ୍ୟୁ ବି ତାର ସେଇ ମନରେ । ଜନ୍ମ ତାର କେହି ଜଣେ ଆତ୍ମୀୟ ବା ସହୃଦୟଙ୍କ ପାଇଁ ।

ସେଥିପାଇଁ ତ ଅନେକ ସମୟରେ ଆଶା ଓ ଅତ୍ମୀୟତାରେ ବନ୍ଧା ମନଟିଏ ଅନୁଭବ କରେ ଅନ୍ୟର ମନକୁ, ତୁଣ୍ଡରୁ ବାହାରି ପଡେ ସମାନ ଚିନ୍ତାଧାରା ଏକ ସମୟରେ ମନଦୁଇଟିର ଅଭିବ୍ୟକ୍ତି ରୂପେ । ମନକୁ ଆନନ୍ଦ ମିଳେ ଯେତେବେଳେ ନିଜର ସକ୍ଷମତା ଅନୁଯାଇ କାଣିଚାଏ ହେଉ ପଛେ ଆଶା ପୂରଣ କରିଦିଏ ତାର ସମ ଭାବପୂର୍ଣ୍ଣ ଆଉଗୋଟେ ମନର । ସତରେ ତାର ସେ ଖୁସିପୂର୍ଣ ଦୁଇ ନୟନରେ ଯେତେବେଳେ ନିଜର ପ୍ରତିବିମ୍ବ ଦୃଶ୍ୟମାନ ହୁଏ ତାହା କୌଣସି ଗୁଣରୁ ସ୍ୱର୍ଗୀୟ ସୁଖଠୁ ତ କମ ନୁହେଁ । ଅସାବଧାନତା ବଶତଃ ଯଦି ଆଶାୟୀର ଆଶା ଅଣଦେଖା ହୋଇଯାଏ ତେବେ ଅବଶୋଷର ଦ୍ୟାହି ଦେଇ ମନ ଆନ୍ଦୋଳିତ କରିଚାଲେ ହୃଦୟକୁ ବାର ବାର ବହୁବାର ।

ଆମେ ଓଡିଆ , ଆମ ପରମ୍ପରା ଅନୁଯାଇ ବାର ମାସରେ ତେର ପର୍ବ,ଆମର ସବୁ ପର୍ବ ପର୍ବାଣିରେ ଭିନ୍ନ ଭିନ୍ନ ପିଠା, ମିଠାର ଅଶାର । ସବୁଠୁ ବେଶି ବ୍ୟବସ୍ଥା ବୋଧେ ରଜରେ ହୋଇଥାଏ । ଆଉ ଯଦି ଘରେ ଝିଅଟେ ଅଛି ତାହେଲେ ତ କଥା ସରିଲା । ସେ ଖାଉ କି ନ ଖାଉ ତାର ନାଁରେ ହୋଇଯାଏ ମଣ୍ଡା, ଆରିସା, ପୋଡ଼ ପିଠା ଏପରି ଅନେକ କିଛି, କ'ଣ ନା ଝିଅ ଖାଇବ, ସାଙ୍ଗସାଥି ଆସିବେ ଇତ୍ୟାଦି ଇତ୍ୟାଦି।

ମାତ୍ର ଆଜିକାଲିର ସହରୀ ଜୀବନ ଶୈଳୀରେ କିଏ ବା କାହା ଘରକୁ ଯାଉଛି, ଯିଏ ଯାହାଘରେ । ଗାଁ ଗହଳି ପରିବି କାହା ଘରକୁ ଦେବାନେବା ବି ନାହିଁ,ମୁଁ ବି ରଜରେ ସେହିପରି ପିଠା ପଣା ସବୁକରେ ଘରେ ସମସ୍ତେ ଖାଆନ୍ତି, ଆଉ କିଛି ଅଲଗା କରି ରଖି ଦେଇଥାଏ କିଏ ଆସିଲେ କାହାକୁ ଦେବା ପାଇଁ । ମଞ୍ଜୁ ପାଇଁ ତ ଆଗ ମନେପକାଇ ରଖି ଦେଇଥାଏ । (ମଞ୍ଜୁ - ସଫେଇ କର୍ମଚାରୀ) ରଖିବିନି କେମିତି ଯେ ମଞ୍ଜୁ ପ୍ରତ୍ୟେକ ଦିନ କି ଖରା କି ବର୍ଷା ଆସି ସଫା କରିଯାଏ ଆମରି ମାନଙ୍କ ଦ୍ୱାରା ପିଙ୍ଗା ହୋଇଥିବା ଅସନା ସବୁ, ସେଇଟା ତା ପାଇଁ ତା ପେସା, ତା ରୋଜଗାର ର ମାଧ୍ୟମ ହେଉ ପଛେ ସେ ସଫା ରାସ୍ତାରେ ଆମେ ମାନେହିଁ ଚଳପ୍ରଚଳ କରିଥାଉ, ସେ ନିଜେ ଅପରିଷ୍କାର ହୋଇ ଦେଇଯାଏ ସବୁଦିନ ଆମକୁ ଏକ ସୁସ୍ଥ ପରିବେଶ । ଖାଲି ରଜ ନୁହେଁ ତାକୁ ସବୁ ପୂଜା ପର୍ବ ରେ ଯାହା ହୁଏ ଡାକି ଦିଏ, ସେ ବି ମନଖୁସିରେ ନେଇଯାଏ ମା' ଛୁଆ ମାନେ ଖାଇବେ ବୋଲି କହି । ଆଜି ବି ଡାକିଲି ସଞ୍ଜୁ ଆସି ନେଇଗଲା ତା ଛୁଆ ମାନଙ୍କ ପାଇଁ ଆଉ କହି ଦେଇ ଗଲା 'ହଁ ମା ଘରକୁ ଗଲେ ପଚାରିବେ ମା 'ଘରୁ କଣ ଆଣିଛୁ ଆମ ପାଇଁ .......' ଏ କଣ 'ଆଶା' ନୁହେଁ।

ରଜ ସମୟରେ ତ ପରୀକ୍ଷା ସରିଯାଇଥାଏ, ପିଲାମାନେ ପୁରୁଣା ବହି ସବୁ କାଢି ଦେଇଥାନ୍ତି ଥାକରୁ, ଆଉ ପୁରୁଣା ପେପର ମଧ କିଛି ଥାଏ ତେଣୁ ପେପର କିଣୁଥିବା ଜଣେ ବୁଢା ମଉସାଙ୍କୁ ଡାକି ଦେଇଦିଏ, ମଉସାଙ୍କ ବୟସ ପାଖାପାଖି ସତୁରି ବର୍ଷ ହେବ, ପୂର୍ବ ବର୍ଷ ଶେଷ ରଜ ପରଦିନ ମଉସାଙ୍କୁ ଡାକି ପେପର ଦେଇଥିଲି, ଉପରକୁ ଆସିଲା ବେଳକୁ ମଉସା ପୁରା ଝାଳନାଳ ହୋଇ ଥକି ଯାଇଥାନ୍ତି, ପାଣି ମାଗି ଆଗ ପିଇଲେ ତାପରେ ପେପର ସଜାଡି ଡାକିଲେ ମା ଦେଖ ମୁଁ ଓଜନ କରୁଛି । ମୋ ମନ ଜମାରୁ ହେଲାନି ତାଙ୍କ ହିସାବ ଜଗିବାକୁ, ନାଇଁ ମା'ଦେଖ କହିବାରୁ ମୁଁ ଠିଆହେଲି ହେଲେ ମୋ ନଜର ନଥାଏ ଓଜନ ଉପରେ ମୁଁ ଦେଖୁଥାଏ ମଉସାଙ୍କୁ ପରିଣତ ବୟସରେ କେତେ କଷ୍ଟ କରୁଛନ୍ତି, ସେ ଓଜନ କରୁଥାନ୍ତି ମୁଁ କଥା ହେଉଥାଏ ତାଙ୍କ ସହ କଥାରେ କଥାରେ ଜାଣିଲି ମଉସାଙ୍କ ଚାରି ଝିଅ, ପୁଅ ନାହିଁ, ବାଣୀବିହାର ପାଖ ବସ୍ତିରେ ରହନ୍ତି, ସେ ପେପର କିଣିବାକୁ ଆସନ୍ତି ଆଉ ଝିଅ ମାନେ ଘରେ ଠୁଙ୍ଗା ତିଆରି କରି ବିକନ୍ତି । ସତରେ ମଣିଷ ମାନେ କେତେ କଷ୍ଟରେ ଅଛନ୍ତି,ପେଟକୁ ଦାନା ମୁଠେର 'ଆଶା' ରେ..., ଓଜନ ସାରିବା କ୍ଷଣି ମୁଁ ମଉସାଙ୍କୁ ମନାକଲି ମୋତେ ତା ବାବଦରେ କିଛି ଅର୍ଥ ନଦେବାକୁ,ଏଗୁଡା ତ ଘରେ ଜାମ ହେଉଥିଲା ମୁଁ ସେଥିପାଇଁ ଦେଇଦେଲି, ଆଉ ହାତକୁ ବଢ଼ାଇ ଦେଲି ରଜ ପିଠା ଖାଇଦିଅ ମଉସା, ମଉସାଙ୍କର କି ଖୁସି ହଁ ମା ତଳେ ଖାଇଦେବି କହି ଓହ୍ଲାଇଗଲେ, ଆଉ ମୁଁ ବାଲକୋନୀରେ ଠିଆ ହୋଇ ଦେଖୁଥାଏ ମଉସା ତାକୁ ଖାଇଲେ ଆଉ ପାଣି ଟିକେ ପିଇଦେଇ, ଚନ୍ଦା ମୁଣ୍ଡଟାରେ ପାଣି ହାତ ମାରିଦେଇ ଚାଲିଲେ ପେପର ବିକ୍ରି କରିବାର ଡାକ ଛାଡି। ସେ ପ୍ରାୟତଃ ଦୁଇ ତିନି ଦିନରେ ଥରେ ଆମ ଘର ରାସ୍ତା ଦେଇ ଯାଆନ୍ତି । କାମ ବ୍ୟସ୍ତତା ଭିତରେ ତାଙ୍କ ପାଟି କେବେ ଶୁଭେ କବେ ଶୁଭେନି।

କିନ୍ତୁ ଏବର୍ଷ ରଜରେ ମଉସାଙ୍କ ଡାକ ଶୁଣିଲି ଆଉ ତାଙ୍କୁ ଉପରୁ ଦେଖି ପାରିଲିନାହିଁ, ସେ ଚାଲିଗଲେ ମୋର ଯଦିଓ ଗତ ବର୍ଷ ତାଙ୍କୁ ପିଠା ଦେବା କଥା ମନେ ନଥିଲା। ମାତ୍ର ତାଙ୍କ ପାଟିର ଡାକ ଶୁଣି ହଠାତ ମନେପଡ଼ିଗଲା, ସତରେ କଣ ଠିକ ସେହି ସମୟରେ ମଉସାଙ୍କ ମନରେ ବି ମନେ ପଡିଥିଲା କି ସେହି ସମାନ କଥା, ଯାହାହେଉ ମଉସା ଚାଲି ଯାଇଥିଲେ, ମଞ୍ଜୁ ତଳେ ସଫା କରୁଥାଏ



ଯାଇନଥାଏ । ତାକୁ ଡାକି ତଳେ ପେପେର ମଉସା ପଳେଇଲେଣି କି ପଚାରିବାରୁ କହିଲା 'ହଁ ତ ମା 'ଉପରକୁ ଚାହିଁ ଡାକି ଡାକି ପଳେଇଲେ' ---ପେପର ଦେଇଥାଆନ୍ତ କି ମା ? ନାଇଁରେ.... । ସତରେ କ'ଣ ମଉସାଙ୍କ ଆଶା ଥିଲା ? ମୁଁ ତ ଜାଣିନି ତଥାପି ଦିନଟା ସାରା ମୋ ମନ ହୃଦୟକୁ ଆନ୍ଦୋଳିତ କରିଚାଲିଥାଏ ବାରମ୍ବାର । ମନେ ହେଉଥାଏ ସତେ ଯେପରି ମୋ ଦେବାର ଇଚ୍ଛା ଆଉ ମଉସାଙ୍କ ଆଶା ଭିତରେ ଆଜି ବାଧକ ସାଜିଗଲା ସମୟର ସେହି କିଛିଟା ମୁହୂର୍ତ୍ତ । ଇଚ୍ଛା, ଆଶା ସବୁ ନିର୍ଭର କର୍ମ ଉପରେ, ଆଉ ସେ କର୍ମ ଦାସ ସମୟର । ଠିକ ସମୟରେ ଠିକ କାମ ନକଲେ ଇଚ୍ଛା ପୂରଣ ଅସମ୍ଭବ, ଆଉ ସବୁ ଆଶା ରହିଯାଏ ଆଶାରେ।


+ଭୁବନେଶ୍ୱର

# ଅବସରକାଳୀନ ସମ୍ବର୍ଦ୍ଧନା ସଭା ଓ ପେନସନ୍ ଦାବି ସମ୍ବନ୍ଧୀୟ ଆଲୋଚନାଚକ୍ର : ପୂର୍ତ୍ତ ସଂଗଠନ

ଭୁବନେଶ୍ୱର,୧୧/୦୯ (ନି.ପ୍ର): କର୍ମଚାରୀମାନେ ମିନିମମ୍ ପେନ୍‌ସନ୍ ସର୍ବନିମ୍ନ ୯ ହଜାର ଟଙ୍କା ମାସିକ ପାଇବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ସରକାରଙ୍କୁ ଚିଠି ଲେଖିଛନ୍ତି । ଏହା ବିଚାରଧିନ ଅଛି ବୋଲି "ଓଡ଼ିଶା ୱାର୍କସ୍ ଡିପାର୍ଟମେଂଟ ୱାର୍କଚାର୍ଜଡ୍ / ରେଗୁଲାର କର୍ମଚାରୀ ଆସୋସିଏସନ୍" ଆନୁକୂଲ୍ୟରେ ଗତକାଲି ସନ୍ଧ୍ୟାରେ ସ୍ଥାନୀୟ କର୍ମଚାରୀ ଭବନ ଭୁବନେଶ୍ୱରଠାରେ ଅନୁଷ୍ଠିତ ଅବସରକାଳନୀ ସମ୍ବର୍ଦ୍ଧନା ସଭା ଓ ପେନସନ୍ ସମ୍ବନ୍ଧୀୟ ଆଲୋଚନାଚକ୍ର କାର୍ଯ୍ୟକ୍ରମରେ ପୂର୍ବତନ ବରିଷ୍ଠ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନୀ ଭାଷଣରେ କହିଥିଲେ । ସେ କହିଛନ୍ତି ଯେ, କର୍ମଚାରୀମାନେ ଚାକିରୀରୁ ଅବସର ନେବାପରେ ପରିଣତ ବୟସରେ ପରିବାର ଚଳାଇବା ଅତ୍ୟନ୍ତ କଷ୍ଟଦାୟକ । ନବୀନ ସରକାର ଏହା ଜାଣି ହୃଦୟଙ୍ଗମ କରି କେନ୍ଦ୍ର ସରକାରଙ୍କୁ ପତ୍ର ଲେଖିଛନ୍ତି । ସମ୍ମାନୀୟ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଯୋଗଦେଇ ପେନ୍‌ସନ୍ ସମ୍ବନ୍ଧୀୟ ଦାବିନେଇ ଆଲୋଚନା କରିଥିଲେ । ମୁଖ୍ୟମନ୍ତ୍ରୀ ଏ ଦିଗରେ ହୃଦୟର ସହ ବିଚାର କରୁଛନ୍ତି ବୋଲି ସେ କହିଥିଲେ । ଅନ୍ୟତମ ଅତିଥି ଅବସରପ୍ରାପ୍ତ ପ୍ରାଧ୍ୟାପକ ଉପେନ୍ଦ୍ରନାଥ ବିଶ୍ୱାଳ, ମୁଖ୍ୟ ସଂଯୋଜକ ତଥା ଉପଦେଷ୍ଟା ଗଗନ ଭଞ୍ଜ, କର୍ମଚାରୀ ନେତା ସର୍ବଶ୍ରୀ ଆଶୀଷ ନନ୍ଦ, ନିରଞ୍ଜନ ବାହିନୀପତି, ସଂଘ ଉପଦେଷ୍ଟା କପିଳେଶ୍ୱର ବାରିକ, ସଂଘ ସଭାପତି ଅଶୋକ ଚୌଧୁରୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ବିଶିଷ୍ଟ କର୍ମଚାରୀ ନେତା ସୁଧାଂଶୁ ପତି ସଭାରେ ସଭାପତିତ୍ୱ କରିଥିଲେ । ସାଧାରଣ ସମ୍ପାଦକ ଅରୁଣ କେଶରୀ ପରିଡ଼ା ବିବରଣୀ ପାଠ କରିଥିଲେ । ଉପଦେଷ୍ଟା ଶ୍ରୀ ଭଞ୍ଜ ପ୍ରାରମ୍ଭିକ ସୂଚନା ଓ ସ୍ୱାଗତ ଭାଷଣରେ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ବିନା ପେନସନ୍‌ରେ ଅବସର ଗ୍ରହଣ କରିଥିବା କୋରାପୁଟ ଜିଲ୍ଲାର ସୁକାନ୍ତ ମହାରଣା, ଭଞ୍ଜନଗରର ସୀମାଂଚଳ ମହାରଣା, କନ୍ଧମାଳର ସନ୍ତୋଷ ସାହୁ, କଟକର କଲ୍ୟାଣ ମହାରଣା ଓ ଭୁବନେଶ୍ୱରର ନୀଳମଣି ବାରିକଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଭାସ୍କର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

# ତାଗାବେଡା ଗ୍ରାମରେ ଅନାଥ ୩ ଭଉଣୀଙ୍କ ଘରେ ନିଆଁ ଲଗାଇ ଦେଲେ ଦୁର୍ବୃତ୍ତ

ମାଲକାନଗିରି,୧୧/୦୯ (ନି.ପ୍ର): ଖଇରପୁଟ ବ୍ଲକ ଅନ୍ତର୍ଗତ ରାସବେଡା ଗ୍ରାମ ପଂଚାୟତର ତାଗାବେଡା ଗ୍ରାମରେ ରୁହନ୍ତି ନାବାଳିକା ପିଙ୍କି ଶିଷା ଦୁଇ ସାନ ଭଉଣୀ ସାବିତ୍ରୀ ଓ ଗୁରୁବାରୀ ଶିଷା କିନ୍ତୁ ବର୍ତ୍ତମାନ ସମସ୍ତେ ନିରାଶ୍ରୟ ଓ ବେସାହାରା । ତିନି ଭଉଣୀ ପିଲାଟି ଦିନରୁ ବାପାଙ୍କୁ ହରାଇଥିବା ବେଳେ ଗତ ମାସରେ ତାଙ୍କ ମା ଛନକି ଶିଷା ଏକ ରହସ୍ୟମୟ ଘଟଣାରେ ନିରୁଦ୍ଦିଷ୍ଟ ହେବା ସହ ମୃତ୍ୟୁ ବରଣ କରିଥିଲେ, ଯାହାର ଅଭିଯୋଗ ହେଲା ପରେ ପୋଲିସ ତରଫରୁ ଘଟଣାର ତଦନ୍ତ ଜାରି ରଖିଛି । ମା ଛନକି ଶିଷାଙ୍କ ମୃତ୍ୟୁ ଘଟଣାର ୧୪ ଦିନ ବିତିଗଲା ପରେ ଆଉ ଏକ ପାହାଡ ସଦୃଶ୍ୟ ବୋଝ ଉକ୍ତ ତିନୋଟି ଭଉଣୀଙ୍କ ଉପରେ ଆସି ପଡ଼ିଛି । ପିଙ୍କି ଶିଷାଙ୍କ କହିବାନୁଯାୟୀ ଗତକାଲି ତାଗାବେଡା ନିକଟସ୍ଥ ବେଲଗୁଡା ଗ୍ରାମର କିଛି ଦୁର୍ବୃତ୍ତ ତାଙ୍କ ଘର ନିକଟକୁ ଆସି ବିଭିନ୍ନ ପ୍ରକାର ଧମକ ଚମକ ଦେବାସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ, କିନ୍ତୁ ସେହି ସମୟରେ ଗାଁର ଅଧିକାଂଶ ଲୋକ ରାସବେଡା ଗ୍ରାମ ପଂଚାୟତକୁ ଚାଉଳ ଆଣିବାକୁ ଯାଇଥିବା ଯୋଗୁଁ ଅନ୍ୟ କେହି ଦୁର୍ବୃତ୍ତ ମାନଙ୍କ ବିରୋଧ କରିବାକୁ ସାହସ କରିନଥିଲେ, ଏହାର ଫାଇଦା ଉଠାଇ ଅଭିଯୁକ୍ତ ମାନେ ପିଙ୍କି ଶିଷାଙ୍କ ଘରେ ନିଆଁ ଲଗାଇବା ସହ ମଝିଆ ଭଉଣୀ ସାବିତ୍ରୀକୁ ପିଟାମରା କରିଥିଲେ । ଏସବୁ ଘଟଣା ଘଟେଇ ସାରିଲା ପରେ ତାଗାବେଡା ଗାଁ ଲୋକଙ୍କ କିଛି ଗାଈ ଛେଳି କୁକୁଡା ସାଥିରେ ନେଇଯାଇଥିବା ଅଭିଯୋଗ ହୋଇଛି । ଅନ୍ୟ କୌଣସି ଉପାୟ ନପାଇ ଦୁଇ ବଡ ଭଉଣୀ ତୁରନ୍ତ ରାସବେଡା ଗ୍ରାମର ସମାଜସେବୀ ଘାସିରାମ ଗୁଛାସ୍ୱଙ୍କୁ ଯୋଗାଯୋଗ କରିଥିଲେ ଓ ତାଙ୍କର ସହଯୋଗ ରେ ନିକଟସ୍ଥ କୁଡୁମୁଲୁଗୁମ୍ମା ଫାଣ୍ଡିରେ ଅଭିଯୋଗ ପତ୍ର ଦାଖଲ କରିଥିଲେ ।

# ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ

ମାଲକାନଗିରି,୧୧/୦୯ (ନି.ପ୍ର): ପ୍ରତ୍ୟେକ ବର୍ଷ ସେପ୍ଟେମ୍ବର ମାସର ଦ୍ୱିତୀୟ ଶନିବାରକୁ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ଭାବେ ପାଳନ କରାଯାଏ । ଏହି ଅବସରରେ ସ୍ଥାନୀୟ ସରକାରୀ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ରେଡକ୍ରସ ଦ୍ୱାରା ଏକ ସଭାର ଆୟୋଜନ କରାଯାଇଥିଲା । ଏହି ସଭାରେ ବିଦ୍ୟାଳୟର ଅଧକ୍ଷ ଡ. ଶ୍ରୀଚନ୍ଦନ ମିଶ୍ର ଅଧକ୍ଷତା କରି ଛାତ୍ରଛାତ୍ରୀ ମାନଙ୍କୁ ପ୍ରାଥମିକ ଚିକିତ୍ସା ଜ୍ଞାନର ଆବଶ୍ୟକତା ସମ୍ପର୍କରେ ବର୍ଣ୍ଣନା କରିବା ସହିତ ଉପଯୁକ୍ତ ପ୍ରାଥମିକ ଚିକିତ୍ସା କିପରି ଅନେକ ଜୀବନ ବଂଚାଇପାରିବ ସେ ସମ୍ପର୍କରେ ଜଣାଇଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ପ୍ରାଥମିକ ଚିକିତ୍ସା କଣ, କାହାକୁ ଦିଆଯିବ, କେତେବେଳେ ଦିଆଯାଇ ପାରିବ ଏବଂ କେଉଁମାନେ ଦେଇପାରିବେ ଏ ସମସ୍ତ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହିତ ଦୁର୍ଘଟଣାସ୍ଥଳକୁ ଆମ୍ବୁଲାନ୍ସ ଡକାଇବା ସମୟରେ କେଉଁ ସମସ୍ତ ବିଷୟରେ ବିବରଣୀ ଦେବାକୁ ହେବ ଆଦି ବିଷୟରେ ତାଲିମ ଦିଆଯାଇଥିଲା । ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଟି ସଚେତ ଅଛି ନା ନାହିଁ, ତାର ସମସ୍ତ ଅତ୍ୟାବଶ୍ୟକୀୟ କ୍ରିୟା ଗୁଡ଼ିକ ଚାଲିଛି ନା ଚାଲୁନାହିଁ ତାହାର ଅନୁଧ୍ୟାନ କିପରି କରାଯିବ, ଅଚେତ ବ୍ୟକ୍ତିର ଶ୍ୱାସ ପରୀକ୍ଷା କରିବା, ତାକୁ ଆରାମଦାୟକ ଅବସ୍ଥାରେ ଶୁଆଇ ରଖିବା ଇତ୍ୟାଦି ବିଷୟରେ ସଭାରେ ଆଲୋଚନା କରାଯାଇଥିଲା । ବିଦ୍ୟାଳୟର ଯୁବ ରେଡକ୍ରସ ପରାମର୍ଶଦାତା ତଥା ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷକ ଡି. ଆଶିଷ ରାଠୋର ଛାତ୍ର ଛାତ୍ରୀ ମାନଙ୍କୁ ତାଲିମ ପ୍ରଦାନ କରିଥିଲେ । ସଭାରେ ବିଦ୍ୟାଳୟର ଅଧ୍ୟାପକ ଡ଼. କ୍ଷୀରୋଦ ଚନ୍ଦ୍ର ନାୟକ, ରତ୍ନାକର ମିଶ୍ର, ଡ. ନେଶ ସବର, ରାଷ୍ଟ୍ରର ସାହୁ, ଜ୍ଞାନେନ୍ଦ୍ର ତ୍ରିପାଠୀ , ରାଜେଶ କୁମାର ଜେନା ଏବଂ ଦୀପକ କୁମାର ପାତ୍ର ଉପସ୍ଥିତ ରହି ଉତ୍ସାହିତ କରିଥିଲେ । ସମୀର କୁମାର ଡାକୁଆ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।

ଏହି କାର୍ଯ୍ୟକ୍ରମ ଆୟୋଜନ ଲାଗି ଜିଲ୍ଲା ଯୁବ ରେଡକ୍ରସ ଆବାହକ ସମ୍ପାଦକ ଡ଼. ରଞ୍ଜନ କୁମାର ସ୍ୱାଇଁ ଶୁଭେଚ୍ଛା ଜଣାଇଥିଲେ ।

# ରାଜ୍ୟରେ ଆଜି ୨୪୫ କରୋନା ପଜିଟିଭ ଚିହ୍ନଟ

ଭୁବନେଶ୍ୱର,୧୧/୦୯ (ନି.ପ୍ର): ଆଜି ବି ରାଜ୍ୟରେ ଦୈନିକ କରୋନା ସଂକ୍ରମଣ ୨ ଶହ ଉପରେ ରହିଛି । ଗତକାଲି ୨୬୯ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୨୪୫ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୧୪୪ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୧୦୧ ଜଣ ପଜିଟିଭ ସ୍ଥାନୀୟ ସଂକ୍ରମଣରୁ ଚିହ୍ନଟ ହୋଇଛନ୍ତି । ଏଥିମଧ୍ୟରେ ୪୩ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି । ଆଜି ରାଜ୍ୟର ୨୬ଟି ଜିଲ୍ଲାରୁ ୨୬୯ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଆଜି ସୁନ୍ଦରଗଡ଼ ଜିଲ୍ଲାରୁ ସର୍ବାଧିକ ୫୮ ଜଣ ଚିହ୍ନଟ ହୋଇଛନ୍ତି । ଏନେଇ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ଜିଲ୍ଲାରୁ ୩, ବରଗଡ଼ ଜିଲ୍ଲାରୁ ୧, ଭଦ୍ରକରୁ ୩, ବଲାଙ୍ଗୀରରୁ ୧୨ ଜଣ, ବେ ?ଦ୍ଧରୁ ୧, କଟକରୁ ୧୨ ଜଣ, ଦେବଗଡ଼ରୁ ୨, ଗଞ୍ଜାମରୁ ୪, ଜଗତସିଂହପୁରରୁ ୩ ଜଣ, ଯାଜପୁରରୁ ୭ ଜଣ, ଝାରସୁଗୁଡ଼ାରୁ ୩, କଳାହାଣ୍ଡି ଜିଲ୍ଲାରୁ ୬ ଜଣ, କନ୍ଧମାଳରୁ ୪ ଜଣ, କେନ୍ଦ୍ରାପଡ଼ାରୁ ୨, କେନ୍ଦୁଝରରୁ ୬, ଖୋର୍ଦ୍ଧା ଜିଲ୍ଲାରୁ ୩୩, କୋରାପୁଟରୁ ୨, ମୟୂରଭଞ୍ଜରୁ ୮ ଜଣ, ନବରଙ୍ଗପୁରରୁ ୧୭ ଜଣ, ନୟାଗଡ଼ ଜିଲ୍ଲାରୁ ୭ ଜଣ, ନୂଆପଡ଼ାରୁ ୮, ପୁରୀରୁ ୧୨ ଜଣ, ରାୟଗଡ଼ାରୁ ୨, ସମ୍ବଲପୁରରୁ ୧୬ ଜଣ, ସୋନପୁରରୁ ୫, ସୁନ୍ଦରଗଡ଼ରୁ ୫୮ ଜଣ ଓ ଷ୍ଟେଟପୁଲରୁ ୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# ଅହମଦାବାଦ୍‌ରେ ବିଜ୍ଞାନ ଓ କାରିଗର ମନ୍ତ୍ରୀମାନଙ୍କ ସମ୍ମିଳନୀରେ ଯୋଗଦେଲେ ମନ୍ତ୍ରୀ ଅଶୋକ ପଣ୍ଡା

ଭୁବନେଶ୍ୱର,୧୧/୦୯ (ନି.ପ୍ର): ରାଜ୍ୟଗୁଡ଼ିକରେ ବିଜ୍ଞାନ ଓ ବୈଷୟିକ ପରିମଣ୍ଡଳର ଅଭିବୃଦ୍ଧି ନିମନ୍ତେ କେନ୍ଦ୍ର ସରକାର ଅଧିକ ସମ୍ବଳ ଓ ସମର୍ଥନ ଯୋଗାଇଦେବା ଉପରେ ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଗୁରୁତ୍ୱାରୋପ କରିଛନ୍ତି । ଅହମଦାବାଦରେ ଆୟୋଜିତ ରାଜ୍ୟ ବିଜ୍ଞାନ ଓ କାରିଗରୀ ମନ୍ତ୍ରୀମାନଙ୍କ ସମ୍ମିଳନୀରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ପଣ୍ଡା ବିଜ୍ଞାନ ଓ ବୈଷୟିକ ଗବେଷଣା, ଅଭିନବତ୍ୱ ଓ ଉଦ୍ୟମିତା କ୍ଷେତ୍ରରେ ଅଧିକ ସମ୍ବଳ ବିନିଯୋଗ ପାଇଁ ମତ ଦେଇଛନ୍ତି । ମନ୍ତ୍ରୀ ଶ୍ରୀ ପଣ୍ଡା ରାଜ୍ୟଗୁଡ଼ିକର ଇନୋଭେସନ୍ ସିଷ୍ଟମ ଏବଂ କେନ୍ଦ୍ର ଇନୋଭେସନ୍ ସିଷ୍ଟମର ମିଳିତ ଉଦ୍ୟମ ଉପରେ ଗୁରୁତ୍ୱ ଦେବା ସହିତ ଘରୋଇ ଉଦ୍ୟୋଗଗୁଡ଼ିକର ସହଭାଗିତା ନିମନ୍ତେ ପରାମର୍ଶ ଦେଇଛନ୍ତି । ବିଜ୍ଞାନ ଓ କାରିଗରୀ କ୍ଷେତ୍ରର ଅଭିବୃଦ୍ଧି ନିମନ୍ତେ ଶିକ୍ଷାନୁଷ୍ଠାନଗୁଡ଼ିକ ସିଏସ୍ଆର ପାଣ୍ଠିର କିଛି ଅଂଶ ବ୍ୟୟ କରିବା ସାଙ୍ଗକୁ ପ୍ରତି ରାଜ୍ୟ ଓ କେନ୍ଦ୍ରରେ ଏଥି ପାଇଁ ଏକ କର୍ପସ୍ ଫଣ୍ଡ ସୃଷ୍ଟି ଉପରେ ମନ୍ତ୍ରୀ ଶ୍ରୀ ପଣ୍ଡା କେନ୍ଦ୍ର ବିଜ୍ଞାନ ଓ କାରିଗରୀ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ରାଜ୍ୟରେ ବିଜ୍ଞାନ ଓ କାରିଗରୀ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ମନ୍ତ୍ରୀ ଶ୍ରୀ ପଣ୍ଡା ସୂଚନା ଦେଇଥିଲେ । ଭୁବନେଶ୍ୱରସ୍ଥିତ ଜୀବବିଜ୍ଞାନ ପ୍ରତିଷ୍ଠାନକୁ ବାୟୋ-ଇନ୍‌କ୍ୟୁବେସନ୍ ସେଂଟର ଓ ଷ୍ଟାର୍ଟଅପ୍ ଗବେଷଣା ନିମନ୍ତେ ୨ କୋଟି ଟଙ୍କା ଯୋଗାଇ ଦିଆଯାଇଛି ଓ ପ୍ରତିଷ୍ଠାନ ଅଧୀନରେ ୨୪ଟି ଷ୍ଟାର୍ଟଅପ୍ କାର୍ଯ୍ୟ କରୁଛି ବୋଲି ସେ କହିଥିଲେ । ଅନୁରୂପ ଭାବରେ ଓଡ଼ିଶା ସରକାର ଶିକ୍ଷାନୁଷ୍ଠାନ ଓ ଗବେଷଣା ପ୍ରତିଷ୍ଠାନଗୁଡ଼ିକ ମଧ୍ୟରେ ଭାବବିନିମୟକୁ ସୁଦୃଢ଼ କରିବା ପାଇଁ ଭୁବନେଶ୍ୱର ସିଟି ନଲେଜ୍ ଇନୋଭେସନ୍ ସେଂଟର ସହିତ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି । ରାଜ୍ୟର ବିଜ୍ଞାନ ଓ କାରିଗରୀ ନୀତି ପ୍ରଣୟନ ପ୍ରକ୍ରିୟା ଜାରି ରହିଛି ବୋଲି ଦର୍ଶାଇବା ସହିତ ମନ୍ତ୍ରୀ ଶ୍ରୀ ପଣ୍ଡା ରାଜ୍ୟର ୫୦୦ଟି ବିଦ୍ୟାଳୟରେ ଇନୋଭେସନ୍ ହବ୍ ଖୋଲିବାର ଯୋଜନା ରହିଛି ଓ ୨୦୨୩ ସୁଦ୍ଧା ୨୦୦ କୋଟି ଟଙ୍କା ବ୍ୟୟରେ ୫୦ଟି ହବ୍ ଖୋଲାଯିବ ବୋଲି କହିଛନ୍ତି । ଆଜି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିବା ଏହି ଦୁଇଦିନିଆ ଜାତୀୟ ସମ୍ମିଳନୀର ଲିଡରସିପ୍ ସେସନ୍‌ରେ ମନ୍ତ୍ରୀ ଶ୍ରୀ ପଣ୍ଡା ଅଂଶଗ୍ରହଣ କରିଥିଲେ । ସମ୍ମିଳନୀର ବିଭିନ୍ନ ଅଧିବେଶନରେ ବିଜ୍ଞାନ ଓ ବୈଷୟିକ ଦୃଶ୍ୟପଟ-୨୦୪୭, ୨୦୩୦ ସୁଦ୍ଧା ଘରୋଇ ଉଦ୍ୟୋଗଗୁଡ଼ିକରେ ଗବେଷଣା ନିମନ୍ତେ ଦୁଇଗୁଣା ପାଣ୍ଠି ବିନିଯୋଗ, କୃଷକଙ୍କ ଆୟବୃଦ୍ଧି ଦିଗରେ ବୈଷୟିକ ହସ୍ତକ୍ଷେପ, ସମସ୍ତ ପାଇଁ ସ୍ୱଚ୍ଛ ଶକ୍ତି ସମ୍ବଳ ଓ ଗଭୀର ସମୁଦ୍ର ମିଶନ ଇତ୍ୟାଦି ପ୍ରସଙ୍ଗରେ ଆଲୋଚନା ହୋଇଥିଲା । କେନ୍ଦ୍ର ବିଜ୍ଞାନ ଓ ବୈଷୟିକ, ଭୂ-ବିଜ୍ଞାନ ମନ୍ତ୍ରୀ ଡ. ଜିତେନ୍ଦ୍ର ସିଂହ, ଗୁଜୁରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ରଜନୀକାନ୍ତ ପଟେଲ୍, ଗୁଜୁରାଟର ଶିକ୍ଷା, ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ଜିତୁଭାଇ ଏସ୍. ବାଘାନୀଙ୍କ ସମେତ ମନ୍ତ୍ରାଳୟର ସମସ୍ତ ବିଭାଗର ସଚିବ, ବିଭିନ୍ନ ରାଜ୍ୟର ବିଭାଗୀୟ ସଚିବ, ଶିଳ୍ପପତି, ଶିକ୍ଷାବିତ୍, ବୈଜ୍ଞାନିକ, ଉଦ୍ୟୋଗ କର୍ମକର୍ତ୍ତା ସମ୍ମିଳନୀର ବିଭିନ୍ନ ଅଧିବେଶନରେ ଅଂଶଗ୍ରହଣ କରି ମତବିନିମୟ କରିଥିଲେ । ଓଡ଼ିଶାରୁ ବିଭାଗର ଯୁଗ୍ମ ଶାସନ ସଚିବ ପୂଜା ମିଶ୍ର ଓ ବରିଷ୍ଠ ବୈଜ୍ଞାନିକ ଡ. ଏଲ୍.ଏନ୍. ପାଢ଼ୀ ମଧ୍ୟ ଏହି ସମ୍ମିଳନୀରେ ଯୋଗଦେଇଥିଲେ ।

# ଓଡିଶାକୁ ପ୍ରାଧାନ୍ୟ ଦେଉଛନ୍ତି ପ୍ରଧାନମନ୍ତ୍ରୀ : ରୋହିତ୍ କୁମାର ସିଂ

ଭୁବନେଶ୍ୱର,୧୧/୦୯ (ନି.ପ୍ର): ଓଡ଼ିଶାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରାଧାନ୍ୟ ଦେଇଛନ୍ତି । ଯାହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ଦେଶର ପ୍ରଥମ ନାଗରିକ ତଥା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ଭାବେ ଆସୀନ କରି ପ୍ରଧାନମନ୍ତ୍ରୀ ସାମାଜିକ ସ୍ତରରେ ସମସ୍ତଙ୍କୁ ଏକ ବୋଲି ପ୍ରମାଣିତ କରିଛନ୍ତି । ଆମର ଗର୍ବ ଯେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକାଳ ମଧ୍ୟରେ ସାଧାରଣ ପରିବାରରୁ ବହୁ ବ୍ୟକ୍ତି ଓ ରାଜନେତା ରାଜନୀତିର ଶୀର୍ଷସ୍ତରରେ ରହିବାରେ ସମର୍ଥ ହୋଇପାରିଛନ୍ତି । ତେଣୁ ସବୁବେଳେ ପ୍ରଧାନମନ୍ତ୍ରୀ ରାଜନୀତିରୁ ପରିବାରବାଦକୁ ସମୂଳେ ବିଲୋପ କରିବା ପାଇଁ ପ୍ରୟାସ ଚଳାଇଛନ୍ତି ବୋଲି ଯୁବ ଚେତନା ରାଷ୍ଟ୍ରୀୟ ସଂଯୋଜକ ରୋହିତ୍ କୁମାର ସିଂ କହିଛନ୍ତି । ଦେଶରେ ପ୍ରଧାନମନ୍ତ୍ରୀ ପଦବୀରେ ନରେନ୍ଦ୍ର ମୋଦୀ ୨୦୩୪ ମସିହା ପର୍ଯ୍ୟନ୍ତ ସୁଚାରୁରୂପେ ଦାୟିତ୍ୱ ନିର୍ବାହ କରିବେ ବୋଲି ରୋହିତ କୁମାର ସିଂ ଦୃଢ଼ୋକ୍ତି ବାଢ଼ିଛନ୍ତି ।

# ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ

ଜୟପୁର,୧୧/୦୯ (ନି.ପ୍ର): ସରକାରୀ ଉଚ୍ଚ ବିଦ୍ୟାଳୟ ଜୟପୁରର କନିଷ୍ଠ ରେଡ଼କ୍ରସ ଶାଖା ତରଫରୁ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ସିମାଚଂଳ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଅର୍ପିତା ପ୍ରଧାନ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପ୍ରଶିକ୍ଷଣ ପ୍ରତିଷ୍ଠାନର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ଉମାକାନ୍ତି ବାଇପାଇ, ଆଂଚଳିକ ସାଧନ କେନ୍ଦ୍ର ସଂଯୋଜିକା ସଂଯୁକ୍ତା ରାଉତ, ରେଡ଼କ୍ରସ ପରାମର୍ଶଦାତା ତଥା ପ୍ରାଥମିକ ଚିକିତ୍ସା ସହାୟକ ଯଜ୍ଞେଶ୍ୱର ପଣ୍ଡା, ପ୍ରାଥମିକ ଚିକିତ୍ସା ସହାୟକ ମହମ୍ମଦ ସାରିଫ ଯୋଗଦାନ କରି ପ୍ରାଥମିକ ଚିକିତ୍ସାର ଉପଯୋଗିତା, ବିଭିନ୍ନ ପ୍ରକାର ପ୍ରାଥମିକ ଚିକିତ୍ସା ଓ ତାହାର ଉପଚାର ବିଷୟରେ ଛାତ୍ରଛାତ୍ରୀ ମାନଙ୍କୁ ସଚେତନ କରିଥିଲେ । ଶ୍ରୀ ପଣ୍ଡା ବିଭିନ୍ନ ପ୍ରକାର ପ୍ରାଥମିକ ଉପଚାରର କୌଶଳ ମଧ ଛାତ୍ରଛାତ୍ରୀମାନଙ୍କ ଆଗରେ ପ୍ରଦର୍ଶନ କରାଇଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀ ବୃନ୍ଦ ଉପସ୍ଥିତ ରହି ପ୍ରାଥମିକ ଉପଚାର କୌଶଳ ଶିକ୍ଷା ଗ୍ରହଣ କରିଥିଲେ । ଶେଷରେ ବିଦ୍ୟାଳୟର ଜୁନିୟର ରେଡ଼କ୍ରସ ପରାମର୍ଶଦାତ୍ରୀ ଶୁଭସ୍ମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆଦିବାସୀ ଗାଁ ଖରବାକୁ ଜହ୍ନ ଆଲୁଅ ହିଁ ସାହା ଭରସା

## ୫ ମାସ ହେଲା ଟ୍ରାନ୍ସଫର୍ମର ଅଚଳ: ମରାମତି କରୁନି ବିଭାଗ

ହରିଚନ୍ଦନପୁର,୧୧/୦୯ (ନି.ପ୍ର): ବର୍ତ୍ତମାନ ଡିଜିଟାଲ୍ ଦୁନିଆରେ ଲାଇନ୍ ନଥିବା କାରଣରୁ ନିଆଁ ଖୁଂଟା ଓ ଜହ୍ନ ଆଲୁଅକୁ ସାହା ଭରଷା କରି ରାତି ବିତାଉଛନ୍ତି ଖରବା ଗ୍ରାମର ଆଦିବାସୀ ଲୋକେ । ଆଜକୁ ଦୀର୍ଘ ୫ ମାସ ହେଲା ଗ୍ରାମର ଟ୍ରାନ୍ସଫର୍ମର ଅଚଳ ହୋଇଥିଲେ ମଧ୍ୟ ବିଭାଗ କିମ୍ବା ଟାଟା କମ୍ପାନୀର ନଜର ପଡୁନାହିଁ । ବିଦ୍ୟୁତ ବିଭାଗର ଅବହେଳା ଯୋଗୁଁ ଅନ୍ଧାରରେ ଜୀବନ ଯାପନ କରୁଛନ୍ତି ୬୦ରୁ ଉର୍ଦ୍ଧ ଜୁଆଙ୍ଗ ପରିବାର । କେବଳ ସାମାନ୍ୟ ଟ୍ରାନ୍ସଫର୍ମର ମରାମତି ୫ ମାସରୁ ଉର୍ଦ୍ଧ୍ୱ ସମୟ ଲାଗି ଗଲାଣି ହେଲେ ହୋଇ ପାରୁନାହିଁ । ଯାହାକୁ ନେଇ ଆଦିବାସୀ ପରିବାରର ଲୋକେ ନିଆଁ ଖୁଂଟା ଓ ଜହ୍ନ ଆଲୁଅକୁ ଭରଷା କରିଛନ୍ତି । ଏପରି ଏକ ଘଟଣା କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ପିଠାଗୋଳା ଗ୍ରାମପଂଚାୟତ ଅଧିନସ୍ଥ ଖରବା ଗାଁର ବିଡା ସାହି ଓ ସ୍କୁଲ ସାହିରେ ଦେଖିବାକୁ ମିଳିଛି । ସୂଚନା ଅନୁଯାୟୀ, ଗତ ନିର୍ବାଚନ ସମୟରୁ ଗ୍ରାମରେ ବସିଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମରଟି ପୋଡିଯାଇଛି । ଯାହାକୁ ନେଇ ଏଠାକାର ଆଦିବାସୀ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଖରବା ଗାଁଟି ଜଙ୍ଗଲ ପାହାଡ଼ ଘେରା ଅଂଚଳ ହୋଇଥିବାରୁ ସନ୍ଧ୍ୟା ହେବା ମାତ୍ରେ ଏଠାରେ ହିଂସ୍ର ବନ୍ୟଜନ୍ତୁଙ୍କର ଭୟ ରହିଥାଏ । ତେଣୁ, ଅନ୍ଧାର ହେବା ଫଳରେ ଏଠାକାର ଲୋକେ ଭୟଭିତ ହୋଇ ଘରୁ ବାହାରକୁ ବାହାରନ୍ତି ନାହିଁ । ଅନ୍ୟପଟେ ପିଲାଙ୍କ ପାଠପଢ଼ା ବ୍ୟାହତ ହେଉଛି । ବର୍ତ୍ତମାନ ବର୍ଷା ଦିନ ହୋଇଥିବାରୁ ଲୋକଙ୍କ ସମସ୍ୟା ବଢ଼ି ଯାଇଛି । ଏ ନେଇ ଗ୍ରାମବାସୀ ଅନେକ ଥର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ବି କୌଣସି ସୁଫଳ ମିଳୁନାହିଁ । ଅନ୍ୟପଟେ ଏହି ଘଟଣା ବିଷୟରେ ହରିଚନ୍ଦନପୁର ବିଦ୍ୟୁତ ସେକ୍ସନ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ପ୍ରତାପ ରାଉତଙ୍କ ସହ ଯୋଗାଯୋଗ କରିବାରୁ ସେ ସୂଚନା ଦେଇଛନ୍ତି ଯେ, ସେଠାକାର ଟ୍ରାନ୍ସଫର୍ମର ପୋଡ଼ି ଯାଇଛି । ସେଠାରେ ଲୋକଙ୍କ ବିଦ୍ୟୁତ୍ ବିଲ୍ ବକେୟା ରହିଛି, ତେଣୁ ଆମେ ରିକ୍ୟୁଟସନ୍ ଦେଇଛୁ ଟ୍ରାନ୍ସଫର୍ମର ଆସିଗଲେ ଖୁବ୍ ଶୀଘ୍ର ଲଗେଇ ଦେବୁ ବୋଲି କହିଥିଲେ । ଅନ୍ୟପଟେ ଟ୍ରାନ୍ସଫର୍ମର ମରାମତି କରି ଗ୍ରାମବାସୀଙ୍କୁ ବିଦ୍ୟୁତ ଯୋଗାଇ ଦେବାକୁ ୱାର୍ଡମେମ୍ବର ଜୟ ଜୁଆଙ୍ଗ, ଶ୍ରୀକାନ୍ତ ଜୁଆଙ୍ଗ, ସନ୍ୟାସୀ ଜୁଆଙ୍ଗ, ନରେନ୍ଦ୍ର ଜୁଆଙ୍ଗ, କାନ୍ଦୁରୁ ଜୁଆଙ୍ଗ, କଂଶଲା ଜୁଆଙ୍ଗ, ରାୟା ଜୁଆଙ୍ଗ ପ୍ରମୁଖ ପ୍ରଶାସନ ନିକଟରେ ବାରମ୍ବାର ଗୁହାରି କରି ଆସୁଛନ୍ତି । ଏଥିପ୍ରତି ଜିଲ୍ଲା ପ୍ରଶାସନ ତଥା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଯଥାଶୀଘ୍ର ସେଠାରେ ଟ୍ରାନ୍ସଫର୍ମର୍ ମରାମତି କରାଇ ବିଦ୍ୟୁତ୍ ସେବା ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ସମେତ ଜନ ସାଧାରଣ ଦାବି କରିଛନ୍ତି ।

# ଶିକ୍ଷକ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ

ଜୟପୁର,୧୧/୦୯ (ନି.ପ୍ର): ସରକାରୀ ଉଚ୍ଚ ବିଦ୍ୟାଳୟ ତରଫରୁ ବିଦ୍ୟାଳୟ ରୂପାନ୍ତିକରଣ ଉପରେ ଅଭିଭାବକମାନଙ୍କୁ ସଚେତନ କରିବା ନିମନ୍ତେ ଏକ ଶିକ୍ଷକ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସିମାଚଂଳ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଓଁପ୍ରକାଶ ମିଶ୍ର, ଦିଲୀପ କୁମାର ପଣ୍ଡା, ପ୍ରକାଶ ଚନ୍ଦ୍ର ପଟନାୟକ, ପ୍ରଭାତ କୁମାର ରଥ, ଯଜ୍ଞେଶ୍ୱର ପଣ୍ଡା, ବିଶ୍ୱ ରଞ୍ଜନ ଗୌଡ଼, ଶିକ୍ଷୟିତ୍ରୀ ଏନ.ପଦ୍ମାବତୀ, ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ଉମାକାନ୍ତି ବାଇପାଇ, ଆଂଚଳିକ ସାଧନ କେନ୍ଦ୍ର ସଂଯୋଜିକା ସଂଯୁକ୍ତା ରାଉତ ଯୋଗଦାନ କରି ୫-ଟି ଯୋଜନାର ଲକ୍ଷ୍ୟ ଉଦ୍ଦେଶ୍ୟ, ଏହି ଯୋଜନାରେ ଉପଲବ୍ଧ ବିଭିନ୍ନ ସୁବିଧା ସୁଯୋଗ, ଗୁଣାତ୍ମକ ଶିକ୍ଷାଦାନ ଏବଂ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ଅଭିଭାବକମାନଙ୍କର ସମ୍ପୃକ୍ତି ଉପରେ ଆଲୋକପାତ କରିଥିଲେ । ଶେଷରେ ଶିକ୍ଷୟିତ୍ରୀ ରଶ୍ମିତା ନାହାକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭାରତର ଦୀର୍ଘସ୍ଥାୟୀ ଉପକୂଳ ପରିଚାଳନା ସଂପର୍କିତ ସମ୍ମିଳନୀ

ଭୁବନେଶ୍ୱର,୧୧/୦୯ (ନି.ପ୍ର): ଲଶଭାରତୀୟ ଦୀର୍ଘସ୍ଥାୟୀ ଉପକୂଳ ପରିଚାଳନା ସଂପର୍କିତ ଦୁଇଦିନିଆ ସମ୍ମିଳନୀ ଭୁବନେଶ୍ୱରଠାରେ ଆରମ୍ଭ ହୋଇଛି । ଭାରତର ୭୫୦୦ କିଲୋମିଟର ସୁଦୀର୍ଘ ଉପକୂଳ, ଦେଶର ସାମାଜିକ, ଅର୍ଥନୈତିକ ଓ ରଣନୈତିକ ଦୃଷ୍ଟିରୁ ବିଶେଷ ଗୁରୁତ୍ୱପୂର୍ଣ୍ଣ । ବିଶ୍ୱର ଏହି ସପ୍ତମ ବୃହତମ ଉପକୂଳରେ ଦେଶର ପାଖାପାଖି ୨୦ ପ୍ରତିଶତ ଜନସଂଖ୍ୟା ଏବଂ ୧୭ ହଜାରରୁ ଉର୍ଦ୍ଧ୍ୱ ପ୍ରାଣୀ ଓ ଉଦ୍ଭିଦ ବସବାସ କରୁଛନ୍ତି । ସମୁଦ୍ର ଉପକୂଳରେ ଅବସ୍ଥାନ କରୁଥିବା ମଣିଷମାନଙ୍କୁ ଅଧିକ ସହନଶୀଳ ହେବାର ଆବଶ୍ୟକତା ରହିଛି ବୋଲି କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରକାଶ କରିଛନ୍ତି । ଓଡ଼ିଶାର ଆର୍ଥିକ ଅଭିବୃଦ୍ଧି ପାଇଁ ଉପକୂଳ ସାମୁଦ୍ରିକ ସମ୍ବଳର ସ୍ଥାୟୀ ପରିଚାଳନା ଗୁରୁତ୍ୱପୂର୍ଣ୍ଣ । ଭାରତ ସରକାର, ଓଡ଼ିଶା ସରକାର ଏବଂ ବିଶ୍ୱ ବ୍ୟାଙ୍କର ମିଳିତ ସହଯୋଗରେ ଏକ ସମନ୍ୱିତ ଉପକୂଳ ପରିଚାଳନା ପ୍ରକଳ୍ପ ଓଡ଼ିଶାରେ ପାଇଲଟ୍ ଭିତିରେ କାର୍ଯ୍ୟକାରୀ କରାଯାଇଛି । ସେପ୍ଟେମ୍ବର ୨୦୧୦ ମସିହାରୁ ଆରମ୍ଭ ହୋଇଥିବା ଏହି ୧୯୬ କିଲୋମିଟର ପରିବ୍ୟାପ୍ତ ପ୍ରକଳ୍ପ ଓଡ଼ିଶାର ଦୁଇଟି ଉପକୂଳବର୍ତ୍ତୀ (ପାରାଦ୍ୱୀପରୁ ଧାମରା ଓ ଗୋପାଳପୁରରୁ ଚିଲିକା) ଅଂଚଳରେ କାର୍ଯ୍ୟକାରୀ କରାଯାଇଛି । ପାଖାପାଖି ୨୯୩.୧୫ କୋଟି ଟଙ୍କା ଏହି ପ୍ରକଳ୍ପରେ ବିନିଯୋଗ କରାଯାଇଛି । ଉପକୂଳବର୍ତ୍ତୀ ଅଂଚଳରେ ଜଳବାୟୁ ପରିବର୍ତ୍ତନ ପ୍ରଭାବକୁ ପ୍ରତିରୋଧ କରିବାରେ ଏହି ପ୍ରକଳ୍ପ ଉଲ୍ଲେଖନୀୟ ସଫଳତା ହାସଲ କରିଛି ବୋଲି ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରଦିପ କୁମାର ଅମାତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରକାଶ କରିଛନ୍ତି । ଦେଶର ଉପକୂଳ ଅଞ୍ଚଳରେ ସହନଶୀଳତା ଓ ଦୀର୍ଘସ୍ଥାୟିତ୍ୱ ବଢ଼ାଇବା ପାଇଁ ଆଲୋଚନା ପର୍ଯ୍ୟାଲୋଚନା କରାଯିବା ନିମନ୍ତେ ଏଭଳି ଏକ ସମ୍ମିଳନୀ ଆୟୋଜନ କରାଯାଇଛି ବୋଲି କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଅଶ୍ୱିନୀ କୁମାର ଚୌବେ ଉଲ୍ଲେଖ କରିଛନ୍ତି । ଉପକୂଳ ଓ ସାମୁଦ୍ରିକ ଜୈବବିବିଧତା, ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ପ୍ରତିରୋଧ ଏବଂ ଉପକୂଳ ପ୍ରଦୂଷଣ ରୋକିବା ଆଦି ବିଷୟବସ୍ତୁ ଉପରେ ବିଶଦ ଆଲୋଚନା କରି ଏ ସଂପର୍କିତ ସମସ୍ୟାର ସମାଧାନର ବାଟ ବାହାର କରିବା ପାଇଁ ଦେଶର ୧୩ଟି ଉପକୂଳ ରାଜ୍ୟର ବରିଷ୍ଠ ଅଧିକାରୀ ଓ ସାମାଜିକ ଅନୁଷ୍ଠାନମାନଙ୍କୁ ଏକତ୍ରିତ କରିବା ସମ୍ମିଳନୀର ଉଦ୍ଦେଶ୍ୟ । ସେହିପରି ଓଡ଼ିଶା, ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁରେ ୟୁଏନ୍‌ଡିପି ସହାୟତାରେ ଉପକୂଳ ଅଞ୍ଚଳବାସୀଙ୍କ ସହଭାଗିତା ଓ ସହନଶୀଳତା ବଢ଼ାଇବା ଏହି କାର୍ଯ୍ୟକ୍ରମର ଅନ୍ୟ ପ୍ରମୁଖ ଆଭିମୁଖ୍ୟ । ଭୁବନେଶ୍ୱର ସାଂସଦ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟର ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ରିଚା ଶର୍ମା ସ୍ୱାଗତ ଭାଷଣ ଦେଇଥିବାବେଳେ ଓଡ଼ିଶାର ପ୍ରଧାନ ମୁଖ୍ୟ ବନସଂରକ୍ଷକ ଏବଂ ଜଙ୍ଗଲ ବାହିନୀର ମୁଖ୍ୟ ଶ୍ରୀ ଦେବୀଦତ୍ତ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ୬ ଜଣ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ବଲାଙ୍ଗିର ସିନିୟର ନକ ଆଉଟ ଫୁଟବଲ ଟୁର୍ଣ୍ଣାମେଂଟ ସପ୍ତମ ଦିବସ

ବଲାଙ୍ଗିର,୧୧/୦୯ (ନି.ପ୍ର): ବଲାଙ୍ଗିର ଜିଲ୍ଲା କ୍ରୀଡା ସଂସଦ ଆନୁକୁଲ୍ୟରେ ଆଜି ପଲ୍ଲିଶ୍ରୀ ଷ୍ଟଡିୟମ ସଦାଇପାଲି ଠାରେ ସାଇଟ ସ୍ପୋର୍ଟ୍ସ ସୋସାଇଟି ୨-୧ ଗୋଲରେ କୁସମେଲ କୁ ହରାଇ ବିଜୟୀ ହୋଇଛି । ଅତିଥି ଭାବେ ପୂର୍ବତନ ଖେଳାଳି ସୌମେନ୍ଦ୍ର ପରିଛା ଓ କ୍ରୀଡା ସଂଗଠକ ଶଶି ଶେଖର ପଣ୍ଡା ଯୋଗ ଦେଇଥିଲେ । ରେଫରି ସଂଜିବ ମହାରଣା, ସୁଦର୍ଶନ ସେଠ, ସୁରେଶ ନାଏକ ଓ ସୁଧାଂଶୁ ସେଠ ଖେଳ ପରିଚାଳନା କରିଥିଲେ । ମିଶନ ପଡିଆରେ ପୋଗ୍ରେସିଭ୍ କ୍ଲବ ୨-୧ ଗୋଲରେ ହୋମଗାର୍ଡ ସ୍ପୋର୍ଟିଂ କୁ ହରାଇ ବିଜୟୀ ହୋଇଛି । ଅତିଥି ଭାବରେ ନବଜିବନ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ବାଗ ଯୋଗ ଦେଇଥିଲେ । ରେଫରି ଦେବାଶିଷ ବାଗ, ଅବଦୁଲ ମୁଜିବ, ଶୁଶାନ୍ତ ନାଗ ଓ ରୁପେଶ ନାଗ ଖେଳ କୁ ପରିଚାଳନା କରିଥିଲେ । ଖୁଜେନପାଲି ପଡିଆରେ ଖଲିଆପାଲି ୫-୧ ଗୋଲରେ କୁରୁଲ କୁ ହରାଇ ବିଜୟୀ ହୋଇଛି । ଅତିଥି ଭାବେ କ୍ରୀଡା ସଂସଦର ଉପ-ସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ବରିଷ୍ଠ ସଦସ୍ୟ ସୁଧିର କୁମାର ପଣ୍ଡା ଓ ପୂର୍ବତନ ଖେଳାଳି ଦିଲିପ ସେଠ ଯୋଗ ଦେଇଥିଲେ । ରେଫରି ଭାବରେ ଖଲିଲ ରହମନ, ଶ୍ରବଣ କୁମାର ବାଗ, ନରସିଂ ସ୍ୱାମୀ ନାଇଡୁ ଓ ସୁଦୟ ବାରିକ ଦାୟିତ୍ୱ ତୁଲାଇଥିଲେ । ଚୁଡାପାଲି ପଡିଆରେ ଭାଲୁଦର୍ହୋ ୨-୧ ଗୋଲରେ କୁତମୁଣ୍ଡା କୁ ହରାଇ ବିଜୟୀ ହୋଇଛି । ଅତିଥି ଭାବେ ବାଉଁସୁଣୀ ରେଞ୍ଜର ଶ୍ରୀବତ୍ସ କୁମୁରା ଓ ପେକ୍ସ ସଭାପତି ବିଜୟ ନାହାକ ଯୋଗ ଦେଇଥିଲେ । ରେଫରି ଭାବେ ବୈକୁଣ୍ଠ ଜେନା, ଜଳନ୍ଧର ସାହୁ, ଉମେଶ ଭୋଇ ଓ ମଂଟୁ ବେହେରା ଦାୟିତ୍ୱ ତୁଲାଇଥିଲେ । ହଲଦି ପଡିଆରେ ଇବିଏଫ୍ ?ଏ ହଳଦି ୧-୦ ଗୋଲରେ ମାଲପଡା କୁ ହରାଇ ବିଜୟୀ ହୋଇଛି । ଅତିଥି ଭାବେ ସରପଂଚ ସୋମିନା ସେଠ ଓ ପୂର୍ବତନ ଖେଳାଳି ରମା ରଂଜନ ସେଠ ଯୋଗ ଦେଇଥିଲେ । ରେଫରି ଭାବେ ଆଶିର୍ବାଦ ସା, ଆଶିଷ ଦେବ ସା,ଅଶ୍ୱିନୀ କୁମାର ଭୁକ୍ତା ଓ ପାଣ୍ଡବ ବିଶି ଦାୟିତ୍ୱ ତୁଲାଇଥିଲେ । ଜରାସିଂହା ପଡିଆରେ ମୁରସିଂ ଡ୍ରାଇବ୍ରେକର ୩-୧ ଗୋଲରେ ଭୁତିଆରବାହାଲ କୁ ହରାଇ ବିଜୟୀ ହୋଇଛି । ଅତିଥି ଭାବରେ ବିବିଏମ୍ ?ସିଏଚ୍ ଡା.ସୁବ୍ରତ କୁମାର ରାୟ ଓ ଜିଲ୍ଲା ପରିଷଦ ସଭ୍ୟ ସୁମତି ସେଠ ଯୋଗ ଦେଇଥିଲେ । ରେଫରି ଭାବରେ ସଞ୍ଜନ କୁଦେଇ, ଲକ୍ଷ୍ମୀଧର ମହାନ୍ତି, ଶ୍ରୀବତ୍ସ ମେହେର ଓ ପ୍ରଶାନ୍ତ ଥନାପତି ଖେଳ ପରିଚାଳନା କରିଥିଲେ । ତୁର୍ଲା (ଟିଟିଲାଗଡ) ପଡିଆରେ ଖୋଲାନ ଟ୍ରାଏବ୍ରେକର ୪-୨ ଗୋଲରେ ଚିକେନିବାହାଲି କୁ ହରାଇ ବିଜୟୀ ହୋଇଛି । ଅତିଥି ଭାବରେ ପୂର୍ବତନ ଖେଳାଳି ସଦାନନ୍ଦ ନାଏକ ଯୋଗ ଦେଇଥିଲେ ।

## ଜଳକା ନଦୀରେ ପୁଣି ବନ୍ୟା

ବସ୍ତା, ୧୧/୦୮ (ନି.ପ୍ର): ବସ୍ତା ଅଞ୍ଚଳର ଦୁଃଖ କୁହାଯାଉଥିବା ଜଳକା ନଦୀ ର ଜଳପତନ ବିପଦ ସଂକେତ ଉର୍ଦ୍ଧରେ ପ୍ରଭାହିତ ହୋଉଛି ଏହିନଦୀର ବିପଦ ସଂକେତ ୫.୫୦ ଥିବା ବେଳେ ସନ୍ଧ୍ୟା ସାତଟାବେଳକୁ ୬.୦୬ରେ ପ୍ରଭାହିତ ହେଉଛି ତେବେ ଜଳପତନ ଧିରେ ବଢିବାରେ ଲାଗୁଛି ବର୍ଷା ବେଗ କମ ହୋଉଥିବାରୁ ବିପଦ ଆଶଙ୍କା ଏତେ ନାହିଁବୋଲି ସାଧାରଣରେ ଆଲୋଚନା ହେଉଛି ।

## ବସ୍ତା ଅଞ୍ଚଳର ବିଶିଷ୍ଟ ସାମ୍ବାଦିକ ସଂଜୟ ସାମଲଙ୍କ ମାତୃ ବିୟୋଗ



ବସ୍ତା, ୧୧/୦୯ (ନି.ପ୍ର): ରୁପ୍‌ସା ଗଡପଦା ପଞ୍ଚାୟତ ଓଡିଆଶାସନ ଗ୍ରାମର ସାମ୍ବାଦିକ ସଞ୍ଜୟକୁମାର ସାମଲଙ୍କ ମାତା ସୁଶମା ସାମଲ (୭୮) ଗତ ଶୁକ୍ରବାର ରାତ୍ରି ୧୧ଟା୨୦ମିନଟରେ ପ୍ରାଣତ୍ୟାଗ କରିଛନ୍ତି । ସୁଶମା ଙ୍କ ଦେହ ଅସୁସ୍ଥ ହେବାରୁ ତାଙ୍କୁ ବସ୍ତା ପରେ ବାଲେଶ୍ୱର ନେଇଥିଲେ ହେଲେ ପରିସ୍ଥିତି ଅଣ ଆୟତ ହେବାରୁ ତାଙ୍କୁ ସମ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା ହେଲେ ତାଙ୍କର ମୃତ୍ୟୁ ଘଟିଥିଲା । ଖବରପାଇ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଶ୍ୟାମା ପ୍ରସାଦ ବେହେରା ବସ୍ତା ସାମ୍ବାଦିକ ବିଜୟକୁମାରଭୂୟାଁ, ସୁଶାନ୍ତ କୁମାର ପ୍ରଧାନ, ଦିଲ୍ଲୀପକୁମାର ସାହୁ, ରବିନାରାୟଣସାହୁ ସମେତ ବହୁ ମାନ୍ୟଗଣ୍ୟବ୍ୟକ୍ତି ବସ୍ତା କଂଗ୍ରେସର ବହୁ ନେତୃମଣ୍ଡଳି ସାମଲ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ । ସ୍ୱର୍ଗ ଦ୍ୱାରରେ ଶେଷକୃତ୍ୟ ସମାପ୍ତ କରାଯାଇଥିଲା ପୁତ୍ର ସଞ୍ଜୟ ମୂଖାଗ୍ନୀ ଦେଇଥିଲେ ।

## ଘରେ ପଶି ଲୁଟିଲେ ଟଙ୍କା ସୁନା, ବୃଦ୍ଧାଙ୍କୁ ହତ୍ୟା

ଗଞ୍ଜାମ, ୧୧/୦୯ (ନି.ପ୍ର): ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ଥାନା ଅନ୍ତର୍ଗତ ଭୀଷ୍ମଗିରି କଲେଜ ଛକରେ ରହୁଥିବା ଦମ୍ପତିଙ୍କ ଘରେ ଚୋର ପଶି ଟଙ୍କାସୁନା ଲୁଟ୍ କରିବା ସହ ଘରେ ଭିତରେ ଶୋଇଥିବା ବୃଦ୍ଧାଙ୍କୁ ହତ୍ୟା କରିଛନ୍ତି । ଗତକାଲି ବିଳମ୍ବିତ ରାତିରେ ବାରଣ୍ଡାରେ ରାମୟା ପାତ୍ର ଶୋଇଥିବା ବେଳେ ତାଙ୍କ ପତ୍ନୀ ଘର ଭିତରେ ଶୋଇଥିଲେ । ଚୋରମାନେ ବାରିପଟ କବାଟ ଭାଙ୍ଗି ଘରେ ପଶି ସୁନା ଓ ଟଙ୍କା ଲୁଟ୍ କରିବା ସହ ବୃଦ୍ଧା ପିନ୍ଧିଥିବା ସୁନାଗହଣା ମଧ ଲୁଟି ନେଇଛନ୍ତି । ଧରାପଡିବା ଭୟରେ ଚୋରମାନେ ବୃଦ୍ଧା ବାହିଆଦି ପାତ୍ରଙ୍କୁ ହତ୍ୟା କରିଥିବା ଜଣାପଡିଛି । ଏନେଇ ଅଧିକ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଦୀପ୍ତିରଞ୍ଜନ ବେହେରା ସୂଚନା ଦେଇଛନ୍ତି ।

## ସ୍ୱାମୀ ସ୍ୱରୂପାନନ୍ଦଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର, ୧୧/୦୯ (ନି.ପ୍ର): ଜ୍ୟୋତିର୍ମଠ ଓ ଦ୍ୱାରକାପୀଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ସ୍ୱରୂପାନନ୍ଦ ସରସ୍ୱତୀଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ ଦ୍ୱାରକା ଶାରଦା ପୀଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ସ୍ୱରୂପାନନ୍ଦ ସରସ୍ୱତୀଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ । ଧର୍ମ ଓ ଆଧ୍ୟାତ୍ମିକତା କ୍ଷେତ୍ର ପାଇଁ ତାଙ୍କର ବିୟୋଗ ଏକ ଅପୂରଣୀୟ କ୍ଷତି । ତାଙ୍କର ଅନୁଗାମୀ ମାନଙ୍କୁ ସମବେଦନା ।

# ଓଡିଶା ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳିତ



ବାରିପଦା, ୧୧/୦୯ (ନି.ପ୍ର): ବାରିପଦା ସ୍ଥିତ ସହିଦ ସ୍ମୃତି ଭବନ ଠାରେ ଓଡିଶା ଆଦର୍ଶ ବିଦ୍ୟାଳୟର ଜିଲ୍ଲା ସ୍ତରୀୟ ପ୍ରତିଷ୍ଠା ଦିବସ ପାଳନ କରାଯାଇ ଅଛି । ଉକ୍ତ ଉଦଘାଟନି ଉତ୍ସବରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ନବକିଶୋର ଗିରି ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ନିତ୍ୟାନନ୍ଦ ବାରିକ, ଶ୍ରୀମତୀ ଦୀପ୍ତି ନାୟକ ଓ ରାଣୀଭୋଳ ଓଡିଶା ଆଦର୍ଶ ବିଦ୍ୟାଳୟର ଅଧକ୍ଷ ଶ୍ରୀ ବିଭୁତି ଭୂଷଣ ମଣ୍ଡଳ ଉପସ୍ଥିତ ଥିଲେ । ଓଡିଶା ଆଦର୍ଶ ବିଦ୍ୟାଳୟ ଗୋପବନ୍ଧୁନଗରର ଅଧକ୍ଷା ଶ୍ରୀମତୀ ନିତାସା ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ । ଓଡିଶା ଆଦର୍ଶ ବିଦ୍ୟାଳୟ ରାଣୀ ଭୋଳର ସ୍ନାତକତୋର ଇଂରାଜୀ ଶିକ୍ଷକ ଶ୍ରୀ ସଂଗ୍ରାମ କେଶରୀ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲାରେ ଥିବା ୨୬ ଗୋଟି ଆଦର୍ଶ ବିଦ୍ୟାଳୟରୁ ୭୦୦ ରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ଯୋଗଦାନ କରି ୨୧ ଗୋଟି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ବିଦ୍ୟାଳୟ ସ୍ତରରେ ହୋଇଥିବା ପ୍ରତିଯୋଗିତାର କୃତି ଛାତ୍ର ଛାତ୍ରୀ ମାନେ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଛନ୍ତି । ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ତର୍କ, ପ୍ରବନ୍ଧ ଲିଖନ, ବକ୍ତୃତା, ଏକକ ନୃତ୍ୟ, ଏକକ ସଂଗୀତ, ସମବେତ ନୃତ୍ୟ ଓ ସମବେତ ସଂଗୀତ, ଚିତ୍ରାଙ୍କନ, ପ୍ରଶ୍ନ ଉତ୍ତର, କବିତା ଆବୃତ୍ତି ଇତ୍ୟାଦି ପ୍ରତିଯୋଗିତା କରଯାଇଥିଲା । ଜିଲ୍ଲାପାଳ ଶ୍ରୀଯୁକ୍ତ ବୀନିତ ଭରଦ୍ୱାଜ ଓ ଜିଲ୍ଲା ପରିଷଦର ଅଧକ୍ଷା ଶ୍ରୀମତୀ ଭାରତୀ ହଁ।ସଦା ଉଦଯାପନୀ ଉତ୍ସବରେ ଯୋଗଦେଇ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଶିକ୍ଷା, ସାଧାରଣ ଜ୍ଞାନ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭବିଷ୍ୟତରେ ଭଲ ପ୍ରଦର୍ଶନ କରିବା ପାଇଁ ଛାତ୍ର ଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ଆଗାମୀ ଦିନରେ ଭଦ୍ରକରେ ହେବାକୁଥିବା ମଣ୍ଡଳ ସ୍ତରୀୟ ଓ ରାଜ୍ୟ ସ୍ତରରେ ହେବାକୁ ଥିବା ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ କୃତକାର୍ଯ୍ୟ ହେବା ପାଇଁ ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତି ପ୍ରତିଯୋଗୀ ମାନଙ୍କ ମଧ୍ୟରୁ ଓଡିଶା ଆଦର୍ଶ ବିଦ୍ୟାଳୟ ଉଦଳାର ଛାତ୍ରୀ ଦିବ୍ୟା ପ୍ରିୟଦର୍ଶୀ, ଅଭିପ୍ସା ମାଇତି ବାରିପଦାର ଲିପ୍ସା ପାତ୍ର, କୃଷ୍ଣ ପ୍ରସାଦ ଦାସ, ସୁଶ୍ରୀ ଅଭିପ୍ସା ମହାପାତ୍ର, ମନିଶ ପାଣିଗ୍ରାହୀ, ଚନ୍ଦନ କୁମାର ମହାନ୍ତ, ଶୁକୃଳିର ରୋହିତ କୁମାର ନାଏକ, ସାମାଖୁଣ୍ଟାର ଜାଗୃତି ବେହେରା, ଏସ. କେ ସହିଦ ରାଜା, ଜବା ମାଝୀ, ରାସଗୋବିନ୍ଦପୁରର ଶୁଭଶ୍ରୀ ରାଉତ, ସୁହାନି ଘାଟୱାରି, ଓମଶ୍ରୀ ସାହୁ, କପ୍ତିପଦାର ପ୍ରିୟାସୁ ବେହେରା ଓ ବୈଷ୍ଣବି ରାଉତ, ବେତନଟୀର ପ୍ରୀତିଶ୍ରୀ ପ୍ରଜ୍ଞା ପ୍ରିୟା ପ୍ରଥମ ସ୍ଥାନ ଅଧିକାର କରିଥିଲେ ।

## ୧୩ରୁ ବାଲେଶ୍ୱରରେ ଅହିଂସା ରଥ ପରିକ୍ରମା ଆରମ୍ଭ

ବାଲେଶ୍ୱର,୧୧/୦୯ (ନି.ପ୍ର): ରାଜ୍ୟ ସରକାରଙ୍କ ନିଷ୍ପତ୍ତି କ୍ରମେ ଗତ ଅଗଷ୍ଟ ୧୫ ତାରିଖରୁ ଓଡ଼ିଶାରେ ଅହିଂସା ରଥ ପରିକ୍ରମା କରୁଛି । ଆସନ୍ତା ଅକ୍ଟୋବର ୨ ତାରିଖ ଗାନ୍ଧୀଜୟନ୍ତୀ ପର୍ଯ୍ୟନ୍ତ ଏହି ରଥ ପରିକ୍ରମା ଜାରି ରହିବ ବୋଲି ସୂଚନା ଦିଆଯଇଛି । ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅମୃତ ମହୋତ୍ସବ ପାଳନ ଅବସରରେ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ଅବଦାନହ ସ୍ମୃତି ଉଜ୍ଜୀବିତ କରିବା ଓ ଗାନ୍ଧୀବାର୍ତ୍ତା ପ୍ରଚାର ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି । ଏହି କ୍ରମରେ ବାଲେଶ୍ୱର ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ବେଳେ ଆସନ୍ତା ୧୩ ତାରିଖରେ ମୟୂରଭଞ୍ଜ ଜିଲାରୁ ଆସୁଥିବା ୨ ଗୋଟି ରଥକୁ ସ୍ୱାଗତ କରାଯିବ । ପ୍ରତିରଥ ୬ ଗୋଟି ଲେଖାଏଁ ବ୍ଲକ ପରିକ୍ରମା କରିବ ବୋଲି ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବିଭିନ୍ନ ଦେଶାତ୍ମକ କାର୍ଯ୍ୟକ୍ରମ ମାଧ୍ୟମରେ ରଥକୁ ସ୍ୱାଗତ ସହ ବ୍ଲକୱାରୀ ପରିକ୍ରମା କରିବ । ପ୍ରତ୍ୟେକ ବ୍ଲକର ବିଡିଓଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଜାରି ରହିବ । ୪ ଦିନ ପରିକ୍ରମା ସହ ୧୬ ତାରିଖରେ ଏହି ଦୁଇ ଅହିଂସା ରଥ ଭଦ୍ରକ ଜିଲା ପ୍ରଶାସନକୁ ହସ୍ତାନ୍ତର କରାଯିବ । ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ଜିଲାବାସୀଙ୍କ ଦେଶାତ୍ମବୋଧତାକୁ ଉଜ୍ଜୀବିତ ପାଇଁ ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି ।

## ଖଟିଆରେ ରୋଗୀଙ୍କୁ ବୋହିଲେ ଗାଁ ଲୋକେ

ବସ୍ତା, ୧୧/୦୯ (ନି.ପ୍ର): ବସ୍ତା ବ୍ଲକ ମଥାନୀ ପଞ୍ଚାୟତ ସ୍ୱଚ୍ଛ ନିର୍ମଳ ଆଦର୍ଶ ପଞ୍ଚାୟତ ମାନ୍ୟତା ପାଇଥିଲେ ହେଁ କେତୋଟି ଗାଁକୁ ଏବେବି ଯାତାୟତର ସୁବିଧା ନାହିଁ । ମାଟି ରାସ୍ତାରେ ୫୦୦ଶହରୁ ଉର୍ଦ୍ଧ ପରିବାର କାଳାତିପାତ କରୁଛନ୍ତି । ପିଇବାପାଣିର ସୁବିଧା ନା ସ୍ୱାସ୍ଥ୍ୟ ସେବା ରେ ଉନ୍ନତି ସବୁଥିରେ ଅନ୍ଧାରୀ ମୂଳକ ଭଳି ଅବହେଳିତ ଅବସ୍ଥାରେ ପଡିରହିଛି ବଡା ଗ୍ରାମବାସୀଙ୍କ ଭାଗ୍ୟ । ହେଲେନିର୍ବାଚନ ସମୟରେ ପଞ୍ଚାୟତ ନେତାଙ୍କର ଆଶ୍ୱାସନା ଓ ପାରିବାପଣିଆ ଉପରେ ଅଞ୍ଚଳବାସୀଙ୍କ ମନରେ ପ୍ରଶ୍ନବାଚି ସୃଷ୍ଟି ହୋଇଛି । ଗାଁ ସାହିକୁ ଆମ୍ବୁଲାନ୍ସ ବା ଦମକଳ ଗାଡି ଯିବାତଦୂରର କଥା ଖାଲ ଖମାର ରାସ୍ତାରେ ଅଙ୍ଗନ ବାଡିକୁ ଯାଉଥିବା କୁନିକୁନି ପିଲାମାନେ ଅଧିକାଂଶ ସମୟରେ ଦୂର୍ଘଟଣାର ଶିକାର ହେଉଥିବା ବେଳେ ନିରବ ଦ୍ରଷ୍ଟା ସାଜିଛି ବ୍ଲକ ପ୍ରଶାସନ । ରବିବାର ସକାଳେ ଗମ୍ଭାରିଆ ଗ୍ରାମର ସ୍ୱର୍ଗତ ଯୋଗେନ୍ଦ୍ର ଦାସଙ୍କର ସ୍ତ୍ରୀ ଅଭୟାମଣୀ (୬୪ବର୍ଷ) ହଠାତ ଗୁରୁତର ହୋଇ ପଡିଥିଲେ । ଗୋଟିବୋଲିପୁଅ ବାଲେଶ୍ୱରରେ ରହି କୁଲିଗିରିକରି ପରିବାର ପ୍ରତିପୋଷଣ କରନ୍ତି ହେଲେ ଅଭୟାମଣୀ ଗୁରୁତର ଯାଣି ପୋଡଶି ମାନେ ୧୦୮କୁ ଯୋଗାଯୋଗ କରିଥିଲେ ହେଲେ ଗାଡି ଆଣି ୧କିଲୋମିଟର ପଣ୍ଡରୁଙ୍ଗି ଗାଁ ନିକଟରେ ଅଟକିଥିଲା । ରାସ୍ତାର ଦୂରାବସ୍ଥା ଯୋଗୁ ଯାଇପାରିଲା ନାହିଁ । ଗାଁଲୋକେ ବାଧ୍ୟହୋଇ ଖଟିଆରେ ଲଦି ଆମ୍ବୁଲାନ୍ସ ପାଖକୁ ଆଣିଥିଲେ । ତେବେ ଯଥାଶିଘ୍ର ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଗ୍ରାମର ପୁରୁଷତ୍ତୋମ ଦାସ ଦେବେନ୍ଦ୍ର ଦାସ ବାଦଲଦାସ, ଛବିରାଣୀଦାସ, ସନ୍ଧ୍ୟାରାଣୀ ଦାସ, ଶିବାନନ୍ଦ ଦାସ ରାସବିହାରୀଦାସ ସମେତ ଅଞ୍ଚଳ ବାସୀ ଦାବିକରିଛନ୍ତି ।

## ଦୀନକୃଷ୍ଣ ଉଚ୍ଚ ବିଦ୍ୟାଳୟର ୧୯୭୬ ବ୍ୟାଚ୍‌ର ଗୁରୁ ପୂଜନ

ଜଳେଶ୍ୱର, ୧୧/୯(ନି.ପ୍ର): ରାଇବଣିଆ ଥାନା ଅନ୍ତର୍ଗତ ଖୁଆର୍ଡସ୍ଥିତ ଦୀନକୃଷ୍ଣ ଉଚ୍ଚ ବିଦ୍ୟାଳୟର ୧୯୭୬ ମ୍ୟାଟ୍ରିକ୍ ପରୀକ୍ଷାର୍ଥି ବିଦ୍ୟାଳୟ ପରିସରରେ ଉପସ୍ଥିତ ହୋଇ ଗୁରୁପୂଜନ ଓ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ସିତାଂଶୁ ସେଖର ପରିଡା ଅଧ୍ୟକ୍ଷତା କରିଥିବା ବେଳେ ଅଜୟ କୁମାର ଭୂୟାଁ, ଝାଡେଶ୍ୱର ପାତ୍ର, ବିଜୟ ମଲ୍ଲିକ, ଦିଗାମ୍ବର ସାହୁ, ସୁପ୍ରଭା ପାତ୍ର, ଆଶୁତୋଷ କାସ୍ତ, ଦାମୋଦର ସରେନ୍, ହିମାଂଶୁ ଘୋଷ, ତ୍ରିଲୋଚନ ମହାନ୍ତ, ଜୟନ୍ତ ମହାନ୍ତ, ଅଂଜନ ପ୍ରଧାନ ପ୍ରମୁଖ ଏକତ୍ରୀତ ହୋଇ ଅତୀତର ସ୍ମୃତି ସାଉଁଟି ଥିଲେ । ଏବେବି ୯୩ ବର୍ଷ ବୟସରେ ସୁସ୍ଥ ଥିବା ଇଂରାଜୀ ଶିକ୍ଷକ ଜଗଦୀଶ ଚନ୍ଦ ଜେନା ଙ୍କୁ ଉପସ୍ଥିତ ଛାତ୍ରଛାତ୍ରୀ ପୂଜାର୍ଚ୍ଚନା କରିବା ସହିତ ସମ୍ବର୍ଦ୍ଧିତ କରିଥିଲେ ଓ ତାଙ୍କର ଆଶିର୍ବାଦ ଭିକ୍ଷା କରିଥିଲେ । ଏପରି ବିରଳ ଗୁରୁପୂଜନ ଓ ପରମ୍ପରା ସ୍ଥାନୀୟ ଅଂଚଳରେ ଗୁରୁ-ଶିଷ୍ୟର ସଂପର୍କରେ ଉନ୍ନତି ଆଣିବାରେ ସହାୟତ ହେବ ବୋଲି ସେମାନେ କହିଛନ୍ତି ଓ ଏହା ଆଲୋଚ୍ୟର ବିଷୟ ହୋଇଛି ।

## ମହେଶ୍ୱରଙ୍କ ରକ୍ତଦାନ ଶିବିରରେ ଯୋଗଦାନ

ପୁରୀ,୧୧/୦୯ (ନି.ପ୍ର): ଓଡ଼ିଶା ମୋ ପରିବାର ଆନୁକୂଲ୍ୟରେ ସାଇଶ୍ରୀ ଆଡ୍‌ଭାନ୍ସ ଫିଜିଓଥୋରାପି ଦ୍ୱାରା ରକ୍ତଦାନ ଶିବିର ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ରକ୍ତଦାନର ମହନୀୟତା ଜାଣି ପୂର୍ବତନ ବାଚସ୍ପତି, ପୂର୍ବତନ ମନ୍ତ୍ରୀ ତଥା ବିଜେଡ଼ିର ଜିଲ୍ଲା ସଭାପତି ମହେଶ୍ୱର ମହାନ୍ତି ଯୋଗଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ଏହା ସହ ସାଂସଦ ପିନାକୀ ମିଶ୍ର ଯୋଗଦେବା ସହ କଲେଜ ପରିସରରେ ବୃକ୍ଷରୋପଣ କରିଥିଲେ । ଏଥିରେ ପୁରୀ ସଦରବ୍ଲକ ଅଧକ୍ଷ ଦିବାକର ପାତ୍ର, ଜିଲ୍ଲା ମହିଳା ବିଜେଡ଼ିର ସଭାନେତ୍ରୀ ଶାନ୍ତିଲତା ପ୍ରଧାନ, ଜ୍ୟୋତିର୍ମୟୀ ମହାପାତ୍ର, ଭଗବାନ ପଡିଆରୀ, ଷ୍ଟାର୍ଲିନ ପରିଜା, ଭକ୍ତଚରଣ ଦାସ, ପ୍ରିତମ ଜଗଦେବ, ବିଜୟ ମାଝି, ଶ୍ରୀପ୍ରକାଶ ମିଶ୍ର,ସୁଧାଂଶୁ ମହାନ୍ତି, ସାଗର ପାତ୍ର ଓ ଅର୍ଜ୍ଜୁନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଶିବିରରେ ୯୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ଭାରତୀ ମହାପାତ୍ର,ସନ୍ତୋଷୀ ମହାନ୍ତି, ଅନିଲ ସୁବୁଦ୍ଧି, ବିଶ୍ୱ ଭୂଷଣ ମହାନ୍ତି, ପ୍ରତୀକ ଭଟ୍ଟ, ମଧୁସ୍ମିତା ଶଣ୍ଡ, ସୁଚିତ୍ରା ମହାନ୍ତି, ହରେକୃଷ୍ଣ ନନ୍ଦ ଓ ଉଷା ପ୍ରଧାନ ପ୍ରମୁଖ ଶିବିରରେ ସହଯୋଗ କରିଥିଲେ । ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତି ଏହି ଶିବିରରେ ଯୋଗ ଦେଇଥିବାରୁ ରକ୍ତଦାତା ଓ ଆୟୋଜନକାରୀ ଖୁସି ବ୍ୟକ୍ତ କରିଥିଲେ ।

## ରେମୁଣା ନବମାତୃକା ପୂଜା ୨୦୨୨ ର ପ୍ରସ୍ତୁତି ବୈଠକ



ବାଲେଶ୍ୱର, ୧୧/୦୯ (ନି.ପ୍ର): ଆଜି ଅପରାହ୍ନ ୪ ଘଟିକାରେ ରେମୁଣା ନବମାତୃକା ପୂଜା କମିଟି ତରଫରୁ ଚଳିତ ବର୍ଷ ନବମାତୃକା ପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ରେମୁଣା ଖିରଚୋରା ଗୋପୀନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । କମିଟିର ସଭାପତି ଡ ଭାଗବତ ପ୍ରସାଦ ଦାସଙ୍କ ସଭାପତିତ୍ୱରେ ସଭାରେ କମିଟିର ପ୍ରତିଷ୍ଠିତା ସଂପାଦକ ସ୍ୱର୍ଗତ ଦିଲ୍ଲୀପ ନାୟକଙ୍କ ଆତ୍ମାର ସଦଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ୨୦୧୫ରୁ ରେମୁଣା ନବମାତୃକା ପୂଜା ଆରମ୍ଭ ହୋଇଥିବା ବେଳେ ମହାମାରୀ କୋରନା ପାଇଁ ୨୦୨୦ ଓ ୨୦୨୧ ବନ୍ଦ ରହିଥିଲା । ନୂତନ ସଂପାଦକ ଭାବରେ ଇଂ ବିଜୟ କୁମାର ସେଠୀଙ୍କୁ ଉପସ୍ଥିତ କର୍ମକର୍ତ୍ତା ମନୋନୀତ କରାଯାଇ ସ୍ୱାଗତ କରାଯାଇଥିଲା । ନବମାତୃକା ପୂଜାର ଆବାହକ ଶିଳ୍ପୀ କେଶୁଦାସ ବିଗତ ବର୍ଷମାନଙ୍କର ବିବରଣୀ ପ୍ରଦାନ କରିଥିବା ବେଳେ ଚଳିତ ବର୍ଷର ପ୍ରସ୍ତାବ ମାନ ରଖିଥିଲେ । ଚଳିତ ବର୍ଷ ନୂତନ ଭାବେ ଗଠିତ ହୋଇଥିବା ରେମୁଣା ବିଜ୍ଞାପିତ ଅଞ୍ଚଳର ଗରିୟସୀ ଓ ମହିୟସୀ ନଅଟି ବିଭାଗରୁ ଯଥା ଚାଷୀ ମାଆ, ଶିକ୍ଷା ମାଆ, ସ୍ୱାସ୍ଥ୍ୟ ମାଆ, ସେବା ମାଆ, ଗୃହିଣୀ ମାଆ, କବି ମାଆ, କାରିଗରୀ ମାଆ, ସଂସ୍କୃତି ମାଆ ଓ ଗଛ ମାଆଙ୍କୁ ମନୋନୟ କରାଯାଇ ଖିରଚୋରା ଗୋପୀନାଥ ମନ୍ଦିର ପ୍ରାଙ୍ଗଣରେ ଦୁର୍ଗୋତ୍ସବର ପବିତ୍ର ମହାନବମ ତିଥିରେ ପୂଜାର୍ଚ୍ଚନା କରାଯିବ ବୋଲି ସିଦ୍ଧାନ୍ତ ନିଆଯାଇଛି । ନଅ ଜଣ ଗଣ୍ୟମାନ୍ୟ ଅତିଥି ଦ୍ୱାରା ନଅ ମାଆଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ କମିଟିର ପାରମ୍ପାରିକ ରୀତିରେ ପୂଜା କରାଯିବ ବୋଲି ସ୍ଥିର କରାଯାଇଛି । ଏହି ପ୍ରସ୍ତୁତି ବୈଠକରେ ଖିରଚୋରା ଗୋପୀନାଥ ମନ୍ଦିରର କାର୍ଯ୍ୟବାହୀ ଅଧିକାରୀ ସରୋଜ କୁମାର ବେହେରା ସହ କମିଟିର ନିରଞ୍ଜନ ସାହୁ, ପ୍ରଭାକର ସାହୁ, ରବିନ୍ଦ୍ର କୁମାର ବିଶ୍ୱାଳ, ଦେବାଶିଷ ପତି, ଦିବ୍ୟେନ୍ଦୁ ମଲ୍ଲିକ, ନରୋତ୍ତମ ଦାସ, ସୀତାନାଥ ଦାସ, ସୁଧୀର କୁମାର ଦାସ, ଗୌତମ ଦାସ ସଦସ୍ୟ ସଦସ୍ୟାମାନେ ସୁଚିନ୍ତିତ ପ୍ରସ୍ତାବମାନ ଦେଇଥିଲେ । ଶେଷରେ ମିନତୀ ପାତ୍ର ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ । ଭୁବନେଶ୍ୱର ନବମାତୃକା ପୂଜା କମିଟି ତରଫରୁ ଭୁବନେଶ୍ୱର ସହିଦ ନଗରସ୍ଥ ଆର୍ଯ୍ୟ ସମାଜ ପରିସରରେ ପବିତ୍ର ମହାଳୟା ତିଥିରେ ରାଜ୍ୟସ୍ତରୀୟ ନଅ ଜଣ ଗରିୟସୀ ଓ ମହିୟସୀ ନଅ ଜଣ ମାଆଙ୍କୁ ପୂଜା କରାଯିବ ବୋଲି ଭୁବନେଶ୍ୱର କମିଟିର ସଦସ୍ୟ ଶିଳ୍ପୀ କେଶୁଦାସ ଜଣାଇଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ପ୍ରବଳ ବର୍ଷା ସତ୍ତ୍ୱେ ରାଜଧାନୀରେ....

ହନ୍ତସନ୍ତ କର୍ମଚାରୀଙ୍କ ସମସ୍ୟା ଆହୁରି ଦୟନୀୟ ହୋଇପଡ଼ିଲା । ରାଜ୍ୟ ସରକାର ସପ୍ତମ ବେତନ କମିଶନ ସୁପାରିଶ କ୍ରମରେ ସ୍ଥାୟୀ କର୍ମଚାରୀମାନଙ୍କ ପାଇଁ ଉଦ୍ଦିଷ୍ଟ ପେ’ ଓ ଗ୍ରେଡ୍ ପେ’ ବ୍ୟବସ୍ଥା ଉଠାଇ ଧାର୍ଯ୍ୟ ଦରରେ ଦରମା ପ୍ରଦାନ କରିଥିବା ବେଳେ, ଚୁକ୍ତିଭିତ୍ତିକ ଏବଂ କନିଷ୍ଠ ଶିକ୍ଷକ କର୍ମଚାରୀଙ୍କ ପାଇଁ ପେ’ ଓ ଗ୍ରେଡ୍ ପେ’ ବ୍ୟବସ୍ଥା ଜାରି ରଖିଲେ । ଏହାର ପ୍ରତିବାଦ କରି ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ହଜାର ହଜାର କର୍ମଚାରୀ ୨୦୧୮ ମସିହା ଅଗଷ୍ଟ ମାସରେ ଦୀର୍ଘ ତିନିଦିନ ବ୍ୟାପୀ ବିଶାଳ ଗଣଆନ୍ଦୋଳନ କରିଥିଲେ । ଶେଷରେ ଓଡ଼ିଶା ରାଜ୍ୟର ତତ୍କାଳୀନ ମୁଖ୍ୟ ଶାସନ ସଚିବ ଶ୍ରୀଯୁକ୍ତ ଆଦିତ୍ୟ ପ୍ରସାଦ ପାଢୀ ଆନ୍ଦୋଳନରତ କର୍ମଚାରୀଙ୍କ ମଧ୍ୟରୁ ୧୫ଜଣିଆ ପ୍ରତିନିଧିମଣ୍ଡଳୀଙ୍କ ସହ ବିସ୍ତୃତ ଆଲୋଚନା କରି ଏକ ଲିଖିତ ପ୍ରତିଶ୍ରୁତି ଦେଇଥିଲେ ଯେ ରାଜ୍ୟ ସରକାର ଏକ ମାସ ମଧ୍ୟରେ ଏ ବିଷୟରେ ସକରାତ୍ମକ ପଦକ୍ଷେପ ଗ୍ରହଣ କରିବେ । କିନ୍ତୁ ତାହା ନିଷ୍ଫଳ ଗଲା । କରୋନା ମହାମାରୀ ସମୟରେ ଯେତେବେଳେ ସବୁ ଗଣ ଆନ୍ଦୋଳନ ଓ ପ୍ରତିବାଦ କାର୍ଯ୍ୟକ୍ରମକୁ ସରକାର ନିଷିଦ୍ଧ କଲେ, ସେତେବେଳେ ସାରା ଓଡ଼ିଶାର ସରକାରୀ ଚୁକ୍ତିଭିତ୍ତିକ କର୍ମଚାରୀ ଓ ଶିକ୍ଷକମାନେ ବିଭିନ୍ନ ସାମାଜିକ ଗଣମାଧ୍ୟମ ଜରିଆରେ ନିଜ ନିଜର ଅସନ୍ତୋଷ ପ୍ରକାଶ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ରାଜ୍ୟ ସରକାର ଗତ ୨୦୨୧ ମସିହା ଅକ୍ଟୋବର ମାସରେ ଓଡ଼ିଶା ସରକାରୀ ଚୁକ୍ତିଭିତ୍ତିକ କର୍ମଚାରୀ ମହାସଂଘ ସହ ଆଲୋଚନା କରି ସଂଘର ଦାବିଗୁଡ଼ିକ ଯୁକ୍ତିଯୁକ୍ତ ବୋଲି ହୃଦୟଙ୍ଗମ କଲେ ଓ ପାଉଥିବା ଦରମାର ୫୦ ପ୍ରତିଶତ ବୃଦ୍ଧି କରିବା ସହ ଦୁଇ ମାସ ମଧ୍ୟରେ ଅବଶିଷ୍ଟ ମୁଖ୍ୟ ଦାବିଗୁଡ଼ିକ ଉପରେ ବିଚାର କରିବାର ପ୍ରତିଶ୍ରୁତି ଦେଲେ । କିନ୍ତୁ ତାହା ଅଦ୍ୟାବଧି କାର୍ଯ୍ୟକାରୀ କରାଗଲା ନାହିଁ । ସ୍ଥାୟୀ ଓ ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ମଧ୍ୟରେ ଦରମାର ଘୋର ତାରତମ୍ୟ ଓ ଅସଙ୍ଗତି ପାଇଁ ଆଜି ରାଜ୍ୟର ଏହି ହତଭାଗ୍ୟ କର୍ମଚାରୀମାନେ ଗଣ୍ଡେ ଖାଇ ଖଣ୍ଡେ ପିନ୍ଧି ବଞ୍ଚିବା ପାଇଁ ସଂଗ୍ରାମ କରୁଛନ୍ତି । ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟର ଦରଦାମ୍ ହୁହୁ ହୋଇ ବଢୁଥିବା ବେଳେ ଏତେ କମ୍ ଦରମାରେ ଏହି ଚୁକ୍ତିଭିତ୍ତିକ କର୍ମଚାରୀ ଓ କନିଷ୍ଠ ଶିକ୍ଷକମାନେ କିଭଳି ବଞ୍ଚିବେ ବୋଲି ସରକାରଙ୍କୁ ପ୍ରଶ୍ନ କରିଛନ୍ତି । ସେହିପରି ଚୁକ୍ତିଭିତ୍ତିକ ବ୍ୟବସ୍ଥାରୁ ସଚିବାଳୟ ଓ ବିଧାନସଭା ଏ.ଏସ୍.ଓ.ଙ୍କୁ ପୁରା ବାଦ୍ ଦେଇଥିବା ବେଳେ ମାନ୍ୟବର ଓଡ଼ିଶା ଉଚ୍ଚ ନ୍ୟାୟାଳୟର କିଛି କର୍ମଚାରୀଙ୍କୁ ଏଥିରୁ ସଂପୂର୍ଣ୍ଣ ବାଦ୍ ଦେଇ ଆଉ କିଛି କର୍ମଚାରୀଙ୍କ ପାଇଁ ୩ ବର୍ଷ ଚୁକ୍ତିଭିତ୍ତିକ ଅବଧି ଲଦି ଦିଆଯାଇଛି । ବିଭାଗୀୟ ମୁଖ୍ୟ ଦପ୍ତରର ଅମଲତାଙ୍କଠାରେ ଆରମ୍ଭ କରି ଜିଲ୍ଲାର କର୍ମଚାରୀ ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ୍ ସବ୍ ଇନ୍ସପେକ୍ଟରଠାରୁ କନଷ୍ଟେବଲ୍, ଅଗ୍ନିକ, ଡାକ୍ତର ଓ ନର୍ସ ଇତ୍ୟାଦି ବର୍ଗର କର୍ମଚାରୀ ଓ ପ୍ରାଥମିକ ଶିକ୍ଷକଙ୍କଠାରୁ ମାଧ୍ୟମିକ ଶିକ୍ଷକଙ୍କ ପର୍ଯ୍ୟନ୍ତ ୬ ବର୍ଷିଆ ଚୁକ୍ତିଭିତ୍ତିକ ବ୍ୟବସ୍ଥାରେ ନିଯୁକ୍ତି ଦେଇ ଅନାବଶ୍ୟକ ତାରତମ୍ୟ ସୃଷ୍ଟି କରାଯାଇଛି । ଆଇ.ଏ.ଏସ୍., ଓ.ଏ.ଏସ୍, ଓ.ଏଫ୍.ଏସ୍. ସଚିବାଳୟ, ବିଧାନସଭା ତଥା ଉଚ୍ଚ ନ୍ୟାୟାଳୟ କର୍ମଚାରୀଙ୍କ ପ୍ରତି ଗୋଟିଏ ନିୟମ ଓ ଅନ୍ୟ କର୍ମଚାରୀ ଶିକ୍ଷକମାନଙ୍କ ପ୍ରତି ଆଉ ଗୋଟିଏ ନିୟମକୁ ସଭ୍ୟ ସମାଜ ଓ ଗଣତନ୍ତ୍ରର ନିରପେକ୍ଷ ଶାସନ ବ୍ୟବସ୍ଥାରେ ଗ୍ରହଣୀୟ କି, ବୋଲି ନେତୃମଣ୍ଡଳୀ ପ୍ରଶ୍ନ କରିଛନ୍ତି । ଯଦି ଆର୍ଥିକ ଦୁରାବସ୍ଥା ଆଳରେ ଏହି ବ୍ୟବସ୍ଥା ପ୍ରଣୟନ କରାଯାଇଥିଲା, ସେତେବେଳେ ଆଇ.ଏ.ଏସ୍., ଓ.ଏ.ଏସ୍., ଓ.ଏଫ୍.ଏସ୍. ପ୍ରଭୃତିଙ୍କ କ୍ଷେତ୍ରରେ କାହିଁକି ଲାଗୁ କରାଗଲା ନାହିଁ ଓ ଯଦି ଏବେ ଓଡ଼ିଶା ଆର୍ଥିକ ଦୃଷ୍ଟିରୁ ବଳକା ଏବଂ ସ୍ୱାବଲମ୍ବି ରାଜ୍ୟ ତେବେ ଏହି ବ୍ୟବସ୍ଥା ପ୍ରତ୍ୟାହାର କରାଯାଇନାହିଁ ଓ ଯଦି ଏବେ ଓଡ଼ିଶା ଆର୍ଥିକ ଦୃଷ୍ଟିରୁ ବଳକା ଏବଂ ସ୍ୱାବଲମ୍ବି ରାଜ୍ୟ ତେବେ ଏହି ବ୍ୟବସ୍ଥା ପ୍ରତ୍ୟାହାର କରାଯାଇନାହିଁ କାହିଁକି ବୋଲି ପ୍ରଶ୍ନ ଉଠୁଛି । ତେବେ କ’ଣ ବୁଝିବାକୁ ହେବ ଯେ, ଏହି ବ୍ୟବସ୍ଥାରେ କର୍ମଚାରୀଙ୍କ ପେଟରୁ କାଟି ଓ ସେମାନଙ୍କର ଶ୍ରମଶକ୍ତିକୁ ଶୋଷଣ କରି ସରକାର ଆର୍ଥିକ ବଳକା ରାଜ୍ୟ ଓ ମାନ୍ୟବର ମୁଖ୍ୟମନ୍ତ୍ରୀ ଏକ ନମ୍ବର ପ୍ରଶାସକ ହୋଇଛନ୍ତି କି ? ଲକ୍ଷ ଲକ୍ଷ ଟଙ୍କା ଦରମା ଓ ମାସିକ ହଜାର ହଜାର ଟଙ୍କା ଆନୁସଙ୍ଗିକ ଭତ୍ତା ପାଉଥିବା ଜନସେବକ ବିଧାୟକମାନେ ଯେତେବେଳେ ତାଙ୍କୁ ପ୍ରଦତ୍ତ ରାଶି ନିଅଣ୍ଟ ବୋଲି କହି ଦରମା ବୃଦ୍ଧି ପାଇଁ ବିଧାନସଭାରେ ଏକ ସ୍ୱରରେ ଦାବି କରୁଛନ୍ତି, ସେତେବେଳେ ୮ ହଜାରରୁ ୧୩ ହଜାର ଟଙ୍କା ଦରମା ପାଇ ଏହି କର୍ମଚାରୀମାନେ କିଭଳି ଉପାଦେୟ ଓ ସନ୍ତୋଷଜନକ ସେବା ଯୋଗାଇପାରିବେ, ତାହା ସରକାର ବିଚାର କରନ୍ତୁ ବୋଲି ନେତୃମଣ୍ଡଳୀ ଆହ୍ୱାନ ଦେଇଛନ୍ତି ।

### ଭାରତ ଯୋଡ ଯାତ୍ରା ବେଳେ....

ବହୁତ ଭଲ ପାଆନ୍ତି । ତେଣୁ ରାହୁଲଙ୍କ ବିବାହ ପାଇଁ ଜଣେ ତାମିଲ ଝିଅର ବ୍ୟବସ୍ଥା କରିଦେବେ ବୋଲି ମହିଳାମାନେ କହିଥିଲେ । ଉଲ୍ଲେଖଥାଉ କି ଗତକାଲି ରାହୁଲ ଏସିଆର ପ୍ରଥମ ମହିଳା ବସ୍ ଡ୍ରାଇଭର ଏମ ବସନ୍ତକୁମାରୀଙ୍କୁ ମଧ ଭେଟିଥିଲେ । ବସନ୍ତକୁମାରୀ ୨୩ ବର୍ଷରୁ ଅଧିକ ସମୟ ଧରି ବସ୍ ଚଳାଉଛନ୍ତି । ଚେନ୍ନାଇର ବସନ୍ତକୁମାରୀ ମହିଳା ସଶକ୍ତିକରଣରେ ଏକ ଜଣାଶୁଣା ନାମ । ଆର୍ଥିକ ସ୍ଥିତି ଖରାପ ହେବାରୁ ଯଦିଓ ସେ ଗାଡି ଚଳାଇବା ଆରମ୍ଭ କରିଥିଲେ, କିନ୍ତୁ ପରେ ଗାଡି ଚଳାଇବା ତାଙ୍କର ନିଶାରେ ପରିଣତ ହୋଇଯାଇଥିଲା ।

### ସିଏନ୍‌ଜି ବସ୍ କିଣା ମାମଲାର....

ଗୁରୁତର ଦୁର୍ନୀତି ଅଭିଯୋଗ ରହିଛି । ଧ୍ୟାନ ବଦଳାଇବା ପାଇଁ ସେ ଏପରି ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏଭଳି ତଦନ୍ତ ଏପର୍ଯ୍ୟନ୍ତ କୌଣସି ଫଳାଫଳ ଦେଇନାହିଁ । ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ବିରୋଧରେ ଭିତ୍ତିହୀନ ଅଭିଯୋଗ ପରେ ସେ ବର୍ତ୍ତମାନ ଚତୁର୍ଥ ମନ୍ତ୍ରୀଙ୍କ ଉପରେ ଅଭିଯୋଗ କରୁଛନ୍ତି । ଦିଲ୍ଲୀ ଉପରାଜ୍ୟପାଳ ପ୍ରଥମେ ନିଜ ବିରୋଧରେ ଆସିଥିବା ଦୁର୍ନୀତି ଅଭିଯୋଗର ଉତ୍ତର ଦେବା ଉଚିତ୍ । ସେ ଖଦି ଗ୍ରାମ ଶିଳ୍ପ ଆୟୋଗର ଚେୟାରମ୍ୟାନ୍ ଭାବରେ ୧୪୦୦କୋଟି ଟଙ୍କା ଠକେଇ କରିଥିବା ଅଭିଯୋଗ ହୋଇଛି ।

## ଶ୍ରୀ ଚୈତନ୍ୟ ଇନ୍‌ଷ୍ଟିଚ୍ୟୁଟ ଅଫ୍ ବୈଷ୍ଣବିକ କଲଚର ଦ୍ୱାରା ରକ୍ତଦାନ ଶିବିର

ଭୁବନେଶ୍ୱର, ୧୧/୦୯ (ନି.ପ୍ର): ରକ୍ତଦାନ ମହତ୍ ପୂଣ୍ୟ । ରକ୍ତର ଅଭାବରୁ ଆମ ରାଜ୍ୟରେ ବହୁତ ଲୋକ ଅକାଳରେ ମୃତ୍ୟୁବରଣ କରିଥାନ୍ତି । ନିୟମିତ ରକ୍ତ ଆବଶ୍ୟକ କରୁଥିବା, ରକ୍ତଶୂନ୍ୟତା ଭୋଗୁଥିବା ଶିଶୁ, ପୋଡ଼ାଜଳା ରୋଗୀ, ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତି ଏବଂ ଥାଲାମେସିଆ, ଅସହାୟ ଓ ନିରାଶ୍ରୟ ରୋଗୀମାନଙ୍କୁ ବଞ୍ଚାଇ ରଖିବା ପାଇଁ ରକ୍ତର ଆବଶ୍ୟକତା ପଡ଼ିଥାଏ । ହେଲେ ଏ ରକ୍ତ ଆସିବ କେଉଁଠୁ ? କେବଳ ବଦାନ୍ୟ ବ୍ୟକ୍ତିମାନେ ହିଁ ନିଜ ଶରୀରରୁ ଏହି ରକ୍ତଦାନ କରିପାରିବେ । ରକ୍ତଦାତା ନ ରହିଲେ ରକ୍ତ ଆବଶ୍ୟକ କରୁଥିବା ପୀଡ଼ିତଙ୍କ ଜୀବନରକ୍ଷା କରିବା ସମ୍ଭବ ନୁହେଁ । ଆଉ ଯଦି ସ୍ୱେଚ୍ଛାକୃତ ରକ୍ତଦାତା ନ ବାହାରନ୍ତି, ତେବେ ରକ୍ତ ଆବଶ୍ୟକ କରୁଥିବା ସବୁ ପୀଡ଼ିତଙ୍କୁ ରକ୍ତ ଯୋଗାଇବା ଅସମ୍ଭବ ହୋଇପଡ଼ିବ । ଯାହାକି ସେମାନଙ୍କ ଅକାଳ ମୃତ୍ୟୁର କାରଣ ହୋଇଥାଏ । ଏହାକୁ ଦୃଷ୍ଟିରେ ରଖି ଶ୍ରୀ ଚୈତନ୍ୟ ଇନ୍‌ଷ୍ଟିଚ୍ୟୁଟ ଅଫ୍ ବୈଷ୍ଣବିକ କଲଚର ତରଫରୁ କ୍ୟାପିଟାଲ ହସ୍ପିଟାଲର ମଡ଼େଲ ବ୍ଲଡ଼ ବ୍ୟାଙ୍କ ନିର୍ଦ୍ଦେଶକ ଡ଼କ୍ଟର ଦେବାଶିଷ ମିଶ୍ରଙ୍କ ନିର୍ଦ୍ଦେଶରେ ଭୁବନେଶ୍ୱର ସହିଦ ନଗରଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି ।

## ମନୋରଞ୍ଜନ ସେବା ଫାଉଣ୍ଡେସନ ପକ୍ଷରୁ ବୃକ୍ଷରୋପଣ



ବାଲେଶ୍ୱର,୧୧/୦୯ (ନି.ପ୍ର): ଶହୀଦ ବୀର ବାଘାଯତୀନଙ୍କ ୧୦୮ ତମ ବଳିଦାନ ସ୍ମୃତି ଦିବସ ଅବସରରେ ‘ମନୋରଞ୍ଜନ ସେବା ଫାଉଣ୍ଡେସନ’ ତରଫରୁ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଚଷାଖଣ୍ଡ ଦେଶୁଆଁ ପୋଖରୀ ବାଘାଯତୀନ ସ୍ମୃତିପୀଠରେ ବିପ୍ଳବୀ ବୀରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଫାଉଣ୍ଡେସନ ପକ୍ଷରୁ ବୃକ୍ଷରୋପଣ କରାଯାଇଥିଲା । ଫାଉଣ୍ଡେସନର ସଭାପତି ସୁରେଶ କୁମାର ଜେନା, ସମ୍ପାଦକ ଆଶିଷ କୁମାର ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସହିଦ ସ୍ମୃତିପୀଠରେ ଶତାଧିକ ବୃକ୍ଷଚାରା ରୋପଣ କରାଯାଇଛି । ବିଶେଷ କରି ଗଛଗୁଡିକ ମଧ୍ୟରେ ବିଭିନ୍ନ ପ୍ରକାର ଫୁଲ ଗଛ ସମେତ ଶିଶୁ, ନିମ୍ବ, ରାଧାଚୂଡା, ପିଜୁଳି, ଜାମୁ, କରଞ୍ଜ ଇତ୍ୟାଦି ଚାରା ରୋପଣ କରାଯାଇଛି । ଫାଉଣ୍ଡେସନର ଏପରି କାର୍ଯ୍ୟକୁ ଉପସ୍ଥିତ ଅତିଥି ତଥା ଜନସାଧାରଣ ଭୂୟସୀ ପ୍ରଶଂସା କରିଥିଲେ । ଆଗାମୀ ଦିନରେ ଅନ୍ୟାନ୍ୟ ସ୍ଥାନରେ ବି ଏହିଭଳି ବୃକ୍ଷରୋପଣ କରାଯିବ ବୋଲି ସଭାପତି ଶ୍ରୀ ଜେନା ସୂଚନା ଦେଇଛନ୍ତି ।

## ବସ୍ତା ଅଞ୍ଚଳରେ ବିଭିନ୍ନ ଜାଗାରେ ଭାଗବତ ଜୟନ୍ତୀ

ବସ୍ତା, ୧୧/୦୯ (ନି.ପ୍ର): ବିଭିନ୍ନ ଭାଗବତ ଟୁଙ୍ଗି ରେ ଭାଗବତ ପାଠ କରାଯାଉଛି ,ଏହି ଜୟନ୍ତୀ ଅବସରରେ ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ଝିଞ୍ଜିପୁରା ଗ୍ରାମରେ ଥିବା ଶ୍ରୀ ଜଗନ୍ନାଥ ମଦନ ମୋହନ ଜୀଉ ଚେତନା ମଣ୍ଡଳୀ ପକ୍ଷରୁ ମଧ ଭାଗବତ ପାଠ କରାଯାଉଛି, ଗ୍ରାମର ବୃଦ୍ଧ ବୃଦ୍ଧା ମାନେ ଏହି ଭାଗବତ ଟୁଙ୍ଗି କୁ ଆସି ଭାଗବତ ପାଠ କରିଛନ୍ତି, ପିଲା ଠାରୁ ବୃଦ୍ଧ ସମସ୍ତେ ଏହାକୁ ଶ୍ରବଣ କରିଥିଲେ, ଭାଗବତ ପାଠ ଦ୍ୱାରା ମନରେ ଆଧ୍ୟାତ୍ମିକ ଭାବନା ଜାଗ୍ରତ ହେବ, ମନରେ ଥିବା ଲୋଭ, ମୋହ, ମାୟା, ହିଂସ, କ୍ରୋଧ ଦୁର ହେବ । ଯାହାଫଳରେ ଫଳରେ ଲୋକ ମାନଙ୍କ ଭିତରେ ସ୍ନେହ ଶ୍ରଦ୍ଧା ଭକ୍ତି ଆସିବ, ମାନସିକ ଶାନ୍ତି ମିଳିବ ବୋଲି ଭାଗବତ ପାଠ କରୁଥିବା ପଣ୍ଡିତ ମାନେ କହିଛନ୍ତି, ଆଜିର ଯୁବପିଢି ମାନଙ୍କ ଭିତରେ ଭାଗବତ ପାଠ ପ୍ରତି ଆଗ୍ରହ ନରହି ଆଧୁନିକ ଗିତ ରେକର୍ଡ ଡାନ୍ସ ଆଡ଼କୁ ମୁହାଁଉଛନ୍ତି, ଯାହା ଫଳରେ ସେମାନଙ୍କ ଭିତରେ ଗୁରୁ ଲଘୁ, ଭାବ ଭକ୍ତି କିଛି ରହୁନାହିଁ, ସେହି ଯୁବପିଢି ମାନଙ୍କ ମନରେ ପରିବର୍ତ୍ତନ ଆଣିବ ଭାଗବତ ପାଠ, ଝିଞ୍ଜିପୁରାର ଏହି ଭାଗବତ ଟୁଙ୍ଗି ବହୁ ପୁରାତନ ହୋଇଥିଲେ ମଧ ଆବଶ୍ୟକ ଭିତ୍ତିଭୂମୀ ନଥିବାରୁ ଏହା ଅବହେଳିତ ହୋଇ ପଡ଼ି ରହିଥିଲା, ଗତ କିଛି ବର୍ଷ ହେବ ଗ୍ରାମର କେତେଜଣ ଧର୍ମ ପରାୟଣ ଲୋକ ପୁଣି ଥରେ ଏହାକୁ ପୁନରୁଦ୍ଧାର କରି ଗ୍ରାମର ମାଉସୀ ମା ମନ୍ଦିର ରେ ଭାଗବତ ପାଠ ଓ ଭାଗବତ ଆଲୋଚନା କରୁଛନ୍ତି, ଭାଗବତ ଟୁଙ୍ଗି ପାଇଁ ଘର ଏବଂ ପଠନ ପାଇଁ ଆବଶ୍ୟକ ପାଠ୍ୟ ଉପକରଣ ଯୋଗାଇ ଦେବାପାଇଁ ସରକାରଙ୍କୁ ନିବେଦନ କରିଛନ୍ତି ।

ଧ୍ୱନି ପ୍ରତିଧ୍ୱନି



# ଇନ୍ଦୁ ପୂର୍ଣ୍ଣିମାରେ ଭାଗବତ କଥାମୃତ ପ୍ରବଚନ

ଜଳେଶ୍ୱର ୧୧/୯(ନି.ପ୍ର): ପବିତ୍ର ଉନ୍ଦୁ ପୂର୍ଣ୍ଣିମା ଓ ଶ୍ରୀମଦ୍ ଭାଗବତର ଜନ୍ମ ଦିନ ଉପଲକ୍ଷେ ଏକ ଭାଗବତୀ ପ୍ରବଚନ କାର୍ଯ୍ୟକ୍ରମ ବେଲି ଗୋପିନାଥପୁର ଗ୍ରାମର ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ଦିବସବ୍ୟାପୀ କାର୍ଯ୍ୟକ୍ରମରେ ବହୁ ଆଧ୍ୟାତ୍ମିକ ଚିନ୍ତା ଚେତନାରେ ଭକ୍ତମାନେ ଉପସ୍ଥିତ ହୋଇ ଭାଗବତ ପ୍ରବଚନରେ ଭାଗ ନେଇଥିଲେ। ପ୍ରବଚକଭାବେ କୁରୁଠିଆ କୃଷ୍ଣ କୃପା ସେବା ଶ୍ରମର ରାଇଚରଣ ଦାସ ବାବାଜୀ ମହାରାଜ ଭାଗବତ କଥାମୃତ ସମ୍ପର୍କରେ ପ୍ରବଚନ ଦେଇଥିଲେ । ହରିକଥା ଶ୍ରବଣ, କୀର୍ତ୍ତନ ଓ ସତ୍‌ସଂଗ ସଂପର୍କରେ ସେ ବ୍ୟାକ୍ଷା କରିଥିଲେ ।

# ବାଘାଯତୀନ୍‌ଙ୍କ ୧୦୮ତମ ବଳିଦାନ ଦିବସରେ ଶ୍ୱେତାଲିସା ସମ୍ବର୍ଦ୍ଧିତ



କପ୍ତିପଦା, ୧୧/୦୯ (ନି.ପ୍ର): ସହିଦ ବାଘାଯତୀନ ସ୍ମୃତିପୀଠ, ମହୁଲଡ଼ିହାଠାରେ ସହିଦ ବାଘାଯତୀନଙ୍କ ୧୦୮ତମ ବଳିଦାନ ଦିବସ, ଆଜାଦୀ କି ଅମୃତ ମହୋତ୍ସବ ଏବଂ ଶ୍ରୀଅରବିନ୍ଦଙ୍କ ୧୫୦ତମ ଜୟନ୍ତୀ ଉତ୍ସବ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ରୀ କଣ୍ଠଶିଳ୍ପୀ ଶ୍ୱେତାଲିସା ଶୁଭଦର୍ଶିନୀଙ୍କୁ ମୁଖ୍ୟ ଅତିଥି କେନ୍ଦ୍ର ଜଳଶକ୍ତି ଓ ଆଦିବାସୀ ବ୍ୟାପାର ମନ୍ତ୍ରୀ ଇଂ ବିଶ୍ୱେଶ୍ୱର ଟୁଡୁ ପ୍ରତିଭା ସମ୍ମାନରେ ସମ୍ମାନିତ କରିଥିଲେ। ଇଂ ଅଶୋକ କୁମାର ଚକ୍ରବର୍ତ୍ତୀଙ୍କ ଅଧକ୍ଷତାରେ ଏହି ସାଧାରଣ ସଭାରେ ମୁଖ୍ୟ ବକ୍ତା ଭାବେ ଧର୍ମଜାଗରଣ କ୍ଷେତ୍ରୀୟ ପ୍ରମୁଖ ବିନୟ କୁମାର ଭୂୟାଁ, ବିଶିଷ୍ଟ ଅତିଥିଭାବେ ପୂର୍ବତନ ସାଂସଦ ବୀରଭଦ୍ର ସିଂ, ଉଦଳା ବିଧାୟକ ଭାସ୍କର ମଢ଼େଇ, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ୍, କ୍ରାନ୍ତିକାରୀ ଶତାବ୍ଦୀ ଆୟୋଜନ ସମିତି ମଧ୍ୟପ୍ରଦେଶର ଆବାହକ ରବୀନ୍ଦ୍ର ଭରଦ୍ୱାଜ, ସମାଜସେବୀ ପ୍ରବୀର ଚନ୍ଦ୍ର ସାଏ, ବିଶୋଳ ସରପଞ୍ଚ ଭଗୀରଥ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ। ସହିଦ୍ ସ୍ମୃତି ପରିଷଦର କାର୍ଯ୍ୟକାରୀ ସଭାପତି ତଥା ବିଶିଷ୍ଟ ଶିକ୍ଷାବିତ୍ ପ୍ରଫୁଲ୍ଲ ଚନ୍ଦ୍ର ମହାଳିକ ମଞ୍ଚ ପରିଚାଳନା କରିଥିବାବେଳେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓଷ୍ଟାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭରତ ଚନ୍ଦ୍ର ବରାଳ। ସଂପାଦକୀୟ ବିବରଣୀ ପାଠ କରିଥିଲେ ସ୍ମୃତି ପରିଷଦର ସଂପାଦକ ତଥା ସାମ୍ବାଦିକ ସୁଶାନ୍ତ ମିଶ୍ର। ସକାଳେ ସ୍ମୃତିପୀଠରୁ ସହିଦ୍ ଜ୍ୟୋତିକୁ ପ୍ରଜଳ୍ୱନ କରି ଏକ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ତଥା ଅତିଥିମାନେ ଏକ ଶୋଭାଯାତ୍ରାରେ କପ୍ତିପଦା ବଜାର ଓ ଗ୍ରାମ ପରିକ୍ରମା କରି ପହଞ୍ଚିବା ପରେ ବିଡ଼ିଓ ସତ୍ୟନାଥ ନାଏକ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମରେ ଉପଖଣ୍ଡର ବହୁ ବୁଦ୍ଧିଜୀବୀ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ଟାଟା ପାୱାର ପକ୍ଷରୁ ନିଯୁକ୍ତ ଏଜେନ୍‌ସି ମନମୁଖୀ ଶାସନ ଅତିଷ୍ଠ ଠିକା କର୍ମଚାରୀଙ୍କ ବିକ୍ଷୋଦ୍‌ଗାର




ଭଦ୍ରକ,୧୧/୦୯ (ନି.ପ୍ର): ଟାଟା ପାୱାରା ବିଦ୍ୟୁତ ଯୋଗାଣ ଦାୟିତ୍ୱ ନେଇ ଏହାର ପରିଚାଳନା ଭାର କେତେକ ଏଜେନ୍‌ସି ହାତକୁ ଟେକି ଦେଇଛି। ସେହି ଏଜେନ୍ସିର କର୍ତ୍ତୃପକ୍ଷଙ୍କ ମନମୁଖୀ ଶାସନର ପ୍ରତିବାଦ କରିଛନ୍ତି କାର୍ଯ୍ୟରତ ଠିକା କର୍ମଚାରୀମାନେ। ଆଜି ଅପରାହ୍ଣରେ ଭଦ୍ରକ ନୂଆବଜାର ସ୍ଥିତ ଭାଗବତ କଲ୍ୟାଣ ମଣ୍ଡପ ଠାରେ ଏ ନେଇ ଏକ ସଭାର ଆୟୋଜନ କରିଥିଲେ। ଏଥିରେ ଯୁବ ଆଇନଜୀବୀ ରଂଜନ ପଣ୍ଡା ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଶା ବିଦ୍ୟୁତ କର୍ମଚାରୀ ମହାସଂଘର ସାଧାରଣ ସମ୍ପାଦକ ଅମର କୁମର ପ୍ରତାପ ସିଂ, ମୁଖ୍ୟବକ୍ତା ଭାବେ ଓଡ଼ିଶା ବିଦ୍ୟୁତ କର୍ମଚାରୀ ମହାସଂଘର ଯୁଗ୍ମ ସମ୍ପାଦକ ପ୍ରିୟବ୍ରତ ନାୟକ, ଟିପିଏନଓଡିଏଲ୍‌ର ଜୋନାଲ ସମ୍ପାଦକ ହରିଶ୍ ଚନ୍ଦ୍ର ଦାସ ଓ ସଂଗଠନ ସମ୍ପାଦକ ବଟକୃଷ୍ଣ ଜେନା ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ସଭାରେ ମିଟର ରିଡିଂ କର୍ମଚାରୀ, କଣ୍ଟ୍ରୋଲ ରୁମ୍ କର୍ମଚାରୀ, ମେଣ୍ଟେନାନ୍‌ସ୍ କର୍ମଚାରୀ, କଲେକ୍‌ସନ କର୍ମଚାରୀ ମିଳିତ ଭାବେ ଯୋଗ ଦେଇ ସ୍ଥାୟୀ ଚାକିରି, ସମାନ କାମକୁ ସମାନ ଦରମା, ଠିକା କର୍ମଚାରୀଙ୍କ ବଦଳି ବନ୍ଦ ଭଳି ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ। କର୍ମଚାରୀଙ୍କ ମଧ୍ୟରେ ବହୁ ଉଚ୍ଚ ଶିକ୍ଷିତ ପିଲା ରହିଥିଲେ ମଧ୍ୟ ସେମାନଙ୍କୁ ସେମାନଙ୍କ ଯୋଗ୍ୟତା ଅନୁସାରେ କାର୍ଯ୍ୟ ଦିଆଯାଉ ନାହିଁ। ସ୍ୱଳ୍ପ ଦରମାରେ ଘର ପାଖରେ ରହି କାମ କରି ପାରୁଥିବା କର୍ମଚାରୀଙ୍କୁ ନିଜ ଘରଠାରୁ ବହୁ ଦୂରକୁ ବଦଳି କରିବା ଦ୍ୱାରା ସେଠାରେ ଘରଭଡ଼ା ନେଇ ପିଲାଛୁଆଙ୍କୁ ଧରି ସ୍ୱଳ୍ପ ଦରମାରେ କିପରି କାମ କରିହେବ ସେ ନେଇ ପ୍ରଶ୍ନ ଉଠାଇଥିଲେ। କମ୍ପାନୀ ନିଜେ କିଛି ନ ବୁଝି ଏଜେନ୍‌ସି ଉପରେ ନିର୍ଭର କରୁଥିବାରୁ କର୍ମଚାରୀମାନେ ଦୁର୍ଦ୍ଦିନର ଶିକାର ହେଉଛନ୍ତି ବୋଲି ଆରୋପ କରିଥିଲେ। ନିଜର ହକ୍ ହାସଲ ପାଇଁ ଠିକା କର୍ମଚାରୀ ଏକ ହେବାକୁ ସଂଘ ପକ୍ଷରୁ ଆହ୍ୱାନ ଦିଆ ଯାଇଥିଲା। ଏହି ଆନ୍ଦୋଳନକୁ ଜୋରଦାର କରିବା ପାଇଁ ଭଦ୍ରକର ବିଭିନ୍ନ ସର୍କଲ ପାଇଁ ସର୍କଲ ସ୍ତରୀୟ ନେତା ଚୟନ କରାଯାଇଥିଲା। ଏମାନଙ୍କ ମଧ୍ୟରେ ଭଦ୍ରକ ସର୍କଲ ଆଡ୍‌ଭାଇଜର ଭାବେ ଆଇନଜୀବୀ ରଂଜନ କୁମାର ପଣ୍ଡା, ଡେପୁଟି ସର୍କଲ ସେକ୍ରେଟାରୀ ନିରାକାର ପତି, ସର୍କଲ ଅର୍ଗାନାଇଜର କମଲ କୁମାର ପଣ୍ଡା, ବିଏନ୍‌ଇଡିର ଡେପୁଟି ଡିଭିଜନାଲ ସେକ୍ରେଟାରୀ ଭାବେ ଦେବବ୍ରତ ରାଉଳ, ଆସିଷ୍ଟାଣ୍ଟ ସେକ୍ରେଟାରୀ ଶଶିକାନ୍ତ ମିଶ୍ର, ଅର୍ଗାନାଇଜିଂ ସେକ୍ରେଟାରୀ ଦେବାଶିଷ ମହାନ୍ତି, ବିଏସ୍‌ଇଡିର ଡିଭିଜନାଲ ଡେପୁଟି ସେକ୍ରେଟାରୀ ଭାବେ ଚିତ୍ତରଂଜନ ମହାଳିକ, ଆସିଷ୍ଟାଣ୍ଟ ସେକ୍ରେଟାରୀ ବୀରେନ୍ଦ୍ର ମିଶ୍ର, ଅର୍ଗାନାଇଜିଂ ସେକ୍ରେଟାରୀ ଭାବେ କାର୍ତ୍ତିକ ମହାପାତ୍ରଙ୍କୁ ଚୟନ କରାଯାଇଥିଲା।

# ହାତିଆଡିହା ଶିବମୁନି ଯୋଗଶିକ୍ଷା କେନ୍ଦ୍ରରେ ଦୀକ୍ଷାଙ୍କର ଶୁଭ ଜନ୍ମଦିନ ପାଳିତ



ରୂପସା, ୧୧/୦୯ (ନି.ପ୍ର): ହାତିଆଡିହା ଶିବମୁନି ଯୋଗଶିକ୍ଷା କେନ୍ଦ୍ରରେ,ଆଶ୍ରମର ବରିଷ୍ଠ ଯୋଗ ସାଧକ ଯୋଗୀ ପରମାନନ୍ଦ ମୁନିଙ୍କର୭୪ତମ ଶୁଭ ଜନ୍ମଦିନ ପାଳନ ସହିତ,ତାଙ୍କର ନାତୁଣୀ ମୁନି କୁମାରୀ ଦୀକ୍ଷା ପ୍ରିୟଦର୍ଶିନୀଙ୍କର ଅଷ୍ଟମ ଶୁଭ ଜନ୍ମଦିନ,ଏକ ସଙ୍ଗରେ, ପ୍ରଚାର ସଙ୍ଗଠନ ମନ୍ତ୍ରୀ ଯୋଗୀ ଚିତ୍ତରଞ୍ଜନ ମୁନିଙ୍କ ସଭାପତିତ୍ୱରେ ମହାସମାରୋହରେ ପାଳିତ ହୋଇ ଯାଇଛି । ମୁଖ୍ୟ ଅତିଥି ଥିଲେ ମୁନି ରାଜ ଅମୂଲ୍ୟ ମୁନିଜୀ ମହୋଦୟ । ମୁଖ୍ୟ ବକ୍ତା ଥଲେ ମୁନିସମାଜର ଜ୍ୟୋତି, ଜିଲ୍ଲା ସମ୍ପାଦକ ଯୋଗୀ ଅନନ୍ତ ମୁନିଜୀ ମହୋଦୟ । ସମ୍ମାନୀତ ବକ୍ତା ହିସାବରେ ମଞ୍ଚାସୀନଥିଲେ, ଆଶ୍ରମର ଯୋଗଶିକ୍ଷୟତ୍ରୀ କଳ୍ପନା ମିସ୍ତ୍ରୀ ମହୋଦୟା ଏବଂ କଣ୍ଠଶୀଳ୍ପୀ ଯୋଗଶିକ୍ଷୟତ୍ରୀ ମଞ୍ଜୁଲତା ବେହେରା । ଆଶିର୍ବଚନୀୟ ସଙ୍ଗୀତ ଗାନ କରିଥିଲେ ଯୋଗସାଧିକା ବାସନ୍ତୀ ମହାଳିକ,ବିମଳା ଲେଙ୍କା, ସୁମତୀ ଦଳାଇ ପ୍ରମୁଖ । ଉପସ୍ଥିତ ଥିଲେ, ଆଶ୍ରମର ଉପାଧ୍ୟକ୍ଷା ମୁନିରାଜ୍ଞୀ କନକ ଲତା ମହାପାତ୍ର, ଚିତ୍ତରଞ୍ଜନ ବର, ମୁନି ମତୀ ପୂର୍ଣ୍ଣିମା ବର, ଶକୁନ୍ତଳା ପରିଡ଼ା, କୈକେୟୀ ଜେନା, ମଞ୍ଜୁ ମହାଳିକ, ଜାହ୍ନବି ଗିରି, କୁନି ମାଝୀ, ମୁନି ନାରାୟଣ ମହାପାତ୍ର,ମୁନି କୁମାରୀ ରାଜଶ୍ରୀ ରାଜନନ୍ଦିନୀ ଇତ୍ୟାଦି ବହୁ ମୁନି ମୁନିମତୀ ମାନେ । ପ୍ରଥମେ ସଭାପତିଙ୍କ ନିର୍ଦ୍ଦେଶରେ ସମୂହ ପ୍ରଣବ ଶୁଭ ଭାବନା, ବେଦ ପାଠ ଶାନ୍ତି ପାଠ କରାଯାଇ, ଉଭୟଙ୍କର ଦୀର୍ଘ ନୀରୋଗ ନିରାମୟ ଆନନ୍ଦମୟ ଯୋଗମୟ ଜୀବନର ଶୁଭ ଆଶୀର୍ବାଦ ପ୍ରଦାନ କରାଯାଇଥିଲା । ଯୋଗୀ ପରମାନନ୍ଦ ମୁନି ତାଙ୍କ ଯୋଗମୟ ଜୀବନର ଅନୁଭୂତୀ ସହିତ ସିଦ୍ଧାନ୍ତ ବର୍ଣ୍ଣନା କରିବା ସହିତ ସମସ୍ତଙ୍କର ଦୀର୍ଘ ନୀରୋଗ ନିରାମୟ ଜୀବନର ଶୁଭକାମନା କରିଥିଲେ । ପ୍ରତିଦିନ ଯମ ନିୟମ ପାଳନ ପୂର୍ବକ ଚକ୍ରଭେଦନ କ୍ରିୟା ଜାରି ରଖିଲେ,ନୀରୋଗ ରହିବା ସହିତ, ସମସ୍ତ ମନସ୍କାମନା ପୁରଣ ହୋଇ ପାରିବ ବୋଲି ସେ ଦୃଢତାର ସହିତ ପ୍ରକାଶ କରିଥିଲେ । ଶେଷରେ ସେ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

# ରାଜ୍ୟରେ ନୂଆ ୨୪୫ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୧/୦୯ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୨୪୫ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ୍ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୩୩୦୨୪୦ କୁ ବୃଦ୍ଧି ପାଇଛି । ନୂଆ ଚିହ୍ନଟ ୨୪୫ ଆକ୍ରାନ୍ତଙ୍କ ମଧ୍ୟରୁ ୧୪୪ ଜଣ କ୍ୱାରେଂଟାଇନ (ସଙ୍ଗରୋଧ)ରୁ ଏବଂ ୧୦୧ ଜଣ ଲୋକାଲ୍ କଂଟାକ୍ଟ (ସ୍ଥାନୀୟ ସମ୍ପର୍କ)ରୁ ରହିଛନ୍ତି । ସେହିପରି ୦ ରୁ ୧୮ ବର୍ଷ ମଧ୍ୟରେ ୪୩ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ନେଇ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି । ଅନ୍ୟପକ୍ଷରେ ନୂଆ ୨୪୬ ଜଣ ସୁସ୍ଥ ହେବା ପରେ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୩୧୯୨୪୬ ରେ ପହଂଚିଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୭୫୬ ରହିଛି । ରାଜ୍ୟରେ ଆଜି ଚିହ୍ନଟ ହୋଇଥିବା ୨୪୫ ସଂକ୍ରମିତଙ୍କ ମଧ୍ୟରୁ ବାଲେଶ୍ୱର ଜିଲ୍ଲାରେ ୩, ବରଗଡ଼ ଜିଲ୍ଲାରେ ୧, ଭଦ୍ରକ ଜିଲ୍ଲାରେ ୩, ବଲାଙ୍ଗିର ଜିଲ୍ଲାରେ ୧୨, ବୌଦ୍ଧ ଜିଲ୍ଲାରେ ୧, କଟକ ଜିଲ୍ଲାରେ ୧୨, ଦେବଗଡ଼ ଜିଲ୍ଲାରେ ୨, ଗଞ୍ଜାମ ଜିଲ୍ଲାରେ ୪, ଜଗତସିଂହପୁର ଜିଲ୍ଲାରେ ୩, ଯାଜପୁର ଜିଲ୍ଲାରେ ୭, ଝାରସୁଗୁଡ଼ା ଜିଲ୍ଲାରେ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# ଲଘୁଚାପ ଜନିତ ବର୍ଷା ପାଣିରେ ବେହାଲ ୨ନଂ. ୱାର୍ଡ

ନୀଳଗିରି, ୧୧/୦୯ (ନି.ପ୍ର): ଲଗାଣ ଲଘୁଚାପ ବର୍ଷା ଯୋଗୁଁ ନୀଳଗିରି ଏନ.ଏ.ସି. ର ୨ନଂ. ୱାର୍ଡ ଘାଟଘରସାହି ଗ୍ରାମର ବେହାଲ କରିଦେଇଛି ବର୍ଷା ଜଳ । ଜଳ ନିଷ୍କାସନ ପାଇଁ ଡ୍ରେନେଜର ସୁବିଧା ନ ଥିବା ବେଳେ ବର୍ଷାଜଳ ଘରେ ପଶିଯାଇଥିଲା । ଫଳରେ ପିଲାଛୁଆଙ୍କୁ ଧରି ବହୁ ଅସୁବିଧାରେ ସମ୍ମୁଖୀନ ହୋଇଥିଲେ ୱାର୍ଡବାସୀ । ରବିବାର ସକାଳେ ନୀଳଗିରି ଏନ.ଏ.ସିର ଅଧକ୍ଷା ଅମ୍ବିକା ଦାସ ଖବର ପାଇଲା ପରେ ସମାଜ ସେବୀ ତଥା ଅଧକ୍ଷାଙ୍କ ସ୍ୱାମୀ ଶରତ ଦାସଙ୍କୁ ଧରି ୨ନଂ. ୱାର୍ଡରେ ପହଂଚି ଜଳ ନିଷ୍କାସନ ପାଇଁ ନୀଳଗିରି ଅଗ୍ନିଶମ ବାହିନୀଙ୍କୁ ଖବର ଦେବା ପରେ ଦମକଳବାହିନୀ ମେସିନ ଲଗାଇ ଘରେ ପଶିଥିବା ବର୍ଷା ଜଳକୁ ନିଷ୍କାସନ କରିଥିଲେ । ପରେ ଡ୍ରେନେଜ ଅବରୋଧ ସ୍ଥାନ ଗୁଡ଼ିକୁ ଜେସିବି ମେସିନ ଲଗାଇ ବର୍ଷାଜଳ କୁ ନିଷ୍କାସନ କରାଇଥିଲେ । ଫଳରେ କେଇ ଘଂଟା ମଧ୍ୟରେ ବର୍ଷାଜଳ ନିଷ୍କାସନ ହେଲା ପରେ ୱାର୍ଡବାସୀ ଆଶ୍ୱସ୍ତ ଲାଭ କରିଥିଲେ । ଅଧକ୍ଷାଙ୍କ ଏତାଦୃଶ କାର୍ଯ୍ୟକୁ ବୁଦ୍ଧିଜୀବୀ ମହଲରେ ବେଶ୍ ପ୍ରଶଂସା କରାଯାଇଛି ।


WITH BEST COMPLIMENTS FROM :

**MS GROWEL FORMULATIONS PVT. LTD**

*Sy NO : 64-67 CHENGIVHARLA VILLAGE ROAD, HYDERABAD-500092*

MS GROWEL FORMULATIONS PVT. LTD Provides the follwing Product for the betterment of the health of People and day to day Necessary Activities of Human kinds.




For more details:

*PLEASE CONTACT TO: GROWEL FORMULATIONS PVT. LTD*
*MOB: 9931660059, 9937209539, 9937258594*



❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo